
◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 • ISSUE-80 • SUNDAY • 13 SEPTEMBER 2026 • PAGE-12+4 • ₹ 7.00 | BHUBANESWAR | • ବର୍ଷ-୪୪ • ସଂଖ୍ୟା-୮୦ • ରବିବାର • ୧୩ ସେପ୍ଟେମ୍ବର ୨୦୨୬ • ପୃଷ୍ଠା-୧୨+୪ (ସିନ୍ଦୂରା) • ଟ.୭.୦୦








ସକାଳ
www.sakalaepaper.com

# ଗୃହୀତ ହେଲା ନୂଆଦିଲ୍ଲୀ ଘୋଷଣାପତ୍ର

## ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା, ଏକତରଫା ଶୁଳ୍କକୁ ବିରୋଧ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ବିଶ୍ୱ ଭୂ-ରାଜନୀତି ଓ ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ମଧ୍ୟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀରେ ଶନିବାର 'ନୂଆଦିଲ୍ଲୀ ଘୋଷଣାପତ୍ର' ଗୃହୀତ ହୋଇଛି। ଯୁଦ୍ଧ ଓ ଏକତରଫା ଶୁଳ୍କକୁ ବିରୋଧ, ବହୁପକ୍ଷୀୟ ଅନୁଷ୍ଠାନରେ ସଂସ୍କାର, ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ଏବଂ ବିକାଶଶୀଳ ଦେଶଗୁଡ଼ିକର ଅଧିକ ପ୍ରତିନିଧିତ୍ୱ-ଏସବୁ ବିଷୟକୁ ନୂଆଦିଲ୍ଲୀ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏହାସହିତ ୨୦୨୫ରେ ଜମ୍ମୁ-କଶ୍ମୀରରେ ପହଲଗାମରେ ହୋଇଥିବା ଆକ୍ରମଣର ତୀବ୍ର ନିନ୍ଦା କରାଯାଇଛି। ଏହି ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ। ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପାଇଁ ଏଥିରେ ଆହ୍ୱାନ କରାଯାଇଛି। ସୀମାପାର ଆତଙ୍କବାଦ, ପାଣ୍ଠି ସହାୟତା ଏବଂ ଆତଙ୍କବାଦୀଙ୍କୁ ପ୍ରଶ୍ରୟକୁ ଏଥିରେ ଜୋରଦାର ବିରୋଧ କରାଯାଇଛି।



ବ୍ରିକ୍ସର ଅଧ୍ୟକ୍ଷତା କରୁଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହମତିକ୍ରମେ ପ୍ରସ୍ତୁତ ଏହି ଘୋଷଣାପତ୍ରକୁ ସମ୍ମିଳନୀରେ ଗୃହୀତ ହୋଇଥିବା ଘୋଷଣା କରିଥିଲେ। ଘୋଷଣାପତ୍ରରେ ବହୁପକ୍ଷୀୟ ଅନୁଷ୍ଠାନଗୁଡ଼ିକରେ ସଂସ୍କାର ଆଣିବା ସହ ଜାତିସଂଘ ସୁରକ୍ଷା ପରିଷଦରେ 'ଗଠନମୂଳକ ପରିବର୍ତ୍ତନ' ଆବଶ୍ୟକତା ଉପରେ ଜୋର ଦିଆଯାଇଛି। ଏଥିସହ ଆତଙ୍କବାଦକୁ ଦୃଢ଼ ଭାବରେ ନିନ୍ଦା କରାଯାଇଥିବା ବେଳେ ଏକତରଫା ସାମରିକ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ବିରୋଧ କରାଯାଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ର ଯାତ୍ରୀଙ୍କ ସୁରକ୍ଷା ଓ ବାଣିଜ୍ୟିକ ଜାହାଜ ଚଳାଚଳର ସ୍ୱାଧୀନତା ନିଶ୍ଚିତ କରିବା ଉପରେ ମଧ୍ୟ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଘୋଷଣାପତ୍ରରେ ଜାତିସଂଘ ସୁରକ୍ଷା ପରିଷଦରେ ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଏବଂ କାରିବିୟାନ୍ ଅଞ୍ଚଳର ବିକାଶଶୀଳ ଦେଶଗୁଡ଼ିକର ଅଧିକ ପ୍ରତିନିଧିତ୍ୱ ପାଇଁ ଦାବି କରାଯାଇଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟକୁ ଅଧିକରୁ ଅଧିକ ସ୍ଥାନୀୟ ମୁଦ୍ରାରେ କରିବା ଦିଗରେ ଆଗକୁ ବଢ଼ିବା ପାଇଁ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ, ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ପରସ୍ପର ବାଣିଜ୍ୟରେ ଆମେରିକୀୟ ଡଲାର୍ ଉପରେ ନିର୍ଭରଶୀଳତା କମାଇ ନିଜ ନିଜ ମୁଦ୍ରାର ବ୍ୟବହାର ବଢ଼ାଇବାକୁ ଚାହୁଁଛନ୍ତି।

ବ୍ରିକ୍ସ ବିଶ୍ୱ ବାଣିଜ୍ୟ ସଂଗଠନ ବା ଡବ୍ଲ୍ୟୁଟିଓର ସଂସ୍କାର ପାଇଁ ଆହ୍ୱାନକୁ ଦୋହରାଇଛି। ଏକ ଖୋଲା, ସ୍ୱଚ୍ଛ, ସମାନ ଓ ନିୟମାଧାରିତ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ବ୍ରିକ୍ସ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି। ଘୋଷଣାପତ୍ରରେ କୁହାଯାଇଛି ଯେ ବହୁପକ୍ଷୀୟ ବାଣିଜ୍ୟ ବ୍ୟବସ୍ଥା ଦୀର୍ଘଦିନ ଧରି ଏକ ସଙ୍କଟପୂର୍ଣ୍ଣ ସ୍ଥିତିରେ ରହିଛି। ବିଶ୍ୱର ବିଭିନ୍ନ ଦେଶ ନିଜସ୍ୱ ଭାବେ ଅଧିକ ଶୁଳ୍କ ଓ ଅଣ-ଶୁଳ୍କ ପ୍ରତିବନ୍ଧକ ଲଗାଇବା ଦ୍ୱାରା ବିଶ୍ୱ ବାଣିଜ୍ୟ ହ୍ରାସ, ଯୋଗାଣ ଶୃଙ୍ଖଳାରେ ବାଧା ଓ ଆର୍ଥିକ ଅନିଶ୍ଚିତତା ବଢ଼ିପାରେ। ପରିବେଶ ସୁରକ୍ଷା ଆଳରେ ସୁବିଧାବାଦୀ ନୀତି ଗ୍ରହଣ କରିବା ମଧ୍ୟ ବିଶ୍ୱ ବାଣିଜ୍ୟ ପାଇଁ ଚ୍ୟାଲେଞ୍ଜ ବୋଲି ବ୍ରିକ୍ସ ଉଲ୍ଲେଖ କରିଛି। ଏକତରଫା ଶୁଳ୍କ ଓ ଅଣ-ଶୁଳ୍କ ପ୍ରତିବନ୍ଧକ ବିଶ୍ୱ ବାଣିଜ୍ୟକୁ ଅସ୍ଥିର କରୁଛି। ଏହା ଡବ୍ଲ୍ୟୁଟିଓର ନିୟମ ପାଳନ କରୁନାହିଁ ବୋଲି ବ୍ରିକ୍ସ ଚିନ୍ତା ପ୍ରକାଶ କରିଛି। ଏଥିସହ ବାଣିଜ୍ୟରେ ହଠାତ୍ ଦେଖାଦେଉଥିବା ବାଧାର ମୁକାବିଲା କରିବା ସହ ଉଦୀୟମାନ ବଜାର ଓ ବିକାଶଶୀଳ ଅର୍ଥନୀତିଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଡବ୍ଲ୍ୟୁଟିଓକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସାମୂହିକ ଭାବେ କାମ କରିବାର ସଂକଳ୍ପ ନିଆଯାଇଛି। ଏଥିସହ ଏକତରଫା ସାମରିକ କାର୍ଯ୍ୟାନୁଷ୍ଠାନ ଓ ଯୁଦ୍ଧର ପ୍ରଭାବକୁ ନେଇ ଚିନ୍ତା ବ୍ୟକ୍ତ କରାଯାଇଛି। ବିଶେଷକରି ମଧ୍ୟପ୍ରାଚ୍ୟର ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ରପଥରେ ନିରାପଦ ଜାହାଜ ଚଳାଚଳ ଓ ସମୁଦ୍ରଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବାର ଆବଶ୍ୟକତା ଉପରେ ଜୋର ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭବିଷ୍ୟତର ପ୍ରଯୁକ୍ତି ବିକାଶ ଓ ଏହାକୁ ନିୟନ୍ତ୍ରଣ କରୁଥିବା ନିୟମ ନିର୍ଦ୍ଧାରଣରେ ଗ୍ଲୋବାଲ୍ ସାଉଥ୍‌କୁ ସମାନ ଭାଗିଦାରୀ ମିଳିବା ଆବଶ୍ୟକ। ତାଙ୍କ ମତରେ, ନୂଆଦିଲ୍ଲୀ ଘୋଷଣାପତ୍ର ବ୍ରିକ୍ସ ଦେଶଗୁଡ଼ିକର ସାମୂହିକ ସଂକଳ୍ପକୁ ଏକ ସ୍ପଷ୍ଟ ଦିଗ ଦେଇଛି।

## ନେତନ୍ୟାହୁଙ୍କ ମେକଅପ୍‌ରେ ୪ କୋଟି ଖର୍ଚ୍ଚ

ତେଲ ଆଭିଭ୍, ୧୨।୯ (ଏଜେନ୍ସି): ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଓ ତାଙ୍କ ପତ୍ନୀ ସାରାଙ୍କ ଚୁଟି ସଜ୍ଜା ଓ ମେକଅପ୍ ପାଇଁ ୨୦୧୯ରୁ ୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ପ୍ରାୟ ୪ କୋଟି ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି। ଇସ୍ରାଏଲ୍‌ର ସୂଚନା ଅଧିକାର ଆଇନ ଅନୁଯାୟୀ ପ୍ରକାଶିତ ଦଲିଲରୁ ଜଣାପଡ଼ିଛି, ଏହି ସମୟରେ ଚୁଟି ସଜ୍ଜା ଓ ମେକଅପ୍‌ରେ ପ୍ରାୟ ୪.୭ ଲକ୍ଷ ଡଲାର ଖର୍ଚ୍ଚ ହୋଇଛି।



ଏଥିରୁ ପ୍ରାୟ ୯୦ ପ୍ରତିଶତ ଖର୍ଚ୍ଚ ନେତନ୍ୟାହୁ ଓ ତାଙ୍କ ପତ୍ନୀଙ୍କ ସହ ଜଡ଼ିତ। ୨୦୨୫ରେ ସର୍ବାଧିକ ୯୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାଛଡ଼ା ଫେବ୍ରୁଆରୀ ୨୦୨୫ରେ ନେତନ୍ୟାହୁଙ୍କ ଆମେରିକା ଗସ୍ତ ସମୟରେ ଚୁଟି ସଜ୍ଜା ଓ ମେକଅପ୍ ପାଇଁ ପ୍ରାୟ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୨୩ରେ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଆରମ୍ଭ ସମୟରେ ମଧ୍ୟ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଚୁଟି ସଜ୍ଜା ଓ ମେକଅପ୍ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ସେପଟେ, ନେତନ୍ୟାହୁଙ୍କ ଚୁଟି ସଜ୍ଜାକାରୀ ଓ ମେକଅପ୍ କଳାକାରଙ୍କ ନାମ ସୁରକ୍ଷା କାରଣ ଦର୍ଶାଇ ସରକାରୀ ଦଲିଲରୁ ହଟାଇ ଦିଆଯାଇଛି। ପୋଷାକ, ଅଳଙ୍କାର ଓ ଛବି ପରାମର୍ଶ ଭଳି କିଛି ଖର୍ଚ୍ଚର ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ପ୍ରକାଶ କରାଯାଇନାହିଁ।

## ବିହାର କଂଗ୍ରେସରେ ୨୯ ନେତାଙ୍କୁ କାରଣ ଦର୍ଶାଅ ନୋଟିସ

ପାଟନା, ୧୨।୯ (ଏଜେନ୍ସି): ବିହାର କଂଗ୍ରେସରେ ଦଳୀୟ ଅସନ୍ତୋଷ ଆହୁରି ତୀବ୍ର ହୋଇଛି। ଦଳୀୟ ନେତୃତ୍ୱ ବିରୋଧରେ ଦିଲ୍ଲୀରେ ଆୟୋଜିତ ପ୍ରତିବାଦରେ ଯୋଗଦେଇଥିବା ଅଭିଯୋଗରେ ପ୍ରଦେଶ କଂଗ୍ରେସର ଶୃଙ୍ଖଳା କମିଟି ୨୯ ଜଣ ନେତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛି। ସେପ୍ଟେମ୍ବର ୮ ରେ ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟ ନିକଟରେ ବିହାର କଂଗ୍ରେସ ନେତୃତ୍ୱ ବିରୋଧରେ ଏହି ପ୍ରତିବାଦ ହୋଇଥିଲା। ନୋଟିସରେ ନେତାମାନଙ୍କ କାର୍ଯ୍ୟକୁ 'ଦଳବିରୋଧୀ କାର୍ଯ୍ୟ' ଏବଂ ଗୁରୁତର ଶୃଙ୍ଖଳାଭଙ୍ଗ ବୋଲି ଦର୍ଶାଯାଇଛି। ନୋଟିସ ପାଇବାର ୭୨ ଘଣ୍ଟା ମଧ୍ୟରେ ଲିଖିତ ଜବାବ ଦେବାକୁ ନେତାମାନଙ୍କୁ କୁହାଯାଇଛି। ଜବାବ ସନ୍ତୋଷଜନକ ନ ହେଲେ ଦଳୀୟ ନିୟମ ଅନୁଯାୟୀ ଏକତରଫା ଶୃଙ୍ଖଳାମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟି ଚେତାବନୀ ଦେଇଛି। ନୋଟିସ ପାଇଥିବା ନେତାଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅନିଲ ସିଂହ ଓ ପୁନମ ଦେବୀଙ୍କ ସମେତ ବିଭିନ୍ନ ଜିଲ୍ଲାର ପୂର୍ବତନ କଂଗ୍ରେସ ସଭାପତି ରହିଛନ୍ତି। ବିହାର କଂଗ୍ରେସ ସଭାପତି ରାଜେଶ ରାମ ଓ ଦଳର ବିହାର ପ୍ରଭାରୀ କୃଷ୍ଣ ଆଲ୍ଲାଭାରୁଙ୍କୁ ହଟାଇବା ଦାବିରେ ଅସନ୍ତୁଷ୍ଟ ନେତାମାନେ ପ୍ରତିବାଦ କରିଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ମଧ୍ୟ ସମାନ ଅଭିଯୋଗ ଉଠାଇଥିବା ୯ ଜଣ ନେତାଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଥିଲା। ବିହାର ବିଧାନସଭା ନିର୍ବାଚନରେ ଦଳର ଦୁର୍ବଳ ପ୍ରଦର୍ଶନ ପରେ ଦଳ ଭିତରେ ନେତୃତ୍ୱ ଓ ସାଂଗଠନିକ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବଢ଼ିଥିବା ଦେଖାଯାଉଛି।

## ୟୁପି ସରକାରଙ୍କୁ ଆହ୍ଲାବାଦ ହାଇକୋର୍ଟଙ୍କ ଭର୍ତ୍ସନା

ପ୍ରୟାଗରାଜ, ୧୨।୯ (ଏଜେନ୍ସି): ଉତ୍ତରପ୍ରଦେଶରେ କଠୋର ଗୁଣ୍ଡା ଆଇନର ବାରମ୍ବାର ଅପବ୍ୟବହାରକୁ ନେଇ ଆହ୍ଲାବାଦ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ରାଜ୍ୟ ସରକାର ଏହି ଶକ୍ତିଶାଳୀ ଆଇନକୁ ମନଇଚ୍ଛା ବ୍ୟବହାର କରୁଛନ୍ତି ଏବଂ ଏହାକୁ ନାଗରିକଙ୍କୁ ନିର୍ଯାତନା ଦେବାର ଆୟୁଧ ଭାବେ ବ୍ୟବହାର କରାଯାଉଥିବା କୋର୍ଟ କହିଛନ୍ତି। କେବଳ ସମାଜରେ ଲୋକ କଲ୍ୟାଣ ଓ ଶାନ୍ତି ବଜାୟ ରଖିବା ପାଇଁ ଏହି ଆଇନ୍ ଉପଯୁକ୍ତ। ଗୁଣ୍ଡା ଆଇନ୍ ଅତ୍ୟନ୍ତ ସତର୍କତାର ସହ ତଥା ନିର୍ଦ୍ଦିଷ୍ଟ କେତୋଟି ମାମଲାରେ ହିଁ ପ୍ରୟୋଗ କରାଯିବା ଉଚିତ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଗୋଣ୍ଡା ଜିଲ୍ଲା ମାଜିଷ୍ଟ୍ରେଟ ଜାହିଦ ଅଲ୍ଲୀ ନାମକ ଜଣେ ବ୍ୟକ୍ତିଙ୍କୁ ଗୁଣ୍ଡା ଘୋଷଣା କରିଥିଲେ। ଏହାପରେ ୬ ମାସ ପାଇଁ ତାଙ୍କୁ ଜିଲ୍ଲା ବାସନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶକୁ ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ବେଞ୍ଚ ଆଜି ରଦ୍ଦ କରିଛନ୍ତି। ଏହାସହ ଡିଭିଜନାଲ କମିଶନରଙ୍କ ଅପିଲ ନିଷ୍ପତ୍ତିକୁ ମଧ୍ୟ କୋର୍ଟ ଖାରଜ କରିଛନ୍ତି। କୋର୍ଟ ଦର୍ଶାଇଛନ୍ତି ଯେ, ଯେଉଁ ୨୦୧୦ର ଅପରାଧିକ ମାମଲାକୁ ଭିତ୍ତି କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ସେଥିରୁ ଜାହିଦ ୨୦୧୭ରେ ନିର୍ଦ୍ଦୋଷରେ ଖଲାସ ହୋଇସାରିଛନ୍ତି। ତେଣୁ ମାମଲାରେ ପୁନର୍ବାର ଗୁଣ୍ଡା ଆଇନ ଲଗାଯାଇ ପାରିବ ନାହିଁ। ଏହାବ୍ୟତୀତ ୨୦୨୦ର ଅନ୍ୟ ଏକ ମାମଲା ଓ ପୁଲିସ ବିଟ୍ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ କୋର୍ଟ ଏହି ଆଦେଶକୁ ଅସିଦ୍ଧ ଘୋଷଣା କରିଛନ୍ତି।

**ଗୁଣ୍ଡା ଆଇନର ଅପବ୍ୟବହାର**

## ହୃଦ୍‌ଘାତରେ ଏୟାର ଇଣ୍ଡିଆ ଯୁବ ପାଇଲଟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଦିଲ୍ଲୀରେ ଲେ-ଓଭର ସମୟରେ ଏୟାର ଇଣ୍ଡିଆର ଜଣେ ମୁମ୍ବାଇଭିତ୍ତିକ ପାଇଲଟଙ୍କ ମୃତ୍ୟୁ ଘଟିଛି। ୪୦ ବର୍ଷ ବୟସ ବର୍ଗର ଏହି ପାଇଲଟ ବସନ୍ତ କୁଞ୍ଜସ୍ଥିତ ଦି ଗ୍ରାଣ୍ଡ ହୋଟେଲରେ ରହୁଥିବା ବେଳେ ଅଚେତ ଅବସ୍ଥାରେ ମିଳିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପୂର୍ବରୁ ଏୟାର ଇଣ୍ଡିଆ ଏକ୍ସପ୍ରେସରେ କାର୍ଯ୍ୟ କରୁଥିଲେ ଏବଂ ପ୍ରାୟ ଦୁଇ ମାସ ପୂର୍ବ ଏୟାର ଇଣ୍ଡିଆରେ ଯୋଗ ଦେଇଥିଲେ। ମୃତ ପାଇଲଟଙ୍କର ଶନିବାର ସକାଳେ ଏକ ବିମାନ ଚଳାଇବାର କାର୍ଯ୍ୟସୂଚୀ ଥିଲା। ଘଟଣାରେ ଏୟାର ଇଣ୍ଡିଆ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ସହ ଯୋଗାଯୋଗରେ ଥିବା ଏବଂ ଏହି ଦୁଃଖଦ ସମୟରେ ସମସ୍ତ ସହାୟତା ଯୋଗାଇ ଦିଆଯାଉଥିବା କହିଛି।

## ଟିଏମ୍‌ସି ବିବାଦ: ବିଦ୍ରୋହୀ ଗୋଷ୍ଠୀକୁ ଅଧିକ ଦସ୍ତାବିଜ ମାଗିଲେ କମିସନ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ବିଭାଜନ ପରେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)ର ସାଂଗଠନିକ ନିୟନ୍ତ୍ରଣ, ଦଳୀୟ ନାମ ଏବଂ ଚିହ୍ନକୁ ନେଇ ବିବାଦ ଲାଗି ରହିଛି। ଟିଏମସି ଏବେ ମମତାଙ୍କ ନିୟନ୍ତ୍ରଣରେ ରହିଥିବା ବେଳେ ବିଦ୍ରୋହୀ ନେତା ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ ନିଜକୁ ପ୍ରକୃତ ଟିଏମସି ଦାବି କରିବା ସହିତ ସଂଗଠନ ଚିହ୍ନ ଉପରେ ଆଖି ପକାଇଛନ୍ତି। ଆଜି ନିର୍ବାଚନ କମିସନ ଏସଂପର୍କରେ ଦୁଇ ଗୋଷ୍ଠୀଙ୍କୁ ପୃଥକ ପୃଥକ ଭାବେ ଭେଟିଛନ୍ତି। ସେମାନଙ୍କର ଦାବି ଓ ଯୁକ୍ତିତର୍କ ଶୁଣିଛନ୍ତି।



**ବିନା ଦଳୀୟ ସଙ୍କେତରେ ଉପନିର୍ବାଚନ ଲଢ଼ିପାରନ୍ତି ଦୁଇ ଗୋଷ୍ଠୀ**

ଟିଏମସି ସଂଗଠନ, ଚିହ୍ନ, ଅଫିସ, ପାଣ୍ଠି ଉପରେ ଦାବି କରୁଥିବା ରତବ୍ରତ ଗୋଷ୍ଠୀ ଠାରୁ ଅଧିକ ଦସ୍ତାବିଜ ଲୋଡ଼ିଛନ୍ତି କମିସନ। ୧୬ ତାରିଖ ପୂର୍ବରୁ ପୂର୍ବରୁ ଦଳୀୟ ଚିହ୍ନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ରତବ୍ରତ ଗୋଷ୍ଠୀ କମିଶନଙ୍କୁ ନିବେଦନ କରିଛନ୍ତି। ଦଳୀୟ ଚିହ୍ନ ସେମାନଙ୍କ ସପକ୍ଷରେ ଯିବ ବୋଲି ରତବ୍ରତ ଗୋଷ୍ଠୀ ଆଶା ପ୍ରକଟ କରିଛନ୍ତି।

ଆଜି କମିସନ କୌଣସି ନିଷ୍ପତ୍ତି ନେଇନଥିବାରୁ ଆସନ୍ତା ମାସ ୬ ତାରିଖରେ ନନ୍ଦିଗ୍ରାମ ଏବଂ ରେଜିନଗର ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନରେ କୌଣସି ଗୋଷ୍ଠୀକୁ ଟିଏମ୍‌ସି ସଙ୍କେତ ମିଳିନପାରେ। ସେମାନେ ବିନା ଟିଏମସି ସଙ୍କେତରେ ନିର୍ବାଚନ ଲଢ଼ିପାରନ୍ତି। ଆସନ୍ତା ୧୬ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ହୋଇଥିବାରୁ କମିସନ କୌଣସି ମଧ୍ୟବର୍ତ୍ତିକାଳୀନ ଆଦେଶ ଦେଇପାରନ୍ତି ବୋଲି କୁହାଯାଉଛି। ମମତାଙ୍କ ଗୋଷ୍ଠୀ ପକ୍ଷରୁ ଡେରେକ ଓ'ବ୍ରାଏନ, କଲ୍ୟାଣ ବାନାର୍ଜୀ, ସାଗରିକା ଘୋଷ, ସାକେତ ଗୋଖଲେ ଏବଂ ଆଇନଜୀବୀ ଅଭିନବ ସିଂହଙ୍କୁ ନେଇ ଗଠିତ ୫ ଜଣିଆ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ସମ୍ମୁଖରେ ନିଜର ସାକ୍ଷ୍ୟ ଓ ନଥିପତ୍ର ଉପସ୍ଥାପନ କରିଛନ୍ତି।

## ବ୍ରିକ୍ସରେ ମୋଦୀ-ଜିନପିଙ୍ଗ ଆଲୋଚନା

### ସୀମାରେ ଶାନ୍ତି ପ୍ରତିଷ୍ଠା, ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ବ୍ରିକ୍ସ ସମ୍ମିଳନୀ ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୫୦ ମିନିଟରୁ ଅଧିକ ସମୟ ଧରି ଏହି ବୈଠକ ଚାଲିଥିଲା। ଉଭୟ ନେତା ଭାରତ-ଚୀନ୍ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ଏବଂ ସୀମା ସମସ୍ୟାର ସମାଧାନ ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ଗତ ୭ ବର୍ଷ ମଧ୍ୟରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କର ଏହା ପ୍ରଥମ ଭାରତ ଗସ୍ତ ହୋଇଥିବାରୁ ବୈଠକକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି।

ବୈଠକ ଆରମ୍ଭରେ ପ୍ରଧାନମନ୍ତ୍ରୀ ମୋଦୀ ଚୀନ୍ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ଭାରତର ବ୍ରିକ୍ସ ଆୟୋଜିତ ହେଉଥିବା ବେଳେ ଚୀନ୍‌ର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିପାକ୍ଷିକ ସମ୍ପର୍କର ବିକାଶ ପାଇଁ ସୀମାଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଉଭୟ ଦେଶ ମଧ୍ୟରେ ରହିଥିବା ମତଭେଦ ବିବାଦରେ ପରିଣତ ନ ହେବା ପାଇଁ ପାରସ୍ପରିକ ସମ୍ମାନ, ପାରସ୍ପରିକ ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥ ଭଳି ତିନୋଟି ନୀତି ପାଳନୀୟ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ଅନ୍ୟପଟେ ସି ଜିନପିଙ୍ଗ ପ୍ରକାଶ କରିଥିଲେ ଯେ ଚୀନ୍ ସଦାସର୍ବଦା ଭାରତ-ଚୀନ୍ ସମ୍ପର୍କକୁ କୂଟନୈତିକ ଏବଂ ଦୀର୍ଘକାଳୀନ ଦୃଷ୍ଟିରୁ ଗୁରୁତ୍ୱ ଦେଇଆସିଛି। ଭାରତ-



ଚୀନ୍ ହେଉଛନ୍ତି ବିଶ୍ୱର ସବୁଠାରୁ ଜନବହୁଳ ଦୁଇ ରାଷ୍ଟ୍ର ତଥା ଗ୍ଲୋବାଲ ସାଉଥ୍‌ର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ। ଏଣୁ ଦୁଇ ଦେଶ ପରସ୍ପରର ଶକ୍ତିରୁ ଶିକ୍ଷା ଲାଭ କରି, ମିଳିମିଶି ବିକାଶ ପଥରେ ଆଗେଇବା ଉଚିତ୍ ବୋଲି ସେ କହିଥିଲେ। ବୈଠକରେ ବାଣିଜ୍ୟିକ ଅସନ୍ତୁଳନ ଏବଂ ଯୋଗାଣ ଶୃଙ୍ଖଳା ସମ୍ବନ୍ଧୀୟ ଚିନ୍ତା ଦୂର କରିବା ସହ ସାଂସ୍କୃତିକ ଆଦାନପ୍ରଦାନ, ବ୍ୟବସାୟିକ ସଂଯୋଗ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା।



## ଜେଲ୍‌ରେ ରେଭନ୍ନାଙ୍କ ମୋବାଇଲରେ ଅଶ୍ଳୀଳ ଭିଡିଓ

ବେଙ୍ଗାଲୁରୁ, ୧୨।୯ (ଏଜେନ୍ସି): ଦୁଷ୍କର୍ମ ମାମଲାରେ ଦଣ୍ଡିତ ହୋଇ ଜେଲ୍‌ରେ ଥିବା ପୂର୍ବତନ ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କଠାରୁ ଜବତ ମୋବାଇଲ୍ ଫୋନ୍ ଓ ଅନ୍ୟ ଉପକରଣରେ ଏକାଧିକ ଅଶ୍ଳୀଳ ଭିଡିଓ ମିଳିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ପୁଲିସ ଅନୁସାରେ, ଜେଲ୍ ଭିତରକୁ ଚୋରାରେ ମୋବାଇଲ୍, ସିମ୍ କାର୍ଡ, ଚାର୍ଜର ଓ ପେନ୍‌ଡ୍ରାଇଭ୍ ପହଞ୍ଚାଇବା ପାଇଁ ରେଭନ୍ନା ପ୍ରାୟ ୧ ଲକ୍ଷ ଟଙ୍କା ଦେଇଥିଲେ। ଏହି ଘଟଣାରେ ଜେଲ୍ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତକାରୀଙ୍କ ଅନୁସାରେ, ଜେଲ୍ ୱାର୍ଡେନ୍ ପ୍ରକାଶ ଗାୱାଡେ ରେଭନ୍ନାଙ୍କୁ ମୋବାଇଲ୍ ଦେଇଥିଲେ। ଜଣେ ବିଚାରାଧୀନ କଏଦୀ ସିମ୍ କାର୍ଡକୁ ଲୁଚାଇ ତାଙ୍କ ପାଖରେ ପହଞ୍ଚାଇଥିବା ଅଭିଯୋଗ ହୋଇଛି। ପରେ ଚାର୍ଜର ଓ ପେନ୍‌ଡ୍ରାଇଭ୍ ମଧ୍ୟ ଦିଆଯାଇଥିଲା। ଅଗଷ୍ଟରେ କେନ୍ଦ୍ରୀୟ ଅପରାଧ ଶାଖା ରେଭନ୍ନାଙ୍କ ବ୍ୟାରାକ୍‌ରେ ଚଢ଼ାଉ କରି ମୋବାଇଲ୍, ସିମ୍, ଚାର୍ଜର ଓ ପେନ୍‌ଡ୍ରାଇଭ୍ ଜବତ କରିଥିଲା। ଘଟଣାରେ ରେଭନ୍ନା ଓ ତାଙ୍କ ସହବନ୍ଦୀ ପ୍ରତାପ ରାଇଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତେବେ ରେଭନ୍ନାଙ୍କୁ ଜେଲ୍‌ରେ ମୋବାଇଲ୍ ପହଞ୍ଚାଇବା ଘଟଣାରେ ତଦନ୍ତ ଜାରି ରହିଛି।



## ୫ଜି ନେଟୱର୍କ ପାଇଁ ଟେକ୍ନିସିଆନଙ୍କୁ ମୋବାଇଲ୍ ଟାୱାରରେ ବାନ୍ଧିଲେ

ଫତେହପୁର, ୧୨।୯ (ଏଜେନ୍ସି): ଦୀର୍ଘଦିନ ଧରି ୫ଜି ନେଟୱର୍କ ଠିକ୍ ଭାବେ କାମ କରୁ ନ ଥିବାରୁ ଉତ୍ତରପ୍ରଦେଶର ଫତେହପୁର ଜିଲ୍ଲାରେ ଉତ୍ତେଜନା ସୃଷ୍ଟି ହୋଇଛି। ନେଟୱର୍କ ସମସ୍ୟାର ସମାଧାନ ଦାବି କରି କିଛି ଗ୍ରାମବାସୀ ଜଣେ ଟେଲିକମ୍ ଟେକ୍ନିସିଆନଙ୍କୁ ମୋବାଇଲ୍ ଟାୱାରରେ ବାନ୍ଧି ଦେଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ପୁଲିସ ଅନୁଯାୟୀ, ବିନ୍ଦକୀ ଅଞ୍ଚଳର ହରୌଲି ଗାଁକୁ ମୋବାଇଲ୍ ନେଟୱର୍କ ସମସ୍ୟା ସମାଧାନ ପାଇଁ ଯାଇଥିବା ଟେକ୍ନିସିଆନ୍ ଆଦିତ୍ୟ ଭାନ ସିଂହଙ୍କୁ କିଛି ଗ୍ରାମବାସୀ ଅଟକାଇ ଟାୱାରରେ ବାନ୍ଧି ଦେଇଥିଲେ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଫତେହପୁର ଏସ୍‌ପି ଅଭିମନ୍ୟୁ ମାଙ୍ଗଲିକ୍ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ଦୁଇ ବର୍ଷ ଧରି ଅଞ୍ଚଳରେ ୫ଜି ସେବା ଠିକ୍ ଭାବେ ମିଳୁନଥିଲା। ବିଦ୍ୟୁତ୍ ଥିଲେ ମଧ୍ୟ ନେଟୱର୍କ ବାରମ୍ବାର ବନ୍ଦ ହୋଇଯାଉଥିବାରୁ ଫୋନ୍ କଲ୍ ଓ ଇଣ୍ଟରନେଟ୍ ସେବା ପ୍ରଭାବିତ ହେଉଥିଲା। ଦୀର୍ଘଦିନ ଧରି ୫ଜି ସେବା ପାଇଁ ଟଙ୍କା ଦେଉଥିଲେ ମଧ୍ୟ ସୁଧାର ହୋଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥିଲା। ଏହି ଘଟଣାକୁ ନେଇ ଟେକ୍ନିସିଆନଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ରାହୁଲ ପଟେଲ, ସୂରଜ ଯାଦବ, ଆଲୋକ ପଟେଲ, ଯୋଗେନ୍ଦ୍ର ପଟେଲ, ଆଲୋକ ଯାଦବ ଓ ସଚିନ ପଟେଲଙ୍କୁ ଗିରଫ କରିଛି।

# ହୁତି ଆକ୍ରମଣ ପରେ ମାଡ଼ି ଆସୁଛି ତୈଳ ସଙ୍କଟ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଭାରତଠାରୁ ପ୍ରାୟ ୩, ୦୦୦ କିଲୋମିଟର ଦୂରରେ ଥିବା ଏକ ସଂକୀର୍ଣ୍ଣ ସମୁଦ୍ରପଥ ଏବେ ଭାରତର ଅର୍ଥନୀତି ଓ ଶକ୍ତି ସୁରକ୍ଷା ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। ୟେମେନ୍‌ର ଇରାନ୍ ସମର୍ଥିତ ହୁତି ବିଦ୍ରୋହୀମାନେ ଲୋହିତ ସାଗର ଉପକୂଳରେ ଦ୍ରୁତ ଅଗ୍ରଗତି କରି ବାବ୍-ଏଲ୍-ମାନ୍ଦେବ୍ ସମୁଦ୍ର ପଥ ଉପରେ ନିୟନ୍ତ୍ରଣ ସ୍ଥାପନର ନିକଟତର ହୋଇଥିବା ଦାବି କରାଯାଉଛି। ଏହି ଜଳପଥ ବନ୍ଦ କିମ୍ବା ଅସୁରକ୍ଷିତ ହେଲେ ତୈଳ ଯୋଗାଣ, ସମୁଦ୍ର ପରିବହନ ଓ ୟୁରୋପକୁ ଭାରତୀୟ ରପ୍ତାନି ଉପରେ ଭୀଷଣ ପ୍ରଭାବ ପଡ଼ିପାରେ। ବାବ୍-ଏଲ୍-ମାନ୍ଦେବ୍ ଭାରତଠାରୁ ହଜାର ହଜାର କିଲୋମିଟର ଦୂରରେ ଥିଲେ ମଧ୍ୟ ଏହାର ଗୁରୁତ୍ୱ ଭାରତୀୟ ଅର୍ଥନୀତି ପାଇଁ ପ୍ରତ୍ୟକ୍ଷ। ଏହି ସମୁଦ୍ରପଥରେ ଦୀର୍ଘସ୍ଥାୟୀ ଅସ୍ଥିରତା ହେଲେ ତୈଳ ଦର ବଢ଼ିବା, ସମୁଦ୍ର ପରିବହନ ମହଙ୍ଗା ହେବା, ଆମଦାନି ଖର୍ଚ୍ଚ ବୃଦ୍ଧି ଓ ୟୁରୋପୀୟ ବଜାରରେ ଭାରତୀୟ ରପ୍ତାନିର ପ୍ରତିଦ୍ୱନ୍ଦ୍ୱିତା ହ୍ରାସ-ଏସବୁ ସମସ୍ୟା ଏକାସାଙ୍ଗରେ ଦେଖାଦେଇପାରେ। ତେଣୁ ବାବ୍-ଏଲ୍-ମାନ୍ଦେବ୍ କେବଳ ମଧ୍ୟପ୍ରାଚ୍ୟର ଏକ ଦୂରସ୍ଥ ସମୁଦ୍ରପଥ ନୁହେଁ, ଏହା ଭାରତର ଶକ୍ତି ସୁରକ୍ଷା, ବାଣିଜ୍ୟ ଓ ଅର୍ଥନୀତି ସହ ଜଡ଼ିତ ଏକ ରଣନୈତିକ ଜଳପଥ। ହର୍ମୁଜ ଏବେ ବନ୍ଦ ପଡ଼ିଥିବା ବେଳେ ବାବ୍-ଏଲ୍-ମାନ୍ଦେବ୍ ବନ୍ଦ ହେଲେ ପରିସ୍ଥିତି ଭୟଙ୍କର ହୋଇପଡ଼ିବ। ବାବ୍-ଏଲ୍-ମାନ୍ଦେବ୍ ହେଉଛି ୟେମେନ୍ ଓ ଜିବୁତି ମଧ୍ୟରେ ଥିବା ପ୍ରାୟ ୨୯ କିଲୋମିଟର ଚଉଡ଼ା ସଂକୀର୍ଣ୍ଣ ସମୁଦ୍ରପଥ। ଏହା ଲୋହିତ ସାଗରକୁ ଏଡେନ୍ ଉପସାଗର ସହିତ ଯୋଡ଼ିଥାଏ। ଏହା ମାଧ୍ୟମରେ ସୁଏଜ୍ କେନାଲ୍ ଦେଇ ଭୂମଧ୍ୟ ସାଗର ଓ ୟୁରୋପର ବନ୍ଦରଗୁଡ଼ିକ ସହ ଭାରତ ଓ ଏସିଆର ସମୁଦ୍ର ବାଣିଜ୍ୟ ସଂଯୁକ୍ତ ହୋଇଛି। 'ଗେଟ୍ ଅଫ୍ ଟିୟର୍ସ' ବା 'ଲୁହର ଦ୍ୱାର' ଭାବେ ପରିଚିତ ଏହି ସମୁଦ୍ରପଥ ଦୀର୍ଘଦିନ ଧରି ବିଶ୍ୱ ତୈଳ ଓ ବାଣିଜ୍ୟ ପରିବହନର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ସାଉଦି ଆରବର ପଶ୍ଚିମ ଉପକୂଳର ଜେଦ୍ଦା ଓ ୟାନ୍ବୁ ଭଳି ବନ୍ଦରରୁ ତୈଳ ଟ୍ୟାଙ୍କର୍‌ଗୁଡ଼ିକ ଏହି ପଥ ଦେଇ ଏସିଆର ବଜାରକୁ ଯାଇଥାନ୍ତି। ଏହାର ଅନ୍ୟପଟେ ଭାରତ ସମେତ ଏସିଆର ଦେଶଗୁଡ଼ିକରୁ ୟୁରୋପ ଓ ଉତ୍ତର ଆଫ୍ରିକାକୁ ଯାଉଥିବା ଅନେକ ସାମଗ୍ରୀ ମଧ୍ୟ ଏହି ମାର୍ଗ ଦେଇ ପରିବହନ ହୋଇଥାଏ। ଭାରତ ପାଇଁ ଏହି ମାର୍ଗର ଗୁରୁତ୍ୱ ଆହୁରି ବଢ଼ିଛି, କାରଣ ଦେଶର ତୈଳ ବିଶୋଧନ ଶିଳ୍ପ ୟୁରୋପକୁ ବିପୁଳ ପରିମାଣର ଡିଜେଲ୍, ବିମାନ ଇନ୍ଧନ ଓ ଅନ୍ୟାନ୍ୟ ପେଟ୍ରୋଲିୟମ୍ ଉତ୍ପାଦ ରପ୍ତାନି କରିଥାଏ। ଏଥିସହ ଔଷଧ, ବସ୍ତ୍ର, ଯନ୍ତ୍ରପାତି ଓ ଇଞ୍ଜିନିୟରିଂ ସାମଗ୍ରୀ ବୋଝେଇ କଣ୍ଟେନର୍ ମଧ୍ୟ ଏହି ମାର୍ଗରେ ଯାତାୟାତ କରେ। ରିୟାଦ: ବାବ୍-ଏଲ୍-ମାନ୍ଦେବ ସମୁଦ୍ରପଥରେ ହୁତି ବିଦ୍ରୋହୀଙ୍କ ପତିଆରା ବଢ଼ିବା ସହ ସାଉଦି ଆରବ ଉପରେ ସଙ୍କଟ ଆହୁରି ଗଭୀର ହୋଇଛି। ହୁତିମାନେ ରଣନୀତିକ ପେରିମ୍ ଦ୍ୱୀପ ଦଖଲ କରିଥିବା ବେଳେ ସାଉଦି ଆରବର ୧, ୨୦୦ କିଲୋମିଟର ଲମ୍ବା ଇଷ୍ଟ-ୱେଷ୍ଟ ତୈଳ ପାଇପ୍‌ଲାଇନ୍‌ରେ ଡ୍ରୋନ୍ ଆକ୍ରମଣ ହୋଇଛି।

**ହର୍ମୁଜ ପରେ ବନ୍ଦ ହୋଇଯିବ ବାବ୍-ଏଲ୍-ମାନ୍ଦେବ**






- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-80 ♦SUNDAY ♦13 SEPTEMBER 2026 ♦PAGE-12+4 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୮୦ ♦ରବିବାର ♦୧୩ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦



**ଭିତର ପୃଷ୍ଠାରେ**

- ହାଇଦରାବାଦ୍‌ରେ ମୟୂରଭଞ୍ଜର ଯୁବ ଶ୍ରମିକଙ୍କୁ ନିର୍ମମ ହତ୍ୟା
- ଭାଇକୁ ବଞ୍ଚାଇବାକୁ ଯାଇ ନଦୀରେ ଭାସିଗଲେ ଦିବ୍ୟାଙ୍ଗ ଭଉଣୀ
- ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାରେ ସିବିଆଇ ତଦନ୍ତ ଦାବିକଲା ବିଜେଡି


### ମାଡ଼ି ଆସୁଛି ବଡ଼ ବିଦ୍ୟୁତ୍ ସଙ୍କଟ

# ୫୯ଟି ପ୍ଲାଣ୍ଟରେ ୩ ଦିନର କୋଇଲା

■ ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଦେଶର ଶକ୍ତି କ୍ଷେତ୍ର ଆଉ ଏକ ବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି। ସରକାରୀ ତଥ୍ୟ ଅନୁଯାୟୀ, ପ୍ରାୟ ଏକ ତୃତୀୟାଂଶ କୋଇଲା ଚାଳିତ ବିଦ୍ୟୁତ୍ ପ୍ଲାଣ୍ଟ ବା ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଇନ୍ଧନ ଭଣ୍ଡାର ବର୍ତ୍ତମାନ ବିପଦଜନକ ସ୍ତରକୁ ହ୍ରାସ ପାଇଛି। ଏହି ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକରେ କୋଇଲା ଅଭାବ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ଦେଶର ୫୯ଟି କୋଇଲା ଚାଳିତ ବିଦ୍ୟୁତ୍ କେନ୍ଦ୍ରରେ ମାତ୍ର ତିନି ଦିନ ପାଇଁ କୋଇଲା ମହଜୁଦ ଅଛି। କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣର ସଦ୍ୟତମ ତଥ୍ୟ ଅନୁଯାୟୀ, ମୋଟ ଆବଶ୍ୟକତାର ୨୫%ରୁ କମ୍ କୋଇଲା ରିଜର୍ଭ ଥିବା କିମ୍ବା କେବଳ ତିନି ଦିନ ପାଇଁ କୋଇଲା ମହଜୁଦ ଥିବା ବିଦ୍ୟୁତ୍ ପ୍ଲାଣ୍ଟ ସଂଖ୍ୟା ସେପ୍ଟେମ୍ବର ୯ ସୁଦ୍ଧା ୫୯ରେ ପହଞ୍ଚିଛି। ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାରର ବିଶେଷଜ୍ଞ କହିଛନ୍ତି ଯେ କୋଇଲା ମହଜୁଦ କ୍ଷମତାରେ ହ୍ରାସ ଶକ୍ତି ସୁରକ୍ଷା ପାଇଁ ଏକ ବଡ଼ ଚେତାବନୀ।



**ଏକ ତୃତୀୟାଂଶ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଇନ୍ଧନ ଅଭାବ**

**ଅନେକ ପ୍ଲାଣ୍ଟ ବନ୍ଦ ହେବା ସ୍ଥିତିରେ**

ଚଳିତବର୍ଷ ମୌସୁମୀ ଋତୁରେ କ୍ରମାଗତ ଭାବେ ବର୍ଷା ଯୋଗୁଁ ଖଣିରୁ କମ୍ କୋଇଲା ଉତ୍ତୋଳନ ହୋଇଛି। ଏଥିଯୋଗୁ ଯୋଗାଣ କମ୍ ହେଉଥିବାରୁ ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରେ କୋଇଲା ଷ୍ଟକ୍ କମ୍ ହେବାରେ ଲାଗିଛି। ଫଳରେ ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଅପରପକ୍ଷେ ପାର୍ବଣର ଆରମ୍ଭରେ ଧୀରେ ଧୀରେ ବିଦ୍ୟୁତ ଚାହିଦା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ପାର୍ବଣ ଋତୁରେ ସାରା ଦେଶରେ ବିଦ୍ୟୁତ୍ ଯୋଗାଣ ଏବେ ବିଦ୍ୟୁତ୍ କମ୍ପାନୀଙ୍କ ଆଗରେ ବଡ଼ ଆହ୍ୱାନ ପାଲଟିଛି।

ସୂଚନାଯୋଗ୍ୟ ଯେ, ମେ' ମାସରେ ଦେଶର ସର୍ବାଧିକ ବିଦ୍ୟୁତ ଚାହିଦା ୨୭୦.୭୦ ଗିଗାୱାଟ୍ (ଜିଡବ୍ଲ୍ୟୁ)ର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ତେବେ ଗତ କିଛି ଦିନ ଧରି ଏହା ପ୍ରାୟ ୨୬୭ ଜିଡବ୍ଲ୍ୟୁ ରହିଛି। ଚଳିତବର୍ଷ ଦେଶରେ ଦୀର୍ଘ ସମ ଧରି ଗ୍ରୀଷ୍ମ ପ୍ରବାହ ଏବଂ ଏଲ୍ ନିନୋର ପ୍ରଭାବ ବିଦ୍ୟୁତ ଚାହିଦା ଢ଼େର ବଢ଼ାଇଦେଇଛି। ଯଦିବା ସୌର ଶକ୍ତି ଏଥିରେ କିଛିଟା ଆଶ୍ୱସ୍ତି ପ୍ରଦାନ କରୁଛି, କିନ୍ତୁ ବ୍ୟାଟେରୀ ସଂରକ୍ଷଣର ଅଭାବ ଏବଂ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଉଥିବାରୁ ଜଳ ବିଦ୍ୟୁତ ଉପରେ ନିର୍ଭରଶୀଳତା ଏହି ଚାହିଦା ପୂରଣ କରିବାରେ ବିଫଳ। ଏପରି ସ୍ଥିତିରେ ଭାରତୀୟ ରେଳବାଇ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକୁ କୋଇଲା ପରିବହନ ପାଇଁ ବ୍ୟବହୃତ ରେକ୍/ଟ୍ରେନ୍ ସଂଖ୍ୟା ସେପ୍ଟେମ୍ବର ୩ରେ ୩୭୦ରୁ ସେପ୍ଟେମ୍ବର ୬ ରେ ୪୪୪କୁ ବୃଦ୍ଧି କରିଛି। ବିଶ୍ୱର ସର୍ବବୃହତ କୋଇଲା କମ୍ପାନୀ କୋଲ୍ ଇଣ୍ଡିଆ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ମଧ୍ୟ ସଡ଼କ ପଥ ମାଧ୍ୟମରେ କୋଇଲା ଯୋଗାଣ ବୃଦ୍ଧି କରିଛନ୍ତି, ସେମାନଙ୍କ ଖଣିରେ ପ୍ରାୟ ୭୬ ନିୟୁତ ମେଟ୍ରିକ୍ ଟନ୍ ପର୍ଯ୍ୟାପ୍ତ ଷ୍ଟକ୍ ରହିଥିବା କହିଛନ୍ତି।

ଶୁକ୍ରବାର ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପଞ୍ଜାବର ରାଜପୁରା ଥର୍ମାଲ୍ ପ୍ଲାଣ୍ଟର ୭୦୦ ▸ପୃଷ୍ଠା-୭

# କୋହ୍ଲାପୁରର ମହାଦେବୀ 'ମାଧୁରୀ'ର ସୁରକ୍ଷା ପାଇଁ ବନ୍ତାରା ପ୍ରତିଶ୍ରୁତିବଦ୍ଧ

■ କୋହ୍ଲାପୁର, ୧୨।୯: କୋହ୍ଲାପୁରର ମହାଦେବୀ ଭାବେ ପରିଚିତ ମାଧୁରୀ ସ୍ଥାନୀୟ ଜନସାଧାରଣଙ୍କ ଅଜସ୍ର ଭଲ ପାଇବା ସାଉଁଟିଛି। ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ୩୦ ଜୁଲାଇ ୨୦୨୫ରେ ଜାମନଗରସ୍ଥିତ ବନ୍ତାରାକୁ ଆସିଥିଲା। ଏହି ନିର୍ଦ୍ଦେଶକୁ ମାନ୍ୟବର ବମ୍ବେ ହାଇକୋର୍ଟ ଏବଂ ମାନ୍ୟବର ସୁପ୍ରିମକୋର୍ଟ ମଧ୍ୟ ବଳବତ୍ତର ରଖିଥିଲେ। ବନ୍ତାରା ତାଙ୍କ ହେପାଜତ ଚାହିଁ ନ ଥିଲା। ତାଙ୍କୁ ଗ୍ରହଣ କରି ଯତ୍ନ ନେବାର କାରଣ ଥିଲା, ତାହା କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମହାରାଷ୍ଟ୍ର ସରକାର, ଏହାର ଅଧିକାରୀ, ସମ୍ପୃକ୍ତ ପକ୍ଷ ଏବଂ ସମୁଦାୟର ସଦସ୍ୟମାନଙ୍କ ସହ ଆଲୋଚନା ପରେ, ୦୬ ଅଗଷ୍ଟ ୨୦୨୫ରେ ଏହି ଭାବନାକୁ ସମ୍ମାନ ଦିଆଯିବ ଏବଂ ସକ୍ଷମ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ବନ୍ତାରା ସ୍ପଷ୍ଟ କରିଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ସମସ୍ତ ପକ୍ଷଙ୍କୁ ସେମାନଙ୍କ ଦାବି ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ନିକଟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପକ୍ଷମାନଙ୍କ ଯୁକ୍ତି ଶୁଣିବା, ରିପୋର୍ଟ ମାଗିବା ଏବଂ ନନ୍ଦାନୀସ୍ଥିତ ସୁବିଧା କେନ୍ଦ୍ରର ନିରୀକ୍ଷଣ କରିବା ପରେ, ୦୯ ସେପ୍ଟେମ୍ବର ୨୦୨୬ରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ଏକ କାରଣସମ୍ମତ ଆଦେଶ ଜାରି କରି ମାଧୁରୀଙ୍କୁ କଠୋର ସର୍ତ୍ତାବଳୀ ସହ କୋହ୍ଲାପୁର ଫେରାଇ ନେବାକୁ ଅନୁମତି ଦେଇଥିଲେ।

ଏହି ସର୍ତ୍ତାବଳୀ ମଧ୍ୟରେ ରହିଛି ଯେ, ମାଧୁରୀଙ୍କୁ କୌଣସି ଶୋଭାଯାତ୍ରା କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ, ତାଙ୍କୁ ଦିନରାତି ନିରନ୍ତର ଯତ୍ନ ପ୍ରଦାନ କରାଯିବ ଏବଂ ପ୍ରତି ଦୁଇ ସପ୍ତାହରେ ଥରେ ତାଙ୍କର ଚିକିତ୍ସା ପରୀକ୍ଷା କରାଯିବ। ବନ୍ତାରା ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ କର୍ତ୍ତୃତ୍ୱକୁ ସମ୍ମାନ କରେ ଏବଂ ତାଙ୍କର ସମସ୍ତ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ। ସର୍ବଦା ପ୍ରାଣୀ ଚିକିତ୍ସା ବିଜ୍ଞାନ ଏବଂ ମାଧୁରୀର କଲ୍ୟାଣକୁ ଆଧାର କରି ନିରନ୍ତର ପ୍ରାଣୀ ଚିକିତ୍ସା ଯତ୍ନ ମାଧ୍ୟମରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହୋଇଛି। କିନ୍ତୁ ତାଙ୍କର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ତାଙ୍କୁ ଉପଯୁକ୍ତ ଯତ୍ନ, ସହାୟକ ଚିକିତ୍ସା ବ୍ୟବସ୍ଥା ଏବଂ ନିୟମିତ ପ୍ରାଣୀ ଚିକିତ୍ସା ନିରୀକ୍ଷଣର ଆବଶ୍ୟକତା ଜାରି ରହିଛି।

ମାଧୁରୀ କୋହ୍ଲାପୁର ଫେରିଯିବା ରେ ମଧ୍ୟ ଉପଯୁକ୍ତ ରହଣି ପରିବେଶ, ପ୍ରାଣୀ ଚିକିତ୍ସା ଭିତ୍ତିଭୂମି, ଚିକିତ୍ସା ଉପକରଣ, ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଉପଲବ୍ଧ ରହିବା ନିଶ୍ଚିତ କରିବାରେ ସହଯୋଗ କରି ବନ୍ତାରା ମାଧୁରୀର ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ ପଦକ୍ଷେପ ନେଇଛି। ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ **ନିର୍ଦ୍ଦେଶ ଅନୁଯାୟୀ, ବନ୍ତାରାର ପ୍ରାଣୀ ଚିକିତ୍ସକମାନେ ପ୍ରତି ଦୁଇ ସପ୍ତାହରେ** ଥରେ କୋହ୍ଲାପୁର ଯାଇ ମାଧୁରୀଙ୍କ ଚିକିତ୍ସା ପରୀକ୍ଷା କରିବେ ଏବଂ ଏହାର ରିପୋର୍ଟ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ। ମାଧୁରୀ ଯେଉଁଠାରେ ରହୁ ନା କାହିଁକି, ତାଙ୍କର ନିରନ୍ତର ଯତ୍ନ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ହିଁ ବନ୍ତାରାର ଉଦ୍ଦେଶ୍ୟ।







**ବର୍ଷକର ନିରନ୍ତର ଯତ୍ନ ଓ ବନ୍ତାରାର ସମର୍ପିତ ପ୍ରାଣୀ ଚିକିତ୍ସା ଦ୍ୱାରା ସୁସ୍ଥ ଓ ସୁନ୍ଦର ଜୀବନ ପାଇଛି ମାଧୁରୀ**

**ମାଧୁରୀର ସର୍ବକାଳୀନ ସୁନ୍ଦର ସହାବସ୍ଥାନ ଓ ଯତ୍ନ ପାଇଁ ବନ୍ତାରା ଜାରି ରଖିବ ନିୟମିତ ନିରୀକ୍ଷଣ**

ମାଧୁରୀ ବର୍ତ୍ତମାନ ଯେଉଁ ନନ୍ଦାନୀସ୍ଥିତ ଏନ୍‌କ୍ଲୋଜର୍ ଏବଂ ସୁବିଧା କେନ୍ଦ୍ରକୁ ଫେରୁଛି, ସେଠାରେ ମଧ୍ୟ ବନ୍ତାରା ପକ୍ଷରୁ କାର୍ଯ୍ୟ କରାଯାଇଛି। ଉପଲବ୍ଧ ଭିତ୍ତିଭୂମି ମଧ୍ୟରେ ତାଙ୍କ ପାଇଁ ସର୍ବୋତ୍ତମ ସମ୍ଭାବ୍ୟ ବ୍ୟବସ୍ଥା କରାଯାଇଛି। ନଗର ଯୋଜନା ସମ୍ପର୍କିତ କଟକଣା ଯୋଗୁଁ ଏହି ପର୍ଯ୍ୟାୟରେ ଭିତ୍ତିଭୂମିରେ ଆହୁରି ସୁଧାର କରାଯାଇପାରି ନ ଥିଲା। ଟ୍ରଷ୍ଟର ଜମି ମଧ୍ୟଦେଇ ଏକ ରାସ୍ତା ଯାଇଥିବାରୁ ବିକାଶ ପାଇଁ ଉପଲବ୍ଧ ଜମିର ପରିମାଣ ସୀମିତ ହୋଇଛି। ମାଧୁରୀ ସେଠାରେ ସ୍ୱାଭାବିକ ହୋଇଯିବା ପରେ, ସୁବିଧା କେନ୍ଦ୍ରର ଉନ୍ନତିକରଣ ପାଇଁ ବନ୍ତାରା ମଠକୁ ଆବଶ୍ୟକ ସହଯୋଗ ଯୋଗାଇବାକୁ ସର୍ବଦା ପ୍ରସ୍ତୁତ ରହିବ।

ପ୍ରକୃତ ପ୍ରାଣୀ କଲ୍ୟାଣ ପାଇଁ ତଥ୍ୟ, ପ୍ରାଣୀ ଚିକିତ୍ସା ବିଜ୍ଞାନ, ଦାୟିତ୍ୱପୂର୍ଣ୍ଣ ଯତ୍ନ, ଆଇନସମ୍ମତ ପ୍ରକ୍ରିୟା ପ୍ରତି ସମ୍ମାନ ଏବଂ ଜୀବନର ସୁରକ୍ଷା ପାଇଁ ଚିରସ୍ଥାୟୀ ଓ ଅଟଳ ପ୍ରତିବଦ୍ଧତା ଉପରେ ବନ୍ତାରା ବିଶ୍ୱାସ କରେ।

ସୁପ୍ରିମକୋର୍ଟ, ବମ୍ବେ ହାଇକୋର୍ଟ, ଉଚ୍ଚ କ୍ଷମତା ସଂପନ୍ନ କମିଟିଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇବା ସହ ମହାରାଷ୍ଟ୍ର ଏବଂ ଗୁଜରାଟ ସରକାର ଓ ସେମାନଙ୍କର ଅଧିକାରୀମାନଙ୍କ ସହଯୋଗ ପାଇଁ ବନ୍ତାରା କୃତଜ୍ଞତା ଜ୍ଞାପନ କରିଛି। ମାଧୁରୀଙ୍କ ପ୍ରତି ଚିନ୍ତା ଓ ମମତା ପାଇଁ ମଧ୍ୟ ମଠ ଏବଂ କୋହ୍ଲାପୁରବାସୀଙ୍କ ପ୍ରତି ବନ୍ତାରା ସାଧୁବାଦ ଜଣାଇଛି। ମାଧୁରୀର ସୁସ୍ଥତାକୁ ସର୍ବପ୍ରଥମ ପ୍ରାଥମିକତା ଦେଇ ବନ୍ତାରା ତା'ର ଉତ୍ତମ ସୁସ୍ଥ ସ୍ୱାସ୍ଥ୍ୟ ଏବଂ ଦୀର୍ଘ, ସୁରକ୍ଷିତ ଓ ସୁଖମୟ ଜୀବନ କାମନା କରିଛି।

# ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ

## ୫ ଶ୍ରମିକ ଗୁରୁତର: ୧୫ରୁ ଊର୍ଦ୍ଧ୍ୱ ଆହତ ଆଶଙ୍କା

■ ରାଉରକେଲା, ୧୨।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ କମଣ୍ଡସ୍ଥିତ ରୁଙ୍ଗ୍‌ଟା ଷ୍ଟିଲ୍ ପ୍ଲାଣ୍ଟର ଏସ୍ଏମ୍ଏସ୍-୨ ଫର୍ଣ୍ଣେସରେ ଶନିବାର ପୂର୍ବାହ୍ନରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫ ଶ୍ରମିକ ଗୁରୁତର ହୋଇଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତର ଆହତମାନଙ୍କୁ ଜିଲ୍ଲା ବାହାର ହସ୍ପିଟାଲକୁ ନିଆଯାଇଥିବାବେଳେ ଅନ୍ୟ ଆହତମାନଙ୍କୁ ରୁଙ୍ଗ୍‌ଟା ସ୍ୱାସ୍ଥକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଗୁରୁତର ଶ୍ରମିକମାନେ ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲ୍ଲାର ବୋଲି କୁହାଯାଉଛି। ହେଲେ ଏ ନେଇ ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ।









ସୂଚନା ମୁତାବକ, ଆଜି ସକାଳ ପ୍ରାୟ ସାଢେ ୧୦ଟାରେ ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟର ଷ୍ଟିଲ ମେଲ୍ଟିଂ ସପ୍-୨(ଏସ୍ଏମ୍ଏସ୍-୨)ର ଫର୍ଣ୍ଣେସରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏସ୍ଏମ୍ଏସ୍-୨ ଫର୍ଣ୍ଣେସରୁ ଉତ୍ତପ୍ତ

**ଘଟଣା ଚପାଇବାକୁ ଚାଲିଛି ଉଦ୍ୟମ**

ତରଳ ଲୁହା କଣ୍ଟେନର ସାହାଯ୍ୟରେ ଯାଉଥିବାବେଳେ ହଠାତ୍ ଉତ୍ତପ୍ତ ତରଳ ଲୁହାର ଏକ ବଡ଼ ଅଂଶ ତଳେ ପଡ଼ିଯାଇଥିଲା। ଚଟାଣରେ ପାଣି ଥିବାରୁ ଏହି ଉତ୍ତପ୍ତ ଲୁହା ପାଣି ଉପରେ ଢାଳି ହୋଇଯିବାରୁ ଭୟଙ୍କର ଶବ୍ଦ ହୋଇ ବିସ୍ଫୋରଣ ହୋଇଥିଲା। ▸ପୃଷ୍ଠା-୭

**ଦକ୍ଷିଣରେ ବର୍ଷା ବିପର୍ଯ୍ୟୟ**

# ମାଲକାନଗିରିରେ ବନ୍ୟା ସ୍ଥିତି

■ ଭୁବନେଶ୍ୱର,୧୨।୯ (ସମିସ): ଲଘୁଚାପଜନିତ ବର୍ଷା କାରଣରୁ ମାଲକାନଗିରିରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜିଲ୍ଲାରେ ଜନଜୀବନ ବ୍ୟାହତ ହୋଇଛି। ବିଶେଷକରି ଗତ ୨୪ ଘଣ୍ଟାରେ ଜିଲ୍ଲାରେ ପ୍ରବଳ ବର୍ଷା ରେକର୍ଡ କରାଯାଇଥିବା ବେଳେ ଅନେକ ଅଞ୍ଚଳରେ ଯାତାୟତ ଗୁରୁତର ଭାବେ ପ୍ରଭାବିତ ହୋଇଛି। କେତେକ ସ୍ଥାନରେ କଚ୍ଚା ଘର ଭାଙ୍ଗି ଯାଇଥିବା ବେଳେ ବିପନ୍ନଙ୍କ ପାଇଁ ଜିଲ୍ଲା ପ୍ରଶାସନ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଛି। ତେବେ ରବିବାରଠାରୁ ବର୍ଷା କମିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଥିବା ବେଳେ ସାଧାରଣରେ ଏହା ଆଶ୍ୱସ୍ତି ଆଣିଛି। ▸ପୃଷ୍ଠା-୭

**ଆଜିଠାରୁ କମିବ ବର୍ଷା**

# ପୁଣି ଅଶାନ୍ତ ଆସିକା

**ଯୁବକଙ୍କୁ ୨ ରାଉଣ୍ଡ ଗୁଳିମାଡ଼**

■ ବ୍ରହ୍ମପୁର, ୧୨।୯ (ସମିସ): ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଅନ୍ତର୍ଗତ ସରାବାଡ଼ି ଗ୍ରାମରେ ଗୁଳିକାଣ୍ଡ ଘଟିଛି। ଗ୍ରାମର ୩୦ବର୍ଷୀୟ ଜୟସେନ ପ୍ରଧାନ ନାମକ ଜଣେ ଯୁବକଙ୍କୁ ଦୁଇ ରାଉଣ୍ଡ ଗୁଳିମାଡ଼ ହୋଇଥିବା ଜଣାପଡ଼ିଛି। ଗୁଳିମାଡ଼ରେ ତାଙ୍କ ପେଟ ଓ ପିଠିରେ ଗୁଳି ବାଜିଥିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଯୋଡ଼ାବନ୍ଧ ଛକ ନିକଟରେ ଜୟସେନ ଥିବା ସମୟରେ ଗୋଟିଏ ବାଇକ୍‌ରେ ୩ ଜଣ ଯୁବକ ଆସିଥିଲେ। ସେମାନେ ଜୟସେନଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗୁଳିମାଡ଼ରେ ଜୟସେନଙ୍କ ପେଟ ଓ ପିଠିରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ଜୟସେନଙ୍କୁ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଗୁଳିମାଡ଼ର କାରଣ ଏବଂ ଆକ୍ରମଣକାରୀଙ୍କ ପରିଚୟ ସମ୍ପର୍କରେ ଏଯାବତ୍ ସ୍ପଷ୍ଟ ସୂଚନା ମିଳିନାହିଁ। ବଡ଼ଗଡ଼ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି।




ସକାଳ
THE SAKALA



www.sakalaepaper.com

### ଆଉ ୪ ଦିନ ପରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା

# ବୈଠକ ପରେ ବନ୍ଦହେଲା ଦୁର୍ଗାପୂଜା ପେଣ୍ଡାଲ ସମ୍ମୁଖ ଅସ୍ଥାୟୀ ଷ୍ଟଲ

ଅନୁଗୋଳ,୧୨।୯ (ସମିସ):



ପ୍ରସିଦ୍ଧ ନାଲକୋ ନଗର ବିଶ୍ୱକର୍ମା ପୂଜା ଚଳିତ ବର୍ଷ ୧୯ଟି ପେଣ୍ଡାଲରେ ପୂଜା ପାଇବେ ବିଶ୍ୱବିଦ୍ଧାଣୀ ବିଶ୍ୱକର୍ମା। ସପ୍ତାହ ବ୍ୟାପୀ ପୂଜା ଉତ୍ସବ ଆସନ୍ତା ୭ ତାରିଖରୁ ଆରମ୍ଭ ହେବ। ଏଥି ପାଇଁ ପୂଜା ମଣ୍ଡପଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ପ୍ରତିଦିନ ଲକ୍ଷାଧିକ ଦର୍ଶକଙ୍କ ସମାବେଶ ହେବା ଆଶା କରାଯାଉଛି। ଏପଟେ ପୂଜା ମହୋତ୍ସବରେ ଦୋକାନ ବଜାର ପାଇଁ ବ୍ୟବସାୟୀ ମାନ ଆଗମନ ଆରମ୍ଭ କରିଦେଲେଣି। ମାତ୍ର ଚଳିତବର୍ଷ ଅସ୍ଥାୟୀ ଷ୍ଟଲ ଆବଣ୍ଟନରେ ଅନିୟମିତତା ଆଶଙ୍କା କରି ବିବାଦ ଉପୁଜିଛି। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ନାଲକୋର ବିଭିନ୍ନ ସଂଗଠନ ପକ୍ଷରୁ ଏହାର ତ୍ୱରିତ ସମାଧାନ ପାଇଁ ନାଲକୋ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଘଟଣାକୁ ଗୁରୁତ୍ୱ ଦେଇ ପୂଜା ମହୋତ୍ସବକୁ ଶୃଙ୍ଖଳିତ କରିବାକୁ ଜିଲ୍ଲା ପୁଲିସ ପ୍ରଶାସନ ହସ୍ତକ୍ଷେପ କରିଛି। ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ନାଲକୋ ଥାନା ଅଧିକାରିଣୀ ନମିତା ନାୟକଙ୍କ ଆବାହକତ୍ୱରେ ନାଲକୋ ନଗର କଲ୍ୟାଣ ମଣ୍ଡପରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ସୁଶାନ୍ତ ନାୟକ, ନାଲକୋ ଏସ ଆଣ୍ଡ ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଣବ କୁମାର ଦାସ, ଜିଜିଏମ (ଏଚ ଆଣ୍ଡ ଏ) ହିମାଂଶୁ ଶେଖର ପ୍ରଧାନ, ଜିଜିଏମ (ଫାଇନାନ୍ସ) ହିମାଂଶୁ ଶେଖର ପଣ୍ଡା, ସିଜିଏମ (ଏଚ.ଆର ସିପିପି) ପିକେ. ସାହୁ, ଜିଏମ (ସିଷ୍ଟମ୍ ଆଡମିନିଷ୍ଟ୍ରେସନ ଏସ ଆଣ୍ଡ ପି) ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପୂଜା ଅବସରରେ ଦଶହରା ପୂଜା ପେଣ୍ଡାଲ ସମ୍ମୁଖ ଆବଣ୍ଟନ ଅସ୍ଥାୟୀ ଷ୍ଟଲ୍‌ର ସ୍ୱଚ୍ଛତା ନେଇ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ଏହି ପୂଜା ମଣ୍ଡପ ସମ୍ମୁଖ ନିର୍ମାଣାଧୀନ ଅସ୍ଥାୟୀ ଦୋକାନ ଷ୍ଟଲକୁ ଅସିଦ୍ଧ ଘୋଷଣା କରାଯାଇଛି। ନାଲକୋ ପ୍ରଶାସନର ବିନା ଅନୁମତିରେ ମଣ୍ଡପ ସମ୍ମୁଖରେ ପ୍ରାୟ ୧୬୦ ଷ୍ଟଲ ଉଚ୍ଛେଦ କରିବାକୁ ନିଷ୍ପତ୍ତି ହୋଇଛି। ପେଣ୍ଡାଲ ସମ୍ମୁଖରେ କୌଣସି ବି ଦୋକାନ ବସିବ ନାହିଁ।

ବୈଠକରେ ସାର୍ବଜନୀନ ଦୁର୍ଗାପୂଜା ଓ କାଳୀପୂଜା କମିଟିର ପୂର୍ବତନ ଉପସଭାପତି ମନୋଜ ସ୍ୱାଇଁ ଓ କୋଷାଧ୍ୟକ୍ଷ ସ୍ୱରୂପ ରଞ୍ଜନ ଗଡ଼ନାୟକ ରହିଥିବା ବେଳେ ନୂତନ କମିଟି କମିଟି ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲ।।। ମାତ୍ର ନାଲକୋ କର୍ତ୍ତୃପକ୍ଷଙ୍କ ପ୍ରତିନିଧିଙ୍କ ଅସହମତି ଯୋଗୁଁ ପୂଜା କମିଟିର ନୂତନ କମିଟି ଗଠିତ ହୋଇପାରି ନାହିଁ। ବୈଠକରେ ନାଲକୋର ବିଭିନ୍ନ ୮ଟି ଶ୍ରମିକ ସଂଗଠନର କର୍ମକର୍ତ୍ତା, ନାଲକୋ ଅଫିସର ସଂଘ ଓ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂଘ କର୍ମକର୍ତ୍ତାଙ୍କ ସମେତ ପ୍ରାୟ ଦେଢ଼ଶହ ଲୋକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୪ ଦଶନ୍ଧୀ ଧରି ନାଲକୋନଗରେ ସାର୍ବଜନୀନ ଦୁର୍ଗାପୂଜା ଓ କାଳୀପୂଜା ପାଳିତ ହୋଇଆସୁଛି। ଏଥିରେ ପ୍ରତ୍ୟେକ ନାଲକୋ କର୍ମଚାରୀ ସାମିଲ ହୋଇଥାନ୍ତି। ଦରମାରୁ ପୂଜା ପାଇଁ ଅନୁଦାନ ଦେଇଥାନ୍ତି ଯାହାକି ପ୍ରତ୍ୟେକ ଶ୍ରମିକ ସଂଗଠନର ଅନୁମୋଦନ କ୍ରମେ। ଶାରଦୀୟ ପୂଜା ଉତ୍ସବକୁ ଅଧିକ ସରସସୁନ୍ଦର କରିବାକୁ ପ୍ରତ୍ୟେକ ବର୍ଷ ବିଶ୍ୱକର୍ମା ପୂଜା ଅବସରରେ ଦୁର୍ଗା ମଣ୍ଡପ ପରିସରରେ ଦୋକାନ ବଜାର ପକାଇ ସେଥିରୁ ସଂଗୃହୀତ ରାଜସ୍ୱ ଲାଗିଥାଏ। ମାତ୍ର ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ପାଣ୍ଠି ପ୍ରଭାବିତ ହେବା ଆଶଙ୍କାରେ ନାଲକୋବାସୀ ଦୁଃଖ ପ୍ରକାଶ କରିଛନ୍ତି। ଦୁର୍ଗାପୂଜାକୁ ଶୃଙ୍ଖଳିତ ଭାବେ ପାଳନ କରିବାକୁ ପ୍ରଶାସନର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ବିଭିନ୍ନ ସଂଗଠନ ମତ ଦେଇଛନ୍ତି।

## ଟାଟା ଷ୍ଟିଲ ଯୁବଜ୍ୟୋତି ବିଜ୍ଞାନୀ ଅନ୍ୱେଷଣ କାର୍ଯ୍ୟକ୍ରମ



ବଅଁରପାଳ,୧୨।୯ (ସମିସ): ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମ ସହଯୋଗରେ ଯୁବଜ୍ୟୋତି ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ୨୦ତମ ସଂସ୍କରଣ ସ୍ଥାନୀୟ ବିଜୟ କୁମାର ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ସ୍କୁଲ ପିଲାମାନଙ୍କ ମଧ୍ୟରେ ମହାକାଶ ବିଜ୍ଞାନକୁ ନେଇ ଆଗ୍ରହ ଓ ଅନ୍ୱେଷଣ ପାଇଁ ଉତ୍ସାହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବହୁବିଧ ପ୍ରଶ୍ନ ପରୀକ୍ଷା ଓ ୬ଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ କୁଇଜ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ସୁଧାକର ସାମନ୍ତସିଂହାର ହାଇସ୍କୁଲରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଞ୍ଜୟ ବେଲରାଓ, ଯଶୋବନ୍ତ ରାୟ ଯୋଗଦେଇଥିଲେ। ପାଞ୍ଚଗଡ଼ ବିଜୟ କୁମାର ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାମ୍ବାଦିକ ଅଖିଳ କୁମାର ମହାପାତ୍ର ଓ ପ୍ରଧାନଶିକ୍ଷକ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।

## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବଅଁରପାଳ,୧୨।୯ (ସମିସ): ନୂଆ ପରିବେଶ, ନୂଆ ସାଙ୍ଗସାଥୀ ଓ ନୂଆ ସ୍ୱପ୍ନ ନେଇ କଲେଜ ଜୀବନରେ ପାଦ ଥାପିଥିବା ନବାଗତ ଛାତ୍ରଛାତ୍ରୀଙ୍କୁ ମିଳିଛି ଉଷ୍ମ ସ୍ୱାଗତ। ବଅଁରପାଳ ବ୍ଲକ ଅନ୍ତର୍ଗତ ନାରାୟଣୀ କଲେଜ ଅଡିଟୋରିୟମରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଛି। ସମାରୋହରେ ନାରାୟଣୀ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ବିଭୁଧେନ୍ଦୁ ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କଲେଜ ଅଧ୍ୟକ୍ଷା ରଶ୍ମିତାବାଳା ଗଡ଼ନାୟକଙ୍କ ସମେତ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କଲେଜ କେବଳ ଜ୍ଞାନ ଆହରଣର ସ୍ଥାନ ନୁହେଁ, ଏହା ଜୀବନ ଗଢ଼ିବାର କାରଖାନା ବୋଲି ମୁଖ୍ୟଅତିଥି କହିଥିଲେ। ପାଠପଢ଼ା ସହ ଶୃଙ୍ଖଳା, ସମୟାନୁବର୍ତ୍ତିତା, ନମ୍ରତା ଓ ମାନବିକତାକୁ ଜୀବନର ଅଂଶ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀମାନେ ନବାଗତଙ୍କୁ ପାଠପଢ଼ା ଓ କଲେଜ ଜୀବନରେ ସମସ୍ତ ସହଯୋଗ କରିବାର ବାର୍ତ୍ତା ଦେଇଥିଲେ। ଡ. ଅବିନାଶ ମହନ୍ତ, ସୁପ୍ରୀତି ଧର, ଦୀପକ କୁମାର ଦେହୁରୀ, ଜିତେନ୍ଦ୍ର ମିଶ୍ର, ସିଦ୍ଧାର୍ଥ ପଟ୍ଟନାୟକ, ସୁରେଶ ଚନ୍ଦ୍ର କର, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସଭିତ କର, ସାନ୍ତ୍ୱନା ଶତପଥୀ, ସିପୁନ କୁମାର ଷେଣ୍ଢ, ଭୂପତି ଭୂଷଣ ପ୍ରଧାନ, ଚନ୍ଦ୍ରମଣି ପ୍ରଧାନ, ଚିନ୍ମୟ ବେହେରା, ଆଲୋକ ବେହେରା, ଶ୍ରୀକାନ୍ତ ବେହେରା, ପ୍ରଶାନ୍ତ ଭୁକ୍ତା, ବାପି ଭୁକ୍ତା ଓ ସୁଲୋଚନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କଲେଜର ଲୋକସମ୍ପର୍କ ଅଧିକାରୀ ଇଂ. ଶଶାଙ୍କ ଶେଖର ସାମଲ ସଭା ପରିଚାଳନା କରିଥିଲେ।

## ପୂଜା ମଣ୍ଡପ ଅଞ୍ଚଳରୁ ଜବରଦଖଲ ହଟାଇବାକୁ ଦାବି

ନାଲକୋ ନଗର,୧୨।୯ (ସମିସ): ନାଲକୋ ନଗରରେ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ ଅଞ୍ଚଳରେ ଜବରଦଖଲ ଏବଂ ଅସ୍ଥାୟୀ ନିର୍ମାଣ ହଟାଇବାକୁ ନାଲକୋ ଏମ୍ପ୍ଲଇଜ ସଂଘ (ନେସ) ପକ୍ଷରୁ ନାଲକୋ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନ୍ୟଥା ସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ କିଛି ବ୍ୟକ୍ତି ଅନୁମତି ବିନା ଉକ୍ତ ଅଞ୍ଚଳକୁ ଦଖଲ କରିଛନ୍ତି। ଆଗାମୀ ବିଶ୍ୱକର୍ମା ପୂଜା ସମୟରେ ଭଡ଼ା ଭିତ୍ତିରେ ଛୋଟ ଦୋକାନ ମାଲିକମାନଙ୍କୁ ସ୍ଥାନ ସବଲେଟ୍ ଦେବା ଏବଂ ବିପୁଳ ଟଙ୍କା ଆଦାୟ କରିବା ଉଦ୍ଦେଶ୍ୟରେ ଅସ୍ଥାୟୀ ସେଡ୍ ନିର୍ମାଣ କରିଛନ୍ତି। ଗତ ପ୍ରାୟ ୩୦ ବର୍ଷ ଧରି ଏସ୍‌ଓପି ଅନୁଯାୟୀ ପାରମ୍ପରିକ ଭାବେ ନାଲକୋ ନଗର ଦୁର୍ଗାପୂଜା କମିଟି ଦ୍ୱାରା ଉତ୍ସବ ସମୟରେ ଛୋଟ ଦୋକାନ ମାଲିକମାନଙ୍କୁ ଉକ୍ତ ଜମି ଆବଣ୍ଟିତ କରାଯାଇଛି। ଏହିପରି ଆବଣ୍ଟନ ମାଧ୍ୟମରେ ସୃଷ୍ଟ ପାଣ୍ଠି ଦୁର୍ଗାପୂଜା ଉତ୍ସବ ଆୟୋଜନ ଏବଂ ପରିଚାଳନା ପାଇଁ ବ୍ୟବହାର କରାଯାଇଛି। ନାଲକୋ ନଗରରେ ଦୁର୍ଗାପୂଜା ଏକ ଦୀର୍ଘକାଳୀନ ଧାର୍ମିକ ଏବଂ ସାମୂହିକ ପରମ୍ପରା, ଯାହାକୁ ବାସିନ୍ଦାମାନେ ମହାନ ଭକ୍ତି ଏବଂ ଆଧ୍ୟାତ୍ମିକ ଉତ୍ସାହର ସହ ପାଳନ କରନ୍ତି। ତେଣୁ ନିର୍ଦ୍ଦିଷ୍ଟ ପୂଜା କ୍ଷେତ୍ରର ଯେକୌଣସି ଅନଧିକୃତ ଦଖଲ ଏବଂ ବାଣିଜ୍ୟିକ ଶୋଷଣ ସମଗ୍ର ନାଲକୋ ନଗର ସମ୍ପ୍ରଦାୟ ପାଇଁ ଗମ୍ଭୀର ଚିନ୍ତାର ବିଷୟ ବୋଲି ଉଲ୍ଲେଖ କରାଯାଇଛି।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କଣିହାଁ,୧୨।୯ (ସମିସ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ କଣିହାଁ ଡିଗ୍ରୀ ମହାବିଦ୍ୟାଳୟରେ "ଶକ୍ତିଶ୍ରୀ' ସଶକ୍ତୀକରଣ ଅଧୀନରେ ଚାଲିଥିବା ୬ ଦିନିଆ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସେ ଛାତ୍ରୀମାନଙ୍କ ସୁରକ୍ଷା ଓ ଆତ୍ମବିଶ୍ୱାସ ବୃଦ୍ଧି କ୍ଷେତ୍ରରେ "ଶକ୍ତିଶ୍ରୀ' ସଂଗଠନ ଏବଂ ଆତ୍ମସୁରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

"ଶକ୍ତିଶ୍ରୀ' ସଂଯୋଜିକା ଅଧ୍ୟାପିକା ସୌମ୍ୟାଶ୍ରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷିକା ମାମାଲି ସାହୁଙ୍କ ତତ୍ତ୍ୱାବଧାନରେ ଆତ୍ମସୁରକ୍ଷା ସମ୍ବନ୍ଧୀୟ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏନଟିପିସି ଟାଉନ ଥାନା ଆଇଆଇସି ସଞ୍ଜୁକ୍ତା ଖିଲାର, ଏଏସ୍‌ଆଇ ପୁଷ୍ପାଞ୍ଜଳି ବେହେରା, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ପ୍ରଧାନ, ସଂସ୍କୃତ ଅଧ୍ୟାପକ ଗଣେଶ ଚନ୍ଦ୍ର ପାତ୍ର, ଇଂରାଜୀ ଅଧ୍ୟାପିକା ସବିତା ପ୍ରଧାନ, ଅଧ୍ୟାପିକା ସ୍ମିତାରାଣୀ ବଳ, ଡିଇଏମ୍ ସୁରେଶ କୁମାର ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପିକା ସୌମ୍ୟାଶ୍ରୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଦ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ




କିଶୋରନଗର,୧୨।୯ (ସମିସ): କିଶୋରନଗର ବ୍ଲକ ହଣ୍ଡପା ମହାନଦୀ ହାଇସ୍କୁଲ ପରିସରରେ ବିଶ୍ୱ ଯୁବକେନ୍ଦ୍ର, ବାଣିନାଲୀ ପକ୍ଷରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ଯୁବ କେନ୍ଦ୍ରର ସଭାପତି ବସନ୍ତ ପ୍ରଧାନ ଓ ସମ୍ପାଦକ ମନୋଜ କୁମାର ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନର ଗୁରୁତ୍ୱ, ଶିକ୍ଷାର ଆବଶ୍ୟକତା ଓ ସାକ୍ଷରତାର ମହତ୍ତ୍ୱ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏଥିସହ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ବିଷୟରେ ସଚେତନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ଜେନା ଓ ଶିକ୍ଷକ ଦିଲୀପ କୁମାର ସାହୁଙ୍କ ସମେତ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ମା' ମାହେଶ୍ୱରୀଙ୍କ ବାର୍ଷିକ ପୂଜା

ବଇଣ୍ଡା,୧୨।୯ (ସମିସ): ହଣ୍ଡପା ଥାନା ହଣ୍ଡପା ଗ୍ରାମର ପ୍ରସିଦ୍ଧ ମା' ମାହେଶ୍ୱରୀଙ୍କ ବାର୍ଷିକ ପୂଜା ଶନିବାର ଅନୁଷ୍ଠିତ ହୋଇଛି। ମା'ଙ୍କୁ ବିରାଟ ଶୋଭାଯାତ୍ରାରେ ହଣ୍ଡପା ପରିକ୍ରମା କରିବା ପରେ ପୀଠରେ ଯଥାରୀତି ପୂଜା କରାଯାଇଥିଲା। ବାଜା, ବାଣରେ ପୀଠ ପ୍ରକମ୍ପିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ବିଶିକେଶନ ବିଶ୍ୱାଳ, ରବିନାରାୟଣ ପରିଡ଼ା, ସଂସାର ସ୍ୱାଇଁ, ସପ୍ନେଶ୍ୱର ସାହୁ, ତରଣୀସେନ ସାହୁ, ଜିତେନ୍ଦ୍ର ସାହୁ, ରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କୁ ହତ୍ୟା ଧମକ

ବଇଣ୍ଡା,୧୨।୯ (ସମିସ): ଠାକୁରଗଡ଼ ଥାନା ସାନଦାଦର ଗ୍ରାମର ଯଶୋବନ୍ତୀ ସାହୁଙ୍କୁ ତାଙ୍କ ଦିଅର ନିସେଜ ସାହୁ ହତ୍ୟା ଧମକ ଦେଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଯଶୋବନ୍ତୀ ଓ ନିସେଜଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଥିଲା। ଯଶୋବନ୍ତୀ ଘରେ ଥିବା ବେଳେ ନିସେଜ ଆସି ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

## ତାପସ କାର୍ଯ୍ୟକାରୀ ସଭାପତି, ମନ୍ଦରଧର ସମ୍ପାଦକ ମନୋନୀତ



ଅନୁଗୋଳ,୧୨।୯ (ସମିସ): ସ୍ଥାନୀୟ ଷ୍ଟେସନ ଛକ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଦୁର୍ଗାପୂଜା ଟ୍ରଷ୍ଟ ସାଧାରଣ ବୈଠକ ସଭାପତି ନିଲୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଚଳିତ ବର୍ଷ ପୂଜାକୁ ଶାନ୍ତି ଶୃଙ୍ଖଳା ଓ ଧୁମଧାମରେ ପାଳନ କରାଯିବା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଚଳିତ ବର୍ଷ ପାଇଁ କାର୍ଯ୍ୟକାରୀ ସଭାପତି ଭାବେ ତାପସ ବିଶ୍ୱାଳ, ସମ୍ପାଦକ ଭାବେ ମନ୍ଦରଧର ମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ମାନସ ରଞ୍ଜନ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ପୂଜା ପାଇଁ ଚାନ୍ଦା ଆଦାୟ, ମୂର୍ତ୍ତି ନିର୍ମାଣ, ମଣ୍ଡପ ସଜାସଜ୍ଜା, ଆଲୋକୀକରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଟ୍ରଷ୍ଟର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପରମାନନ୍ଦ ମିଶ୍ରଙ୍କ ପୁସ୍ତକ 'ବିଶାଖା ଲିଗାସୀ' ଆମାଜନରେ ଉପଲବ୍ଧ

ଅନୁଗୋଳ,୧୨।୯ (ସମିସ): କାର୍ଯ୍ୟସ୍ଥଳରେ ମହିଳାଙ୍କ ସମ୍ମାନ, ମର୍ଯ୍ୟାଦା ଓ ସୁରକ୍ଷାର ଅଧିକାରକୁ କେନ୍ଦ୍ର କରି ଅନୁଗୋଳର ଅଭିଜ୍ଞ ଆଇନଜୀବୀ ଡ. ପରମାନନ୍ଦ ମିଶ୍ରଙ୍କ ରଚିତ 'ବିଶାଖା ଲିଗାସୀ' ପୁସ୍ତକ ଏବେ ଆମାଜନ୍ କିଣ୍ଡଲେ ଇ-ବୁକ୍ ଭାବେ ପ୍ରକାଶିତ ହେବା ସହ ବିକ୍ରୟ ପାଇଁ ଉପଲବ୍ଧ ହୋଇଛି। ବିଶାଖା ଲିଗାସୀର ମୁଖ୍ୟ ବିଷୟ ହେଉଛି କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଭାରତୀୟ ଆଇନ ବ୍ୟବସ୍ଥାର ବିକାଶ। ବିଶେଷକରି ବିଶାଖା ରାୟ ଓ ଏହା ପରବର୍ତ୍ତୀ ଆଇନଗତ ବିକାଶ କିପରି ଶେଷ ପର୍ଯ୍ୟନ୍ତ ପିଓଏସ୍‌ଏଚ୍ ଆଇନ-୨୦୧୩ ପାଇଁ ଏକ ଦୃଢ଼ ଆଇନଗତ ଭିତ୍ତି ସୃଷ୍ଟି କଲା, ପୁସ୍ତକଟି ସେହି ଯାତ୍ରାକୁ ଆଲୋଚନା କରିଥାଏ। ମହିଳାଙ୍କ ପାଇଁ ନିରାପଦ ଓ ସମ୍ମାନଜନକ କାର୍ଯ୍ୟ ପରିବେଶ କେବଳ ଏକ ସାମାଜିକ ଆବଶ୍ୟକତା ନୁହେଁ, ଏହା ଏକ ମୌଳିକ ଅଧିକାର ଓ ଆଇନଗତ ଅଧିକାର। ଏହି ଦୃଷ୍ଟିକୋଣକୁ ପୁସ୍ତକଟି ଗୁରୁତ୍ୱ ଦେଇଥାଏ। କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ଅଭିଯୋଗ, ପ୍ରତିକାର ବ୍ୟବସ୍ଥା, ନିଯୁକ୍ତିଦାତାଙ୍କ ଦାୟିତ୍ୱ ଏବଂ ଆଇନର ପ୍ରାୟୋଗିକ ଦିଗ ବିଷୟରେ ମଧ୍ୟ ଏହି ପୁସ୍ତକ ଉପଯୋଗୀ ହୋଇପାରେ।




ଡ. ମିଶ୍ର ଦୋନୀ ଆଇନ, ଫୌଜଦାରୀ ଆଇନ ଏବଂ ବିଭିନ୍ନ ଆଇନ ଓ ବିଧିବିଧାନରେ ଅଭିଜ୍ଞତା ଥିବା ଜଣେ ଆଇନଜୀବୀ। ଆଇନର ବ୍ୟବହାରିକ ପ୍ରୟୋଗ ଓ ନ୍ୟାୟିକ ପ୍ରକ୍ରିୟା ପ୍ରତି ତାଙ୍କର ଦୀର୍ଘ ଅନୁଭବ ଏହି ପୁସ୍ତକର ବିଷୟବସ୍ତୁକୁ ବ୍ୟବହାରିକ ଆଇନଗତ ଦୃଷ୍ଟିକୋଣ ପ୍ରଦାନ କରିଛି। ବିଶାଖା ଲିଗାସୀ ଆଇନ ଛାତ୍ରଛାତ୍ରୀ, ଯୁବ ଆଇନଜୀବୀ, ମହିଳା କର୍ମଚାରୀ, ନିଯୁକ୍ତିଦାତା, ଏଚ୍‌ଆର୍ ପ୍ରଫେସନାଲ ଏବଂ କାର୍ଯ୍ୟସ୍ଥଳରେ ମହିଳାଙ୍କ ଅଧିକାର ଓ ସୁରକ୍ଷା ସହ ଜଡ଼ିତ ବ୍ୟକ୍ତିମାନଙ୍କ ପାଇଁ ଉପଯୋଗୀ ହେବା ଆଶା ରହିଛି। ପୁସ୍ତକଟି ବର୍ତ୍ତମାନ ଆମାଜନ୍‌ରେ ଦେଶ-ବିଦେଶର ପାଠକଙ୍କ ପାଇଁ ଉପଲବ୍ଧ ରହିଛି।

## ଜିଲ୍ଲାସ୍ତରୀୟ ବିଜ୍ଞାନ ପାଠଚକ୍ର



ଅନୁଗୋଳ,୧୨।୯ (ସମିସ): ସ୍ଥାନୀୟ ଖଲାରି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ପାଠଚକ୍ର ଆୟୋଜିତ ହୋଇଛି। ଭରତୀୟ ଶକ୍ତି ବାସ୍କେଟ ୨୦୪୭: ସମ୍ଭାବନା ଓ ଆହ୍ୱାନ ବିଷୟବସ୍ତୁ ଉପରେ ଆଧାରିତ ପାଠଚକ୍ରରେ ପୌରୋହିତ୍ୟ କରି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଗବେଷଣାତ୍ମକ ମନୋଭାବ ନେଇ ଅଧ୍ୟୟନ କରିବା ସହ ନିଜକୁ ଦକ୍ଷ ମାନବସମ୍ବଳ ରୂପେ ଉପସ୍ଥାପିତ କରି ବିକଶିତ ଭାରତ ୨୦୪୭ ମାର୍ଗରେ ଦେଶକୁ ଆଗେଇ ନେବାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକ ପାଠଚକ୍ରର ଉଦ୍ଦେଶ୍ୟ ଜ୍ଞାପନ ପୂର୍ବକ ଏଥିରେ ଅଂଶଗ୍ରହଣ କରି ଥିବା ୮ ବ୍ଲକ୍‌ର ୧୬ ଛାତ୍ରଛାତ୍ରୀଙ୍କୁ ୧୬ଟି ପ୍ରଜ୍ୱଳିତ ମସ୍ତିକ ରୂପେ ଅଭିହିତ କରିଥିଲେ।

ଉଦଯାପନୀ କାର୍ଯ୍ୟକ୍ରମରେ ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଜଣେ ବିଜେତା ବୋଲି କହିଥିଲେ। ଅନ୍ୟତମ ଅତିଥ ଭାବେ ପରିଚାଳନା ସମିତି ଅଧ୍ୟକ୍ଷ କନ୍ଦର୍ପ ମହାରଣା ଯୋଗଦେଇଥିଲେ। ବିଚାରକ ରୂପେ ବଇଣ୍ଡା ଜନତା ମହାବିଦ୍ୟାଳୟ ରସାୟନ ବିଭାଗ ଅଧ୍ୟାପକ ଅସିତ୍ କୁମାର ଜେନା ଓ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ଦୀପାଂଶୁ ଶେଖର ସାହୁ ଉପସ୍ଥିତ ଥିଲେ। ପାଲଲହଡ଼ା ମହତାବ ଉଚ୍ଚ ବିଦ୍ୟାଳୟର ମହମ୍ମଦ ଫରହାନ ପ୍ରଥମ, ପିଏମ୍‌ଶ୍ରୀ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଇପ୍ସିତା ମିଶ୍ର ଦ୍ୱିତୀୟ ଓ ରଣିଆକଟା ଓଏଭିର ବିଶ୍ୱଜିତ୍ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହମ୍ମଦ ଫରହାନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ଖଲାରି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ବିଶ୍ୱାଳ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଖଲାରି ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରବୀଣା ପ୍ରିୟଦର୍ଶିନୀ ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏକାଧିକ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ

କଣିହାଁ/ପବିତ୍ରନଗର,୧୨।୯ (ସମିସ):



କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଶନିବାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ, ଭୂମିପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଓ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଉଦଘାଟନ ଓ ଭୂମିପୂଜନ କରିଥିଲେ।

ଅର୍କିଳ ପଞ୍ଚାୟତ ଦ୍ୱାରବନ୍ଧରେ ଜିଲ୍ଲା ଖଣିଜ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସିସି ରାସ୍ତା ଓ ଦ୍ୱାରବନ୍ଧ ପ୍ରାଥମିକ ବିଦ୍ୟାଳୟରେ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଫାଟକ ଉଦଘାଟିତ ହୋଇଛି। କରଡ଼ାଖମଣ ଓ ପରମପଶିରେ ୧୦ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟରେ ନିର୍ମିତ ସିସି ରାସ୍ତା ଉଦଘାଟିତ ହୋଇଛି। ପରମପଶି ଗ୍ରାମରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଦୋଳମଣ୍ଡପର ଭୂମିପୂଜା କରାଯାଇଛି। ଅର୍କିଳ ଉଚ୍ଚ ବିଦ୍ୟାଳୟରେ ଏମସିଏଲ୍ ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସାଇକଲ ଷ୍ଟାଣ୍ଡ ଏବଂ ଅର୍କିଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଫାଟକ ଓ ପାଚେରି ଉଦଘାଟିତ ହୋଇଛି। ଅର୍କିଳ-୧ରେ ୮ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଭୋଗମଣ୍ଡପର ଭୂମିପୂଜା କରାଯାଇଛି। ବୀରୁ ପଞ୍ଚାୟତ ବୀରୁ ଉଚ୍ଚ ବିଦ୍ୟାଳୟରେ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସାଇକଲ ଷ୍ଟାଣ୍ଡର ଭୂମିପୂଜା ହୋଇଛି। ବୀରୁ ଲକ୍ଷ୍ମୀପୂଜା କମ୍ୟୁନିଟି ସେଣ୍ଟର ପାଇଁ ୫ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା କାର୍ଯ୍ୟର ଶୁଭାରମ୍ଭ ସହ ବୀରୁଠାରୁ ବୁଲାଝାର ପର୍ଯ୍ୟନ୍ତ ୬ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେହିପରି ଦଲକ ପଞ୍ଚାୟତ ଦଲକ ଗ୍ରାମରେ ୫ ଲକ୍ଷ ଟଙ୍କା ବ୍ୟୟରେ ମା' ବୁଢ଼ୀ ଠାକୁରାଣୀ ମନ୍ଦିରର ନବୀକରଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବୁଢ଼ୀ ଠାକୁରାଣୀ ମନ୍ଦିରଠାରୁ ଟିଟିରିମା ପର୍ଯ୍ୟନ୍ତ ୨ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ନାଲମ ବାହାଳସାହିଠାରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କୋଠଘର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ଅବସରରେ ବିଧାୟକ ମହାନ୍ତି କହିଲେ, ଗତ ଦୁଇ ବର୍ଷ ମଧ୍ୟରେ ପାଲଲହଡ଼ା ନିର୍ବାଚନମଣ୍ଡଳୀର ଗମନାଗମନ ବ୍ୟବସ୍ଥା ସୁଦୃଢ଼ କରିବା ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଇଛି। ନିର୍ବାଚନମଣ୍ଡଳୀରେ ୨୫୦ କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଆଗାମୀ ଦିନରେ ଗ୍ରାମାଞ୍ଚଳର ରାସ୍ତାଘାଟ, ଶିକ୍ଷା, ଗମନାଗମନ ଓ ମୌଳିକ ସମସ୍ୟାକୁ ଅଗ୍ରାଧିକାର ଦିଆଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅର୍କିଳ ସରପଞ୍ଚ ହେମନ୍ତ କୁମାର ସାହୁ, କର୍ଣ୍ଣପାଳ ସରପଞ୍ଚ, ବୀରୁ ସରପଞ୍ଚ ଧରଣୀଧର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ଜିଲ୍ଲା ବିଜେପି ସମ୍ପାଦକ ପ୍ରହ୍ଲାଦ ସାମଲଙ୍କ ସମେତ ବହୁ ଜନପ୍ରତିନିଧି, ଦଳୀୟ କର୍ମକର୍ତ୍ତା, ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଚାଷଜମିରୁ ବଉଳା କୁମ୍ଭୀର ଉଦ୍ଧାର



**ରାଜନଗର,୧୨।୯ (ସମିସ):** ଆଜି ଚାଷଜମିରୁ ଏକ ବଉଳା କୁମ୍ଭୀର ଉଦ୍ଧାର ହୋଇଛି। ଭିତରଗଡ଼ ପଞ୍ଚାୟତ ବ୍ରାହ୍ମଣୀକୋହ୍ଲା ଗ୍ରାମର ଭାଗବତ ସ୍ୱାଇଁ ମାଛ ଧରିବା ପାଇଁ ଗତକାଲି ସନ୍ଧ୍ୟାରେ ନିଜ ଜମିରେ ଲଞ୍ଜା ଜାଲ ବସାଇଥିଲେ। ଆଜି ସକାଳେ ଭାଗବତ ସ୍ୱାଇଁ ଚାଷ ଜମିରେ ଦେଖିଲା ବେଳକୁ ଲଞ୍ଜାରେ ବଉଳା କୁମ୍ଭୀର ଲାଗିଛି। ମାଛ ଧରିବା ପାଇଁ ବସାଯାଇଥିବା ଲଞ୍ଜାରେ ୬ ଫୁଟର ବଉଳା କୁମ୍ଭୀରକୁ ଦେଖି ଭୟଭୀତ ହୋଇ ନିକଟରେ ଜମିରେ କାମ କରୁଥିବା ଲୋକଙ୍କୁ ଡାକ ପକାଇଥିଲେ। ପରେ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରି ସାତଭାୟା ନଦୀରେ ଛାଡ଼ିଥିଲେ। ମାଛ ଖାଇବାକୁ କୁମ୍ଭୀର ଚାଷଜମିରେ ପ୍ରବେଶ କରିଥିବା କୁହାଯାଉଛି। ବାରମ୍ବାର ରାଜନଗର ଅଞ୍ଚଳରେ କୁମ୍ଭୀର ପାଦୁର୍ଭାବ ବଢ଼ିବାରେ ଲାଗିଛି। ଚାଷଜମିରେ କୁମ୍ଭୀରକୁ ଦେଖି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

## ଚୋରି ମାମଲାରେ ୨ ଗିରଫ

**ମହାକାଳପଡ଼ା,୧୨।୯ (ସମିସ):** ମହାକାଳପଡ଼ା ଥାନା ଅଧୀନ ଚଡ଼ାଇଗୁଆଁ ଗ୍ରାମରେ ଗତ ଅଗଷ୍ଟ ୧୫ ତାରିଖ ବିଳମ୍ବିତ ରାତିରେ ଘଟିଥିବା ଚୋରି ଘଟଣାରେ ସିସିଟିଭି ଫୁଟେଜ ଆଧାରରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଚୋରି ଘଟଣାକୁ ନେଇ ସଂଯୁକ୍ତା ରାଉତରାୟ ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିଲେ। ଗୋଟିଏ ରାତିରେ ଗ୍ରାମର ବାବାଜୀ ଚରଣ ମଲ୍ଲ ଓ ସୁଶୀଲ ରଞ୍ଜନ ଚୌଧୁରୀଙ୍କ ଘରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସୁଶୀଲଙ୍କ ଘରେ କେହି ରହୁ ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତ ଘରେ ପଶି ଚୋରି କରିଥିବାବେଳେ ପଡ଼ୋଶୀ ଅଭିଯୋଗକାରିଣୀଙ୍କ ପରିବାର ଲୋକେ ଘରେ ଶୋଇଥିବା ସମୟରେ ମଧ୍ୟ ଚୋରି କରିଥିବା ଜଣାପଡ଼ିଥିଲା। ଅଭିଯୋଗକାରିଣୀଙ୍କ ଘରୁ ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବାବେଳେ ସୁଶୀଲଙ୍କ ଘରୁ ୬୦୦ ଟଙ୍କା ଚୋରି ହୋଇଥିଲା। ଏ ନେଇ ମହାକାଳପଡ଼ା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୋଗକାରିଣୀଙ୍କ ଘରଠାରୁ ୨୦୦ ମିଟର ଦୂରରେ ଥିବା ଜଣେ ପଡ଼ୋଶୀଙ୍କ ଘରର ସିସିଟିଭି ଫୁଟେଜ ପୁଲିସ ଯାଞ୍ଚ କରିଥିଲା। ଫୁଟେଜ ଯାଞ୍ଚରୁ ଚୋରି ଘଟଣାରେ ସମ୍ପୃକ୍ତ ଥିବା ମାର୍ଶାଘାଇ ଥାନା ଅଧୀନ ଗିରଙ୍ଗ ଗ୍ରାମର କୁଳିଆ ଓରଫ ରବୀନ୍ଦ୍ର ନାୟକ ଓ ବୁଲୁ ଓରଫ ସୁଶୀଲ ସ୍ୱାଇଁଙ୍କୁ ପୁଲିସ ଥାନାକୁ ଆଣି ପଚରାଉଚରା କରିଥିଲା। ପଚରାଉଚରା ସମୟରେ ଚୋରି ଘଟଣାରେ ଅନ୍ୟଜଣେ ସମ୍ପୃକ୍ତ ଥିବା ପୁଲିସ ସୁରାକ ପାଇଥିବା ଜଣାପଡ଼ିଛି। ରବୀନ୍ଦ୍ର ଓ ସୁଶୀଲଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନଡ଼ିଆବରାଇ ପଞ୍ଚାୟତରେ ଚାରା ରୋପଣ



**ଗରଦପୁର, ୧୨।୯ (ସମିସ):** ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏକ ପେଡ ମାଆ କେ ନାମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ଓ ସବୁଜ ପୃଥିବୀ ପରିକଳ୍ପନା କରି ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ଆଜି ନଡିଆବରାଇ ପଞ୍ଚାୟତରେ ଚାରା ରୋପଣ କରାଯାଇ ଉକ୍ତ କାର୍ଯ୍ୟାରମ୍ଭ କରାଯାଇଛି। ବିଡିଓ ଆଲୋକ ସେଠୀ ଅତିଥି ଭାବେ ଯୋଗଦେଇ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସରପଞ୍ଚ ସନ୍ତୋଷ ମାହାଳୀ ଉପସ୍ଥିତ ଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚୈତନ୍ୟ ବିଶ୍ୱାଳ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନଡିଆବରାଇ ପଞ୍ଚାୟତର ଯୁବକ, ବୁଦ୍ଧିଜୀବୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟା ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ 'ସ୍ୱାର୍କ-୨୦୨୬'

**ରାଜନଗର,୧୨।୯ (ସମିସ):** ରାଜନଗର ବାଘଡେଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୫ମ ପ୍ରତିଷ୍ଠା ଦିବସ 'ସ୍ୱାର୍କ-୨୦୨୬' ପାଳିତ ହୋଇଯାଇଛି। ଅଧ୍ୟକ୍ଷା ବି ଲୋପାମୁଦ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଭବିଷ୍ୟତରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଆଗେଇବାର ଅଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ସତ୍ୟବାଦୀ ଜେନା ଛାତ୍ରଛାତ୍ରୀ ସମାଜରେ ନିଜକୁ ଜଣେ ଜଣେ ଆଦର୍ଶ ବ୍ୟକ୍ତି ଭାବେ ପ୍ରତିଷ୍ଠିତ କରିବାକୁ ସ୍ୱପ୍ନ ଦେଖିବା ସହ କିଭଳି ରାଷ୍ଟ୍ର ଗଠନରେ ନିଜକୁ ସାମିଲ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ବାଘଡେଲା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ରିଙ୍କୁ ମଲ୍ଲିକ, ଦେବାଶିଷ ସାହୁ, ତନୁଜା ଦାସ, ଶରାଜୀ ଦାସ, ସୁମନ୍ତ ରାଉତ, ସାଇ ସଂଗୀତା ତ୍ରିବେଦୀ, ସୁବ୍ରତ ପ୍ରଧାନ, ବ୍ରଜେନ୍ଦ୍ର ମହାନ୍ତି, ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ବିଭିନ୍ନ ଲୋକନୃତ୍ୟ କିଛି ସମୟ ପାଇଁ ପରିବେଶକୁ ବେଶ ଭାବ ଗମ୍ଭୀର କରିଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ବୃଦ୍ଧାଙ୍କୁ ମଧ୍ୟାହ୍ନ ଓ ରାତ୍ରୀଭୋଜନ ଯୋଗାଇଦେବ କଳିଙ୍ଗ ଆବାସିକ ବିଦ୍ୟାଳୟ



**ଡେରାବିଶ, ୧୨।୯ (ସମିସ):** ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷବୃନ୍ଦପୁର ଗ୍ରାମର ସ୍ୱର୍ଗତ ଶ୍ୟାମସୁନ୍ଦର ନାୟକଙ୍କ ଅସହାୟ ବିଧବା ପତ୍ନୀ ଅନୀତା ନାୟକ (୮୦)ଙ୍କୁ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ସାରା ଜୀବନ ପାଇଁ ମଧ୍ୟାହ୍ନ ଓ ରାତ୍ରିଭୋଜନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ଅନୀତାଙ୍କ ସ୍ୱାମୀ ଶ୍ୟାମସୁନ୍ଦରଙ୍କର ୫ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ତାଙ୍କର କୌଣସି ସନ୍ତାନ ନାହାଁନ୍ତି। ବୃଦ୍ଧା ଅନୀତା ବୟସାଧିକ୍ୟ ଯୋଗୁଁ ଚଳପ୍ରଚଳ କରିବା କଷ୍ଟସାଧ୍ୟ ହୋଇପଡ଼ିଥିବାବେଳେ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତି କରିବାକୁ ଅକ୍ଷମ ହୋଇପଡ଼ିଛନ୍ତି। ଫଳରେ ସେ ବହୁ ସମୟରେ ଉପବାସ ରହୁଛନ୍ତି। ଏ ଖବର ପାଇ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନ ଅନୀତାଙ୍କ ନିକଟରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଖାଦ୍ୟ ଯୋଗାଇ ଦେଇଥିଲେ। ଏଥିସହ ଆଜିଠାରୁ ସବୁଦିନ ପାଇଁ ଅନୀତାଙ୍କୁ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ମଧ୍ୟାହ୍ନ ଓ ରାତ୍ରିଭୋଜନ ତାଙ୍କ ନିକଟରେ ପହଞ୍ଚାଇ ଦିଆଯିବ ବୋଲି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଏ ଅବସରରେ ବିଦ୍ୟାଳୟର ଶିକ୍ଷକ ନିଶିକାନ୍ତ ମହାନ୍ତି ଓ ଦୁର୍ଗାପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ।

## ଛାତ୍ରଙ୍କ ଗଣେଶ ପୂଜା କାର୍ଡ ବଣ୍ଟାକୁ ନେଇ ଚର୍ଚ୍ଚା

**ପଟ୍ଟାମୁଣ୍ଡାଇ,୧୨।୯ (ସମିସ):** ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ସନ୍ଥପୁରାଣ କୃଷ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟର ଛାତ୍ରଙ୍କ କାର୍ଡ ବଣ୍ଟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବିଦ୍ୟାଳୟ ପକ୍ଷରୁ ଗଣେଶ ପୂଜା ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ସାହିତ ଥିବାବେଳେ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସ୍କୁଲକୁ ନିମନ୍ତ୍ରଣ ବାଣ୍ଟୁଥିବା ଦେଖିବାକୁ ମିଳିଛି। ଶନିବାର ସନ୍ଥପୁର ବିଦ୍ୟାଳୟର ଚାରିଜଣ ଛାତ୍ର ଦୁଇଟି ଦୁଇଚକିଆ ଗାଡ଼ିରେ ଆସି ବୁଲୁଥିବା ଦେଖିବାକୁ ମିଳିଥିଲା। ସେମାନଙ୍କୁ ପଚାରିବାରୁ କହିଥିଲେ ଆମର ଗଣେଶ ପୂଜା ଥିବାରୁ ଆମେ କେତେକ ସ୍କୁଲକୁ ନିମନ୍ତ୍ରଣ କରିବା ପାଇଁ ଆସିଥିଲୁ। କିଏ ପଠାଇଥିଲେ ପଚାରିବାରୁ ପ୍ରଧାନଶିକ୍ଷକ ପଠାଇଥିବା କହିଥିଲେ। ପ୍ରଥମେ ରଣବୀର ସରକାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଦେବା ପରେ ମୁଗୁବାଡ଼ି ଓ ଅନ୍ୟ ବିଦ୍ୟାଳୟକୁ ଯିବା ପାଇଁ ବାହାରିଥିଲେ। ଛୋଟ ଛୋଟ ପିଲା ସ୍କୁଟି ଚଳାଇ ୮ରୁ ୧୦ କିଲୋମିଟର ପର୍ଯ୍ୟନ୍ତ ଯିବା ଆସିବା କରୁଛନ୍ତି। ଯଦି ଦୁର୍ଘଟଣା ଘଟିଯାଏ ତାହା କିଏ ଦାୟୀ ରହିବ ବୋଲି ଅଭିଯୋଗ ହେଉଛି। ଛାତ୍ରଙ୍କ ବୟସ କମ୍ ଥିବାରୁ ଗାଡ଼ି ଚଳାଇ ଯିବାକୁ କିଏ ପଠାଇଥିଲେ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଏଭଳି କାର୍ଯ୍ୟରେ ନିୟୋଜିତ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳର ଜନସାଧାରଣ। ଏ ନେଇ କୃଷ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରାଧାଶ୍ୟାମ ସାହୁଙ୍କୁ ପଚାରିବାରୁ ପିଲାମାନେ ବିଦ୍ୟାଳୟରୁ ସାଇକଲ ନେଇ ଯାଇଥିଲେ। ଘରକୁ ଯାଇ ଗାଡ଼ି ନେଇ ଯାଇଥିବା ମୁଁ ଜାଣିନି ବୋଲି କହିଥିଲେ।

### ମିଳୁନି ଦରମା, ନାହିଁ ଇପିଏଫ୍ ଓ ସିଏସ୍ଆଇ ସୁବିଧା

# ୮୫ ସଫେଇ କର୍ମଚାରୀଙ୍କ ଧାରଣା, ଡାକ୍ତରଖାନାରେ କୁଢ଼ କୁଢ଼ ଅଳିଆ

କେନ୍ଦ୍ରାପଡ଼ା,୧୨।୯ (ସମିସ)

ତିନିମାସର ବକେୟା ଦରମା ପ୍ରଦାନ ସହ ଇପିଏଫ୍ ଓ ସିଏସ୍ଆଇ ସୁବିଧା ଯୋଗାଇ ଦେବା ଦାବିରେ ଅଭିରାମ ଏଜେନ୍ସି ଅଧୀନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ୮୫ ଜଣ ସଫେଇ କର୍ମଚାରୀ ଧାରଣାରେ ବସିଛନ୍ତି। ଫଳରେ ଡାକ୍ତରଖାନାରେ କୁଢ଼ କୁଢ଼ ଅଳିଆ ପଡ଼ିରହିଛି। ଦରମା ନ ମିଳିବା ଓ ସାମାଜିକ ସୁରକ୍ଷା ସୁବିଧାରୁ ବଞ୍ଚିତ ହେବା ନେଇ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ଚଳିତବର୍ଷ ଜୁନ୍ ୧ ତାରିଖରୁ ସେମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୃହ ପରିଚାଳନା ଓ ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଆସୁଛନ୍ତି। ତେବେ ଅଦ୍ୟାବଧି ସେମାନଙ୍କୁ ଦରମା ପ୍ରଦାନ କରାଯାଇନାହିଁ। ଏଥିସହ ଇପିଏଫ୍ ଓ ସିଏସ୍ଆଇ ସୁବିଧାରେ ମଧ୍ୟ ସେମାନଙ୍କୁ ସାମିଲ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଦରମା ପାଇଁ ବାରମ୍ବାର ନିଯୁକ୍ତି ସଂସ୍ଥା ନିକଟରେ ଦାବି କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ବରଂ ସଂସ୍ଥାର ସୁପରଭାଇଜର କାର୍ଯ୍ୟରୁ ବାହାର କରିଦେବାକୁ ଧମକ ଦେଉଥିବା କର୍ମଚାରୀ କହିଛନ୍ତି। ଦୀର୍ଘ ତିନିମାସ ଧରି ଦରମା ନ ମିଳିବାରୁ ଗରିବ ସଫେଇ କର୍ମଚାରୀଙ୍କ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ମଧ୍ୟ ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥିବା ସେମାନେ କହିଛନ୍ତି। ଏ ନେଇ କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ଦେଇ ତୁରନ୍ତ ବକେୟା ଦରମା ପ୍ରଦାନ ଓ ଇପିଏଫ୍, ସିଏସ୍ଆଇ ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି।

ସଫେଇ କର୍ମଚାରୀ ଧାରଣାରେ ବସିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଜମି ରହିଥିବା ଦେଖିବାକୁ ମିଳିଛି। ଡାକ୍ତରଖାନା ଭଳି ସମ୍ବେଦନଶୀଳ ସ୍ଥାନରେ ସଫେଇ ବ୍ୟବସ୍ଥା ପ୍ରଭାବିତ ହେବାକୁ ନେଇ ରୋଗୀ ଓ ସେମାନଙ୍କ ସାହାଯ୍ୟକାରୀ ଚିନ୍ତା ପ୍ରକାଶ କରିଛନ୍ତି। ତୁରନ୍ତ କର୍ମଚାରୀଙ୍କ ସମସ୍ୟାର ସମାଧାନ କରି ସଫେଇ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ସେମାନେ ଦାବି କରିଛନ୍ତି। ଅଜୟ ଗୋଛାୟତ, ଜ୍ୟୋତିରଞ୍ଜନ ଜେନା ଓ ରବିନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସୁଜାତା ମଲିକ, ମମତା ମଲିକ, ଝୁନୁ ମାଝୀ, ଜ୍ୟୋତ୍ସ୍ନା ଗୋଛାୟତ, ମାନିନୀ ମଲିକ, ଅନୁ ମଲିକ, ଭାରତୀ ମଲିକ, ବନ୍ଦନା ଗୋଛାୟତ, କବିତା ନାୟକ, ପ୍ରମିଳା ନାଥ, ଜୟନ୍ତୀ ଗୋଛାୟତ, ଟୁନି ବେହେରା, ସୁମିତ୍ରା ବାରିକ, ପ୍ରଭାତି ଗୋଛାୟତ, ଝିଲି ଗୋଛାୟତ, ସସ୍ମିତା ରାଉତ, ଶିବାନୀ ବାରିକ, ଲକ୍ଷ୍ମୀ ହେମ୍ବ୍ରମ, ସିଦ୍ଧାନ୍ତ ଦାସ ପ୍ରମୁଖ ୮୫ ଜଣ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ।

### ବିଜିବିଓ ପ୍ରକଳ୍ପକୁ ନେଇ ଗୋବରୀ ମଣ୍ଡଳ ବିଜେପିରେ ବିବାଦ

## ଫଳକ ଭାଙ୍ଗିଲେ ଅସନ୍ତୁଷ୍ଟ ଗୋଷ୍ଠୀ; ଠିକାଦାରୀକୁ ନେଇ ଉଠିଲା ପ୍ରଶ୍ନ



**ମହାକାଳପଡ଼ା, ୧୨।୯ (ସମିସ):** ବିକାଶମୂଳକ ପ୍ରକଳ୍ପକୁ ନେଇ ଏବେ ଗୋବରୀ ମଣ୍ଡଳ ବିଜେପିରେ ଗୋଷ୍ଠୀ କନ୍ଦଳର ଚିତ୍ର ସାମ୍ନାକୁ ଆସିଥିବା ଚର୍ଚ୍ଚା ହେଉଛି। "ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ଏକ ଢଳେଇ ରାସ୍ତା ପ୍ରକଳ୍ପକୁ ନେଇ ଅସନ୍ତୋଷ ଏତେ ତୀବ୍ର ହୋଇଛି ଯେ ପ୍ରକଳ୍ପର ଫଳକ ଭାଙ୍ଗିଦିଆଯାଇଥିବା ଅଭିଯୋଗ ଚର୍ଚ୍ଚାକୁ ଆହୁରି ତେଜ କରିଛି। ମହାକାଳପଡ଼ା ବ୍ଲକର ୧୯ ନମ୍ବର ଜୋନ ତଥା ଗୋବରୀ ମଣ୍ଡଳ ଅଧୀନ ବିଜୟନଗର ପଞ୍ଚାୟତର ୧୭ନଂ ୱାର୍ଡ ଅରଡ଼ ଗାଁରେ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ଘରଠାରୁ ବାବାଜୀ ପାତ୍ରଙ୍କ ଘର ପର୍ଯ୍ୟନ୍ତ ଢଳେଇ ରାସ୍ତା ପାଇଁ ପ୍ରାୟ ୬ ଲକ୍ଷ ଟଙ୍କାର ଅନୁଦାନ ରହିଥିବା ଜଣାପଡ଼ିଛି। ତେବେ ପ୍ରକଳ୍ପକୁ ନେଇ ଦଳୀୟ ସ୍ତରରେ ଅରଡ଼ ଗାଁର କିଛି ଲୋକଙ୍କ ନାମରେ ଚିଠା ପ୍ରସ୍ତୁତ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଚିଠାଧାରୀଙ୍କ ଅଗୋଚରରେ ବାହାର ଗାଁର କିଛି ବ୍ୟକ୍ତିଙ୍କ ନାମରେ ଫଳକ ପ୍ରସ୍ତୁତ ହୋଇଥିବା ଅଭିଯୋଗ ଉଠିଛି। ଏପରିକି ସମ୍ପୃକ୍ତ ପଞ୍ଚାୟତର ଜଣେ ଆଗଧାଡ଼ିର ଦଳୀୟ କର୍ମୀ ପ୍ରକଳ୍ପ କାମ ନିଜ ହାତକୁ ନେବାକୁ ଉଦ୍ୟମ କରୁଥିବା ଗାଁ ଲୋକେ ଜାଣିବାକୁ ପାଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ଅସନ୍ତୁଷ୍ଟ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବାବେଳେ ଶେଷରେ ପ୍ରକଳ୍ପ ଫଳକ ଭାଙ୍ଗିଦିଆଯାଇଥିବା ଅଭିଯୋଗ ହୋଇଛି।

ବିକାଶ ପ୍ରକଳ୍ପକୁ ନେଇ ଏଭଳି ଗୋଷ୍ଠୀ କନ୍ଦଳ କାହିଁକି? ପ୍ରକଳ୍ପର ଲାଭ ଲୋକଙ୍କ ପାଇଁ ନା ଦଳୀୟ କର୍ମୀଙ୍କ ଠିକାଦାରି ପାଇଁ? ଏଭଳି ଅନେକ ପ୍ରଶ୍ନ ଏବେ ସ୍ଥାନୀୟ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ୧୯ ନମ୍ବର ଜୋନ ଗୋବରୀ ମଣ୍ଡଳ ବିଧାୟକଙ୍କ ଜନ୍ମମାଟି ଅଞ୍ଚଳ ହୋଇଥିବାରୁ ଏଠାରେ ଦଳୀୟ କର୍ମୀଙ୍କ ମଧ୍ୟରେ ଏଭଳି ବିବାଦ ଦଳୀୟ ଶୃଙ୍ଖଳା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି। ଗୋଟିଏ ପଟେ ସରକାର "ବିକଶିତ ଗାଁ'ର ସ୍ୱପ୍ନ ଦେଖାଉଥିବା ବେଳେ ଅନ୍ୟପଟେ ପ୍ରକଳ୍ପକୁ ନେଇ ଦଳୀୟ ଗୋଷ୍ଠୀ ମଧ୍ୟରେ ଫଳକ ଭଙ୍ଗା ପର୍ଯ୍ୟନ୍ତ ପରିସ୍ଥିତି ପହଞ୍ଚିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳକ ଭଙ୍ଗା ପରେ ଉଭୟ ପକ୍ଷ ନିରବ ରହିଥିବା କୁହାଯାଉଥିବାବେଳେ ପ୍ରକଳ୍ପ ଚୟନଠାରୁ ଆରମ୍ଭ କରି ଫଳକ ପ୍ରସ୍ତୁତି ଓ କାର୍ଯ୍ୟ ସମ୍ପାଦନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାର ନିରପେକ୍ଷ ତଦନ୍ତ ହେବ କି ନାହିଁ, ତାହାକୁ ନେଇ ଏବେ ଅପେକ୍ଷା ରହିଛି।

### ରିଲିଫ୍ ଚାଉଳ ହଡ଼ପ ଉଦ୍ୟମ ପଣ୍ଡ

## ପଞ୍ଚାୟତ କାର୍ଯ୍ୟାଳୟରେ ମହଜୁଦ ରହିଲା ଚାଉଳ

**ଡେରାବିଶ, ୧୨।୯ (ସମିସ):** ଇନ୍ଦାଲୋ ପଞ୍ଚାୟତକୁ ଆଜି ଏକ ଟାଟା ଏସିରେ ୬୮ ବସ୍ତା ଚାଉଳ ବୋଝେଇ ହୋଇ ରିଲିଫ୍ ପ୍ରଦାନ ଉଦ୍ଦେଶ୍ୟରେ ଆସିଥିଲା। ତେବେ ବନ୍ୟା ସମୟରେ ରିଲିଫ୍ ନ ଆସି ବନ୍ୟା ପାଣି ଛାଡ଼ିବାର ଢ଼େର ଦିନ ପରେ ଏହି ରିଲିଫ ଚାଉଳ ଟ୍ରକ ଆସିବା ଘଟଣା ଚାଉଳ ହଡ଼ପ ହେବାର ଆଶଙ୍କା ରହିଛି ବୋଲି ପଞ୍ଚାୟତ ନିକଟସ୍ଥ ଗାଁ ଲୋକ ସନ୍ଦେହ କରିଥିଲେ। ପୂର୍ବରୁ ବନ୍ୟା ସମୟରେ ଆସିଥିବା ୧୦୦ ବସ୍ତା ଗୋଖାଦ୍ୟ ଆସିଥିଲା। ୯୫ ବସ୍ତା ଗୋଖାଦ୍ୟ ବଣ୍ଟନ କରାଯାଇଥିବାବେଳେ ୫ ବସ୍ତା ଗୋଖାଦ୍ୟର ହିସାବ ମିଳି ନ ଥିବା ସ୍ଥାନୀୟ କିଛି ଲୋକ ପ୍ରକାଶ କରିଥିଲେ। ଆଜି ସରକାରୀ ଛୁଟି ଦିନରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ଏହି ଚାଉଳ ପଞ୍ଚାୟତ ନିକଟରେ ପହଞ୍ଚିବା ଓ ଏକ ଅଜଣା ଅଟୋ ଏହି ରିଲିଫ୍ ଚାଉଳ ବୋଝେଇ ଟାଟା ଏସି ନିକଟରେ ରହିବା ଘଟଣା ଅଞ୍ଚଳରେ ଦ୍ରୁତ ବେଗରେ ପ୍ରଚାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକ ପହଞ୍ଚିବାରୁ ଅଟୋ ସେଠାରୁ ଚମ୍ପଟ ମାରିଥିଲା। ଆସିଥିବା ରିଲିଫ ଚାଉଳ ପଞ୍ଚାୟତରେ ସୂଚାରୁରୂପେ ବଣ୍ଟନ କରାଯିବା ପାଇଁ ଲୋକମାନେ ଦାବି କରି ପଞ୍ଚାୟତ ଗୋଦାମରେ ସରପଞ୍ଚଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ରଖାଗଲା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସରକାରୀ ଛୁଟି ପରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ରିଲିଫ ଚାଉଳ ବଣ୍ଟାଯିବ ବୋଲି ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ କରିଛନ୍ତି।

### ପଟ୍ଟାମୁଣ୍ଡାଇରେ ମଶା ଉପଦ୍ରବ

## ଡେଙ୍ଗୁ, ମେଲେରିଆ ବ୍ୟାପିବା ଆଶଙ୍କା

**ପଟ୍ଟାମୁଣ୍ଡାଇ,୧୨।୯ (ସମିସ):** ସାମ୍ପ୍ରତିକ ଲଘୁଚାପଜନିତ ଲଗାଣ ବର୍ଷା ଓ ବାରମ୍ବାର ବନ୍ୟା ଫଳରେ ଉଭୟ ଧୋୟା ଓ ଭେଡ଼ା ଅଞ୍ଚଳର ପରିବେଶ ସମ୍ପୂର୍ଣ୍ଣ ଦୂଷିତ ହୋଇପଡିଛି। ବନ୍ୟା ଛାଡିବା ପରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌର ପରିଷଦ ଧୋୟାଞ୍ଚଳର ପରିବେଶ ଅଧିକ ଦୂଷିତ ହୋଇଛି। ସେହିପରି ଲଗାଣ ବର୍ଷା ଯୋଗୁଁ ଉଭୟ ବ୍ଲକ ଓ ପୌରାଞ୍ଚଳରେ ଥିବା ଭେଡ଼ା ଅଞ୍ଚଳର ପରିବେଶ ସ୍ଥିତି ବିଗିଡ଼ିଯାଇଛି। ସବୁଠି ସନ୍ତସନ୍ଠିଆ ପରିବେଶ ଯୋଗୁଁ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି। ବନ୍ୟା, ବର୍ଷା ଯୋଗୁଁ ପୁତିଗନ୍ଧମୟ ପରିବେଶରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି। ଥଣ୍ଡା ଜ୍ୱର, କାଶ ରୋଗ ଘରେ ଘରେ ଦେଖିବାକୁ ମିଳୁଛି। ଏଥିସହିତ ମଶା ବଂଶ ବୃଦ୍ଧି ଯୋଗୁଁ ଦିନରାତି ମଶା କାମୁଡିବା ଯୋଗୁଁ ଲୋକେ ଅତିଷ୍ଠ ହୋଇପଡିଲେଣି। ମଶା କାମୁଡିବା ଯୋଗୁଁ ଡେଙ୍ଗୁ ଓ ମେଲେରିଆ ବ୍ୟାପିବା ଆଶଙ୍କା ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ପୋଖରୀର ସଫେଇ କରାଯାଉନାହିଁ। ଦଳ ଭର୍ତ୍ତି ପୋଖରୀ ମଧ୍ୟରେ ଦଳ ପଚି ଦୁର୍ଗନ୍ଧ ହେବା ସହିତ ମଶା ବଂଶ ବୃଦ୍ଧିରେ ସହାୟକ ହେଉଛି। ଏହାଛଡ଼ା ବିଭିନ୍ନ ଖାଲଖମାରେ ପାଣି ଜମି ରହିଥିବାରୁ ମଶା ସୃଷ୍ଟି ହେଉଛନ୍ତି। ବନ୍ୟା ପରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଚାଷଜମି, ବାଡ଼ି ବଗିଚା ସମେତ ବିଭିନ୍ନ ଅଞ୍ଚଳରେ ବନ୍ୟା ପାଣି ଜମି ରହି ଦୂଷିତ ପରିବେଶ ସୃଷ୍ଟି ହୋଇଥିବାରୁ ମଶା ବଂଶ ବୃଦ୍ଧି ପାଇଛି। ଗତ କିଛିଦିନ ହେବ ମଶା ବଂଶ ନାଶ ପାଇଁ ବିଭିନ୍ନ ଖାଲଖମା ଓ ଡ୍ରେନରେ ମଶା ତେଲ ପକାଯିବା ସହିତ ମଶା ଧୂଆଁ ଦିଆଯାଉ ନ ଥିବାରୁ ମଶା ବଂଶ ବୃଦ୍ଧି ରୋକାଯାଇପାରୁନାହିଁ। ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌର କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେଇ ମଶା ନିପାତ ଅଭିଯାନ ଆରମ୍ଭ ନ କଲେ ଉଭୟ ବ୍ଲକ ଓ ପୌରାଞ୍ଚଳରେ ଘାତକ ଡେଙ୍ଗୁ ଓ ମେଲେରିଆ ବ୍ୟାପିବା ଆଶଙ୍କା ଦେଖାଦେଇଛି।

### ଗାଁ ଗାଁରେ ଗଣେଶ ପୂଜା

## ଚାନ୍ଦା ଆଦାୟକୁ ନେଇ ବଢୁଛି ଅଭିଯୋଗ

**କେନ୍ଦ୍ରାପଡ଼ା,୧୨।୯ (ସମିସ):** ଗାଁ ଗାଁରେ ଗଣେଶ ପୂଜା। ସାହି ସାହିରେ ସାଜସଜ୍ଜା, ଆଲୋକମାଳା ଓ ମେଢ଼। କେଉଁଠି ଗୋଟିଏ ତ, ଆଉ କେଉଁଠି ଗୋଟିଏ ଗାଁରେ ୧୦ରୁ ଅଧିକ ସ୍ଥାନରେ ଗଣପତି ପୂଜା। ୭ ଦିନ, ୯ ଦିନ ଧରି ଚାଲିବ ପୂଜା ଓ ବିଭିନ୍ନ କାର୍ଯ୍ୟକ୍ରମ। ଏଥିପାଇଁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା। ଧାର୍ମିକ ଭାବନାରେ ପୂଜା ଆୟୋଜନ ହେଉଥିବାବେଳେ କେତେକ ସ୍ଥାନରେ ଏହାକୁ ନେଇ ଉଠୁଛି ଗୁରୁତର ପ୍ରଶ୍ନ। ଗଣପତିଙ୍କ ଆରାଧନା ହେଉଛି ବାହାନା, ମୋଟା ଅଙ୍କର ଚାନ୍ଦା ଆଦାୟ ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ଅଭିଯୋଗ କରୁଛନ୍ତି କିଛି ସ୍ଥାନୀୟ ଲୋକ। ଚାନ୍ଦା ନ ଦେଲେ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଟାର୍ଗେଟ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ତେବେ ଏଭଳି ଅଭିଯୋଗର ସତ୍ୟତା ଯାଞ୍ଚ କରିବା ସହ ପୁଲିସ ପକ୍ଷରୁ ନଜରଦାରି ବଢ଼ାଇବା ଜରୁରୀ ହୋଇପଡ଼ିଛି। ପୂଜା ଦିନଗୁଡ଼ିକରେ ରାତି ପର୍ଯ୍ୟନ୍ତ ଚାଲୁଛି ମେଳା, ଭୋଜି ଓ ବିଭିନ୍ନ କାର୍ଯ୍ୟକ୍ରମ। ଯୁବକମାନେ ଦଳ ଦଳ ହୋଇ ରାତିରେ ମଣ୍ଡପ ନିକଟରେ ରହୁଛନ୍ତି। ଏହାର ସୁଯୋଗ ନେଇ କିଛି ଅସାମାଜିକ ଯୁବକ ନିଶାସେବନ, ଗଣ୍ଡଗୋଳ ଓ ଅନ୍ୟାନ୍ୟ ଅପରାଧରେ ଜଡ଼ିତ ହେଉଥିବା ଅଭିଯୋଗ ମଧ୍ୟ ରହିଛି। ଆଲୋକ, ଡିଜେ ଓ ଭୋଜିରେ ପୂଜାର ଅର୍ଥ ସୀମିତ ହୋଇଗଲେ ଏହାର ମୂଳ ଉଦ୍ଦେଶ୍ୟ ପଛକୁ ପଡ଼ିଯିବ। କେତେକ ସ୍ଥାନରେ ପୂଜାକୁ କେନ୍ଦ୍ର କରି ଯୁବକମାନେ ଏକାଠି ହୋଇ ନିଶାସେବନ ଓ ଭୋଜି କରୁଥିବା ଅଭିଯୋଗ ଆସୁଛି। ଏଭଳି ପରିବେଶରେ ଅପରାଧୀ ପ୍ରବୃତ୍ତିର ଲୋକଙ୍କ ଗତିବିଧି ବଢ଼ିବାର ଆଶଙ୍କା ରହୁଛି। ବିଶେଷକରି ରାତିରେ ଗାଁ ରାସ୍ତା, ନିଛାଟିଆ ସ୍ଥାନ ଓ ବନ୍ଦ ଥିବା ଘର ଉପରେ ଚୋରଙ୍କ ନଜର ପଡ଼ିବାର ଆଶଙ୍କା ରହୁଛି। ତେଣୁ ପୂଜା ସମୟରେ ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂ ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖିବା ଆବଶ୍ୟକ।

ପୂଜା ମଣ୍ଡପରେ ରାତି ପର୍ଯ୍ୟନ୍ତ ଭିଡ଼ ରହୁଥିବାରୁ ମହିଳା ଓ ଯୁବତୀଙ୍କ ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଭିଡ଼ର ସୁଯୋଗ ନେଇ ଅସଦାଚରଣ କିମ୍ବା ଅନ୍ୟାନ୍ୟ ଅପ୍ରୀତିକର ଘଟଣା ନ ଘଟେ, ସେଥିପାଇଁ ଆୟୋଜକ ଓ ପୁଲିସ ଉଭୟ ସଚେତନ ରହିବା ଦରକାର। ନିଶ୍ଚିତ ଭାବେ ସମସ୍ତ ଗଣେଶ ପୂଜା କମିଟିକୁ ଏକ ନଜରରେ ଦେଖି ହେବନାହିଁ। ଅନେକ ସ୍ଥାନରେ ଶ୍ରଦ୍ଧା ଓ ଭକ୍ତିର ସହିତ ବିଧିବିଧାନ ଅନୁଯାୟୀ ଗଣେଶ ପୂଜା ହେଉଛି। ଯୁବକମାନେ ମଧ୍ୟ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ଯୋଡ଼ି ହେଉଛନ୍ତି। କିନ୍ତୁ ଧର୍ମର ଆବରଣ ଭିତରେ ଯଦି ଚାନ୍ଦା ଆଦାୟ, ନିଶାସେବନ, ଗଣ୍ଡଗୋଳ କିମ୍ବା ଅପରାଧୀଙ୍କ ଗତିବିଧି ବଢ଼େ, ତେବେ ଏହା ସମାଜ ପାଇଁ ଚିନ୍ତାର ବିଷୟ। ପୂଜା ହେଉ, କିନ୍ତୁ ଚାନ୍ଦା ଆଦାୟ, ନିଶା ଓ ଅପରାଧର ଆଖଡ଼ା ନହେଉ। ଏବେ ପ୍ରଶ୍ନ ହେଉଛି ପୂଜା ମଣ୍ଡପରେ ପୁଲିସର ନଜର କେତେ? ରାତିରେ ପାଟ୍ରୋଲିଂ କେତେ? ଚାନ୍ଦା ଆଦାୟ ଉପରେ ନଜରଦାରି କିଏ କରୁଛି? ପୂଜା ନାଁରେ ଯଦି କେହି ଅପରାଧର ଯୋଜନା କରୁଛି, ତାକୁ ରୋକିବ କିଏ? ଏ ପ୍ରଶ୍ନର ଉତ୍ତର ଦେବାର ଆବଶ୍ୟକତା ରହିଛି।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ରାଜନଗର,୧୨।୯ (ସମିସ):** ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଭଦିଆ ଗ୍ରାମର ଯଯାତି ରାଉତଙ୍କ ଅଢେଇ ବର୍ଷର ଶିଶୁପୁତ୍ର ଜଗଦୀପ ରାଉତ ଖେଳୁଥିବା ସମୟରେ ପାଖରେ ଥିବା ପୋଖରୀରେ ପଡିଯିବା ଯୋଗୁଁ ମୃତ୍ୟୁ ଘଟିଛି। ପରିବାର ଲୋକେ ମୁମୂର୍ଷୁ ଅବସ୍ଥାରେ ଶିଶୁପୁତ୍ରକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜନଗର ଥାନା ଆଇଆଇସି ରତିରଞ୍ଜନ ନାୟକଙ୍କ ନିର୍ଦ୍ଦେଶରେ ପୁଲିସ କର୍ମଚାରୀ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

### ରଡ଼ିଆ-କଂସାର ଗୋବରୀ ନଦୀବନ୍ଧରେ ୨୦୦ ଫୁଟର ଫାଟ

# କାଳ ସାଜିଛି ଚିଙ୍ଗୁଡ଼ି ଘେରି; ଗାଁ ଓ ଚାଷଜମିକୁ ବିପଦ

ମହାକାଳପଡ଼ା, ୧୨।୯ (ସମିସ)

ଉପକୂଳ ଅଞ୍ଚଳରେ ଗୋବରୀ ନଦୀର ଜୁଆର ଓ ଲଗାଣ ବର୍ଷା ମଧ୍ୟରେ ନଦୀବନ୍ଧର ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ମହାକାଳପଡ଼ା ବ୍ଲକ ଅଧୀନ ରଡ଼ିଆ-କଂସାର-ବଡ଼ଦାଣ୍ଡୁଆ ଅଞ୍ଚଳର ଗୋବରୀ ନଦୀପାଶ୍ୱର୍ ଲୁଣା ଘେରିବନ୍ଧରେ ୨୦୦ ଫୁଟରୁ ଅଧିକ ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଏହି ଘେରିବନ୍ଧର ଏକ ଅଂଶ ଭୁଶୁଡ଼ିବା ଘଟଣା ସମ୍ପର୍କରେ ପ୍ରଥମେ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜଳସେଚନ ବିଭାଗ ପକ୍ଷରୁ ମାଟି ଓ ବାଲିବସ୍ତା ପ୍ୟାକିଂ କରି ତୁରନ୍ତ ପ୍ରତିକାର ବ୍ୟବସ୍ଥା କରାଯାଇଥିଲା। ତେବେ ଲଘୁଚାପଜନିତ ଲଗାଣ ବର୍ଷା ସାଙ୍ଗକୁ ଅମାବାସ୍ୟା ତିଥିରେ ସମୁଦ୍ର ଓ ନଦୀର ଅଶାନ୍ତ ଜୁଆର ମାଡ଼ରେ ବନ୍ଧର ଅବସ୍ଥା ପୁଣି ସଙ୍କଟଜନକ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ୨୦ କୋଟି ଟଙ୍କା ବ୍ୟୟରେ ଲୁଣା ଘେରିବନ୍ଧ ନିର୍ମାଣ



ହୋଇଥିଲା। ନିମ୍ନମାନର କାମ ଯୋଗୁଁ ଏହାର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ବନ୍ଧ ନିକଟରେ ଥିବା କେତେକ ଚିଙ୍ଗୁଡ଼ି ଘେରିର ବର୍ଜ୍ୟଜଳ ନିଷ୍କାସନ ଓ କଙ୍କଡ଼ା-କୋଚିଆ ଘଳିଆ ଯୋଗୁଁ ବନ୍ଧ ଦୁର୍ବଳ ହେଉଥିବା ଅଭିଯୋଗ ହୋଇଛି। ଫଳରେ ବନ୍ଧର ସ୍ଥାୟିତ୍ୱ ଓ ସୁରକ୍ଷା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ବନ୍ଧକୁ ଦୁର୍ବଳ କରୁଥିବା ଚିଙ୍ଗୁଡ଼ି ଘେରି ଚିହ୍ନଟ କରି ତୁରନ୍ତ ଉଚ୍ଛେଦ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଘେରିବନ୍ଧର ସୁରକ୍ଷା ପାଇଁ କର୍ମଚାରୀ ରାତିରେ ଜେନେରେଟର ଓ ହାଲୋଜେନ୍ ଲାଇଟ୍ ଜଳାଇ ଜଗି ରହୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ବନ୍ଧ ଭାଙ୍ଗିଲେ ଚାଷଜମି ସହ ନିକଟସ୍ଥ ଗାଁ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ତେଣୁ ବିଳମ୍ବ ନ କରି ମେଗା ପ୍ରକଳ୍ପ ଯୋଜନାରେ ବନ୍ଧରେ ସ୍ଥାୟୀ ପଥର ପ୍ୟାକିଂ ଓ ଆବଶ୍ୟକ ସୁରକ୍ଷାମୂଳକ ନିର୍ମାଣ କରାଯିବାକୁ ଜଳସେଚନ ବିଭାଗ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଆଳିସ୍ଥ ଜଳସେଚନ ବିଭାଗ (ନଦୀ ତଟବନ୍ଧ) ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସାହୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ବିଭାଗକୁ ସୂଚନା ମିଳିଛି। ଘଟଣାସ୍ଥଳରେ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱତନ୍ତ୍ର ନଜର ରଖାଯାଇଛି। ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଉପହାର





ରଶ୍ମି ସାମଲ

ଆଜି ହାଟରୁ ବାପା ମୋ' ପାଇଁ ନିଶ୍ଚୟ ନୂଆ ଜାମାଟେ ଆଣିବେ। ନାଲି ରଙ୍ଗ ସାଙ୍ଗକୁ ଚୁମୁକି ଲଗା ସୁନ୍ଦର ହାତକାମ ସବୁ ସେଥିରେ ହୋଇଥିବ। ସୁରିଆ ଦାଦା ଘର ରଙ୍ଗ ଆଗରେ ଯାଇ ଆଗ ଦେଖେଇ ଦେଇ ଆସିବି। ଚୁମୁକି ଲଗା ନାଲି ରଙ୍ଗ ଜାମାଟେ ପିନ୍ଧୁଛି ବୋଲି ସବୁବେଳେ ମୋ ଆଗରେ ଆସି ଦେଖେଇ ହେଉଛି। ରହ ଆଜି ଖାଲି ମୋ' ବାପା ହାଟରୁ ଆସିଯାଆନ୍ତୁ। ଦେଖିବୁ ତୋ'ଠାରୁ ଆହୁରି ସୁନ୍ଦର କାମ ହୋଇଥିବ ମୋ ଜାମାରେ। ଦାଣ୍ଡରୁ ବାରି ଯାଏ ଏପଟ ସେପଟ ହେଉ ହେଉ ସାଙ୍ଗେ ସାଙ୍ଗେ ବାପାଙ୍କ ସାଇକେଲ ଶବ୍ଦ ଶୁଭିଲା।

"ମାଆ ରଞ୍ଜୁ କୁଆଡ଼େ ଗଲୁ କିରେ!" ବାପାଙ୍କ ହାତରେ ବ୍ୟାଗ୍ ଦେଖି ଜୋର୍‌ରେ ପାଖକୁ ଦୌଡ଼ିଲି। ଖୁସିରେ ବଡ଼ ପାଟିରେ ପଚାରିଲି , "ବାପା ମୋ ପାଇଁ ନୂଆ ଜାମା ଆଣିଛ ତ?" ହେଲେ ବାପା କିଛି ନ କହି ମୋ ମୁହଁକୁ ଚାହିଁ ଟିକେ ଅଧା ହସିଲେ। ସେ ହସ ଭିତରେ ମୁଁ ଗୋଟିଏ ଅଜଣା କଷ୍ଟ ଟିକେ ଦେଖିପାରିଲି। କହିଲେ- "ନାରେ, ମାଆ ଆଜି ପରା ଭାଇର ଯନ୍ତ୍ରବାକ୍ସଟା ଆଣିଲି। ନେ ତାକୁ ଦେଇଦେ। ଆର ମାସକୁ ତୋ ପାଇଁ ନିଶ୍ଚୟ ଜାମାଟେ ଆଣିଦେବି।"

ମନଟା ହଠାତ୍ ଦୁଃଖ ହୋଇଗଲା। ଆଉ କିଛି ନ କହି ଅଭିମାନରେ ମୁହଁ ଫୁଲାଇ ଘର ଭିତରକୁ ଚାଲିଗଲି। "ବୋଉ, ଏ ବୋଉ ଶୁଣୁଛି ନାଁ ନାହିଁ ବାପା ମୋତେ ବିଲକୁଲ୍ ଭଲ ପାଉନାଁହାନ୍ତି। ଯାହା କହିଲେ କିଛି ବି ଆଣି ଦେଉ ନାଁହାନ୍ତି।"

"ଆରେ ତୁ କ'ଣ ପାଗେଳିଟା ନାଁ କ'ଣ! ବାପା ତୋତେ ଯେତିକି ଭଲ ପାଆନ୍ତି ତାହା ତୁ ମାପି ପାରିବୁନି। ଶୁଣୁ ଛୋଟ ହୋଇଥିଲୁ ସାମାନ୍ୟ ଥଣ୍ଡା ଜ୍ୱର ଟିକେ ତୋତେ ହୋଇଥିଲା ତିନି ଖଣ୍ଡ ମୌଜା ଚାଲି ଚାଲି ପାରି ହୋଇ ତୋ' ପାଇଁ ଔଷଧ ଯାଇ ଆଣିଥିଲେ। ରାତି ଅନିଦ୍ରା ହୋଇ ସେମିତି ଜ୍ୱର କମିବା ଯାଏ ପାଖରେ ଜଗି ରହୁଥିଲେ। ଏବେ ଟିକେ ଅଭାବ ତାଙ୍କୁ.... ।" ଏତିକି କହୁକହୁ ବୋଉ ଆଖିରୁ ଦୁଇଧାର ଲୁହ ବହି ଆସିଲା। ସବୁ ଶୁଣି ନୀରବି ଯାଇ ଭାବିଲି ଯଦି ସମସ୍ତଙ୍କ ବାପା ନିଜ ପିଲାଙ୍କ ଇଚ୍ଛା ପୂରଣ କରି ପାରୁଛନ୍ତି, ତେବେ ମୋ' ବାପା କାହିଁକି ପାରନ୍ତି ନାହିଁ? ବୋଧ ହୁଏ କିଛି ବିଶେଷ କାରଣ ହୋଇପାରେ।

ହଁ, ଆମେ ପରା ଭାଇଭଉଣୀ ଚାରିଜଣ। ବାପାଙ୍କ ରୋଜଗାର ବହୁତ ଅଧିକ ବି ନୁହେଁ। ଛୋଟ ଚାକିରିଟିଏ କରି ଯାହା ରୋଜଗାର ହେଉଛି ସେଥିରେ ଆମ ଚାରିଜଣଙ୍କ ପାଠପଢ଼ା, ଖାଇବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବନ୍ଧୁବାନ୍ଧବ ଚଳାଇବା ବହୁତ କଷ୍ଟ ହେଉଛି। ସବୁ ବୁଝିଲି ଯେ, ତଥାପି ଅଭିମାନରେ ସେଦିନ ରାତିରେ ବାପାଙ୍କ ସହ କଥା ହେଲି ନାହିଁ। ଖାଇବା ବେଳେ ମୁହଁ ଫୁଲାଇ ବସିଥିଲି। ବାପା ଦୁଇଥର ମୋତେ ଡାକିଲେ, "ମାଆ ରଞ୍ଜୁ କ'ଣ ହେଲା ଖାଉନୁ କାହିଁକି?"

ମୁଁ କିଛି କହିଲି ନାହିଁ। ବୋଉ ମୋ' ମନ କଥା ବୁଝିପାରିଥିଲା। ଧୀରେ କହିଲା, "ଜାମା ଆସିନି ବୋଲି ତୁ ରାଗିଛୁ?"

ମୁହଁଟାକୁ ବୁଲାଇ କହିଲି, "ହଁ।"

କିଛି ସମୟ ପରେ ମୁଁ ଦେଖିଲି ବାପା ଘରର ଗୋଟେ କୋଣରେ ଯେଉଁଠି ଚାଉଳ ଘୁମ ରଖା ହୋଇଥିଲା ସେଠି ବସି ନିଜ ପୁରୁଣା ପର୍ସଟି ଖୋଲି ଟଙ୍କା ଗଣୁଛନ୍ତି। ଆଖିରେ ଦେଖାଯାଉଥାଏ ମେଞ୍ଚାଏ ଚିନ୍ତା। କିଛି ସମୟ ପରେ ସେ ଦୀର୍ଘନିଶ୍ୱାସ ଛାଡ଼ି ପର୍ସଟି ବନ୍ଦ କରିଦେଲେ। ମୋ ମନରେ ପ୍ରଶ୍ନ ଉଠିଲା ବାପା ଏତେ ଚିନ୍ତିତ କାହିଁକି?

ପରଦିନ ସକାଳେ ବାପା ମୋତେ ସ୍କୁଲ୍ ଯିବା ପାଇଁ ଟଙ୍କା ଦେବା ବେଳେ କହିଲେ, "ରଞ୍ଜୁ, ଏହି ମାସର ସ୍କୁଲ ଫି' ନେ ଦେଇ ଦେବୁ ନଚେତ୍ ତୋ ନାଁ କଟିଯିବ। ଏବେ ତୋ ଭାଇର ନୂଆ ବହି ମଧ୍ୟ କିଣିବାକୁ ହେବ। ସାନ ଭଉଣୀର ସ୍କୁଲ୍ ଡ୍ରେସ୍‌ଟା ଛୋଟ ହୋଇଯାଇଛି ତା'ର ତିଆରି କରିବାକୁ ହେବ। ଧାନ ବିଲରେ ସାର ପଡ଼ିବ। ଦୋକାନୀ ଆମକୁ ବାକିରେ କିଛି ଦେବେ ନାହିଁ। ତୁ ମୋତେ ଖାଲି ଟିକେ ସମୟ ଦେ। ସୁବିଧା ଦେଖି ତୋ' ପାଇଁ ଭଲ ଜମାଟିଏ ନିଶ୍ଚୟ ଆଣି ଦେବି।"

ଏ ସବୁ କଥା ଶୁଣି ମୋ' ମନଟା କାହିଁ ଥରି ଉଠିଲା। ବାପାଙ୍କ ମୁହଁକୁ ଚାହିଁ ମୁଁ ପ୍ରଥମ ଥର ପାଇଁ ତାଙ୍କ କ୍ଲାନ୍ତିକୁ ଦେଖିଲି। ତାଙ୍କ ପାଦରେ ପୁରୁଣା ଚପଲ ଦେହରେ ସେହି ଫିକା ହୋଇଯାଇଥିବା ସାର୍ଟ ଖଣ୍ଡିଏ। ଖଣ୍ଡିଆ ଦଦରା ସାଇକେଲଟି ସେମିତି କଁ କଁ ଡାକ ଛାଡୁଛି।

ଆମ ଚାରିଜଣଙ୍କ ଭବିଷ୍ୟତ ପାଇଁ ସେ ନିଜର ଛୋଟ ଛୋଟ ଇଚ୍ଛାକୁ ସଦା ତ୍ୟାଗ କରିଆସୁଛନ୍ତି। ମୋ ଆଖିରେ ଲୁହ ଆସିଗଲା। ମୁଁ ବାପାଙ୍କ ପାଖକୁ ଯାଇ ତାଙ୍କ ହାତ ଧରି କହିଲି, "ବାପା ମୋର ଜାମା ଦରକାର ନାହିଁ। ମୁଁ ଆଉ ଅଭିମାନ କରିବି ନାହିଁ। ତୁମେ ଆମ ଚାରିଜଣଙ୍କୁ ପାଠ ପଢ଼ାଅ ସେଇଟା ହିଁ ମୋ' ପାଇଁ ସବୁଠୁ ବଡ଼ ଉପହାର।"

ବାପା ମୋ' ମୁଣ୍ଡକୁ ନିଜ ଛାତିରେ ଜାକି ଧରିଲେ। ତାଙ୍କ ଆଖିରୁ ମଧ୍ୟ ଦୁଇ ଧାର ଲୁହ ଝରିପଡ଼ିଲା।

ସେଦିନ ମୁଁ ବୁଝିଲି ବାପା ମୋ ଇଚ୍ଛା ପୂରଣ କରି ନଥିଲେ ବୋଲି ତାଙ୍କ ଭଲ ପାଇବା କମି ଯାଇ ନଥିଲା। ସେଦିନର ଅଭିମାନ ଆଜି ମୋ ପାଇଁ ଗୋଟିଏ ଶିକ୍ଷା ହୋଇ ରହିଗଲା। ବାପାଙ୍କ ହାତରେ ଟଙ୍କା କମ୍ ଥାଇପାରେ, କିନ୍ତୁ ତାଙ୍କ ହୃଦୟରେ ପିଲାମାନଙ୍କ ପାଇଁ ଭଲପାଇବା କେବେ କମ୍ ହୁଏ ନାହିଁ। ସେ ଆମକୁ ଦାମୀ ଜିନିଷ ଦେଇପାରି ନଥିଲେ, କିନ୍ତୁ ଆମ ଜୀବନକୁ ସୁନ୍ଦର କରିବା ପାଇଁ ନିଜ ସମସ୍ତ ସ୍ୱପ୍ନକୁ ଆମ ପାଦତଳେ ବିଛାଇ ଦେଇଥିଲେ। ଆଜି ବି ସେଦିନଟି ମନେ ପଡ଼ିଲେ ମୋ ଆଖି ଓଦା ହୋଇଯାଏ। ଚୁମୁକି ଲଗା ଜାମା ପାଇଁ ଯେଉଁ ବାପାଙ୍କ ଉପରେ ମୁଁ ଅଭିମାନ କରିଥିଲି ସେହି ବାପା ହିଁ ମୋ ଜୀବନର ସବୁଠୁ ମୂଲ୍ୟବାନ ଉପହାର। ■

ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

## ତୁମେ



ଅଖିଳ କୁମାର ମିଶ୍ର

ତୁମେ ମୋ' ପ୍ରତ୍ୟେକ ଶିରାରେ ଓ ନିଶ୍ୱାସରେ,
ଘର କରି ରହିଛ,
ତୁମର ନାମ ଶରୀରରେ ଯେପରି ଅଛି ଓ ସଙ୍ଗୀତରେ
ଠିକ୍ ସେହିପରି ତୁମର ଶବ୍ଦରେ ମୋର ହୃଦୟ ଉଠୁଛି...
ପ୍ରତ୍ୟେକ ନୃତ୍ୟରେ, ମୁଁ କେବଳ ତୁମକୁ ଦେଖେ-
ଜୀବନକୁ ଚହଲି ଯାଉଥିବାର ଛବି ମାପେ।
ଭଲପାଏ ବୋଲି ଶବ୍ଦଟି ଆଉ ଦୂର ନୁହେଁ,
ଦୂର ନୀରବତାରେ ମଧ୍ୟ ମୁଁ ତୁମର ନାମ ନେଉଛି
ଓ ଆକର୍ଷଣରେ ହଜି ଯାଉଛି।
ଏବେ ଦର୍ପଣ ମଧ୍ୟ କହୁଛି,
ଏହି ମୁହଁ ମୋର, କିନ୍ତୁ ଆଲୋକ ତୁମର...
ପ୍ରୀତିର ପ୍ରାଚୁର୍ଯ୍ୟ ତମ ମନ ଓ ଚେହେରାରେ।
ଯଦିଓ ମୁଁ ନିଜକୁ ସମ୍ପୂର୍ଣ୍ଣ ବୋଲି ଭାବୁଛି,
ମୁଁ କିଛି ନୁହେଁ, ସବୁଠି ମୁଁ ତୁମକୁ ହିଁ ଭାବୁଛି...
ମୁଁ ତୁମକୁ, ମୋ' ଆତ୍ମାରେ,
ଏପରି ଭାବରେ ସ୍ଥାପିତ କରିଛି ଯେ,
ଏହାର ପ୍ରତ୍ୟେକ ଅଂଶ ତୁମର...
ମୁହାଣରେ ମିଶିଥିବା ସାଗର ଓ ନଦୀ ପରି,
ତୁମେ ଓ ମୁଁ ଏକାକାର। ■

ଅତିରିକ୍ତ ମହାନିର୍ଦ୍ଦେଶକ
ପତ୍ର ସୂଚନା ବ୍ୟୁରୋ
ଭାରତ ସରକାର, ଭୁବନେଶ୍ୱର



## ଆକାଶ ପରି ନିବିଡ଼





ନୃସିଂହ ତରାଇ

ତା' ହାତ ପାହାନ୍ତାରେ
ମୋ ଆଖିର ଅନେଶତ ଇଚ୍ଛା
ମାଗୁଥାନ୍ତି ମୋକ୍ଷ
ମାଟିରେ ନିଗୁଡ଼ୁଥାଏ
ପାହାନ୍ତିର ପ୍ରତିବିମ୍ବ
ଆକାଶ ସଂଚରୁ ଥାଏ ମୋ ଦେହ,
ଚେତନା ଓ ଭାବ ସମୁଦ୍ରରେ।

ସକାଳର ସଫେଦ ମୁହଁରେ
ଫୁଟେ କଇଁଫୁଲିଆ ହସ
ପ୍ରେମର ସୋରିଷ କ୍ଷେତରେ
ଆକାଶର ଅଭିସାର।
ଧୂଳିରେ ସଜାଅ କି ଫୁଲରେ ସଜାଅ
ଆକାଶ ଚିରକାଳ ପ୍ରେମିକର।

ଆକାଶ ଆଖିରେ
ସ୍ୱପ୍ନର ସମ୍ମୋହନ, ବେପଥୁ ବିରହ
ଝଲସୁ ଥାଏ ଝଲମଲ
ପ୍ରେମର ନୈବେଦ୍ୟ,
ନିବିଡ଼ତାର ଝରା ଫୁଲ।

ଆକାଶରେ ସ୍ୱପ୍ନ ସଜାଉଚି କେଉଁ
ଦୂର ବଣ ପାହାଡ଼ି ଝିଅର
ଦ୍ରାବିଡ଼ ଯୌବନ,
ମହୁଲ ଫୁଲର ବାସ୍ନାରେ ମହମହ ଜହ୍ନର
ଆଲୁଅ,
ତାରା ଖଚିତ ତାଳ ବଣ।

ମାଟିରେ ନିବନ୍ଧିତ ଚିରକାଳ ମୁଁ
ମାଟିର ବାସ୍ନା, ମାଟିର ଫୁଲ
ମାଟିର ମୋହ, ମାଟିର ମଳୟରେ
ସଜେଇଚି ଫୁଲ ଶେଯ।

ଜୀବନ ଦେଖୁଚି
ବିଶ୍ୱାସର ପୂର୍ଣ୍ଣ ଅଭିଳାଷ
ଭୋକିଲା ମଣିଷର ତୀବ୍ର କୋଳାହଳ,
ମୃତ୍ୟୁର ସମୁଦ୍ର ଡେଇଁ ତରତର
ଆଙ୍କିବାକୁ ଆକାଶରେ
ନିବିଡ଼ତାର ଚାନ୍ଦ ମୁହଁ। ■

ମୋ: ୭୯୭୮୩୮୧୨୧୩

# ଓଡ଼ିଆ କବିତାରେ ପ୍ରଣୟ ଦର୍ଶନ



ଅଧ୍ୟାପକ ବିପିନ ମହାନନ୍ଦ

ଏ ପୃଥିବୀର ସବୁ ପ୍ରେମିକ ନିଶ୍ଚୟ ଜଣେ ଜଣେ କବି ନୁହଁନ୍ତି ; କିନ୍ତୁ ସବୁ କବି ନିଶ୍ଚୟ ଜଣେ ଜଣେ ପ୍ରେମିକ ଅଟନ୍ତି। ପ୍ରେମ କରୁଥିବା ଜଣେ ଛଳଛଳ ହୃଦୟବାନ ମଣିଷ ହିଁ ପ୍ରେମ ଓ ଭଲପାଇବାର କବିତା ଲେଖିପାରେ । ଯିଏ ନାରୀକୁ ଭଲପାଏ, ନଦୀକୁ ଭଲପାଏ, ଯିଏ ଭଲପାଏ ପ୍ରକୃତିକୁ ଏବଂ ଈଶ୍ୱରଙ୍କୁ।

ଜଣେ କବି ତା'ର ପରବର୍ତ୍ତୀ ଜୀବନରେ ବିଦ୍ରୋହର କବିତା ଲେଖୁ କି ଦର୍ଶନ ଓ ମୃତ୍ୟୁ ଚେତନାର କବିତା ଲେଖୁ। ସେ କିନ୍ତୁ ତା'ର ଆଦ୍ୟ କବି ଜୀବନରେ ପ୍ରଣୟର କବିତା ଲେଖି କବି ଜୀବନର ଶୁଭାରମ୍ଭ କରିବା ଲାଗି ପ୍ରୟାସ କରିଥାଏ। ଖଣ୍ଡିଉଡ଼ା ଦେଉଥିବା ପକ୍ଷୀ ଶାବକ ଭଳି ଜଣେ ନୂଆ ନୂଆ ପ୍ରେମର କବିତା ହିଁ ଲେଖେ। ପ୍ରେମିକାର ଆଖି, ପ୍ରେମିକାର ଓଠ, ତା'ର ଗହନ କୁନ୍ତଳ, ହସିବାର ଶୈଳୀ,କଥା କହିବାର ତରିକା, ଚାଲିବାର ଭଙ୍ଗୀ, ତୀବ୍ର ଚାହାଣି ସବୁକିଛିକୁ ରାତି ତମାମ ବର୍ଣ୍ଣନା କରେ।

ତେଣୁ ପ୍ରଣୟକୁ ଉପେକ୍ଷା କରି କବିତା ନାହିଁ କି କବିତା ସରସ ସୁନ୍ଦର ହୋଇପାରେ ନାହିଁ। କବିତାର ମାନେ ପ୍ରେମର ପତ୍ର। ତେଣୁ ସବୁ ଭାଷାର ସବୁ ସାହିତ୍ୟରେ ପ୍ରେମ ଓ ପ୍ରାର୍ଥନାର କବିତା ନିଶ୍ଚୟ ଦୃଷ୍ଟି ଗୋଚର ହୋଇଥାଏ।

ପ୍ରେମ କବିତା ବିପ୍ଳବ କରେ ନାହିଁ କି ରାସ୍ତାରେ ଚକାବନ୍ଦ କରି ଧର୍ମଘଟ କରେ ନାହିଁ। ପ୍ରେମ କବିତାରେ କୌଣସି ପାରିବାରିକ, ସାମାଜିକ ଅଥବା ରାଜନୈତିକ ଷଡ଼ଯନ୍ତ୍ର ନଥାଏ। ଭାଗ୍ୟର ବିଡ଼ମ୍ବନାକୁ ବି ପ୍ରେମ କବିତା ଲେଖେ ନାହିଁ। ପ୍ରେମ ଓ ପ୍ରଣୟର କବିତା କେବଳ ସୁଷମା ଓ ଶାଳୀନତାକୁ ଅବଲୋକନ କରେ। ନିଃସର୍ତ୍ତ ଭାବରେ ଦୁଇଟି ଅନ୍ତରକୁ ଯୋଡ଼ିବାର ଯୋଜନା କରେ। ତେଣୁ ପ୍ରଣୟର କବିତା ମୃତ୍ୟୁ ସଂଜୀବନୀ ଔଷଧ ସଦୃଶ।

ସମଗ୍ର ବିଶ୍ୱ ସାହିତ୍ୟରେ ଓଡ଼ିଆ କବିତାରେ ପ୍ରଣୟ ଦର୍ଶନକୁ ଏକ ଭିନ୍ନ ମର୍ଯ୍ୟାଦା ଦିଆଯାଇପାରେ। ଓଡ଼ିଆ ସାହିତ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିବର ରାଧାନାଥ ରାୟ , ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, ରମାକାନ୍ତ ରଥ ପ୍ରମୁଖ ଶତାଧିକ କବିଙ୍କ କବିତାରେ ପ୍ରେମର ଶାଶ୍ୱତ ମୂଲ୍ୟବୋଧକୁ ପାଠକମାନେ ଅନୁଭବ କରିଥାଆନ୍ତି। ପ୍ରଣୟ ହେଉଛି କବିତାର ଆତ୍ମା। ଏଧରଣର କବିତା ପାଠକକୁ ଚିର ସବୁଜ କରେ। ମୃତ୍ୟୁର ଭୟଠାରୁ ଦୂରେଇ ରଖେ। ବଞ୍ଚିବାର ଏକ ଅଫୁରନ୍ତ ଶକ୍ତି ଯୋଗାଏ। ଜୀବନକୁ ଏକ ଭିନ୍ନ ମୋଡ଼ ଦିଏ। ତେଣୁ 'ଭାଗବତ' ପଢ଼ିଲା ପରି କବିତାର ପ୍ରଣୟଭାବକୁ ସବୁ ବର୍ଗ ଓ ସ୍ତରର ପାଠକ ଗ୍ରହଣ କରନ୍ତି। ଏହି କବିତାର ଚେତନା ଏବଂ ଦର୍ଶନ ମନରେ କଦାପି କ୍ଳାନ୍ତି ଆଣେ ନାହିଁ। ବରଂ ଏକ ଅଭିନବ ଉପଲବ୍ଧି ଆଣିଦେଇଥାଏ।

ପ୍ରେମିକ କବି ମାୟାଧର ମାନସିଂହଙ୍କ "ସକଳେ ଡାକନ୍ତି ତମେ ତମେ ବୋଲି, ସେ ତମେର ମୂଲ ନାହିଁ / ତମେ ଯେବେ ମତେ ତମେ ବୋଲି କହ ଏତେ ମିଠା କାହିଁ ପାଇଁ ?" ଅଥବା "ଏଇ ସହକାର ତଳେ / ସେଦିନ ପ୍ରିୟାର କର କଙ୍କଣ ଭିଡ଼ିଥିଲା ମୋର ଗଳେ।" କବିତାର ପଂକ୍ତି ପାଠକକୁ ବେଶ୍ ପ୍ରଲୁବ୍ଧ କରେ।

ପ୍ରେମିକା ସମର୍ପଣର ଏକ ପ୍ରତୀକ। ଯିଏ ବଞ୍ଚିବା ଲାଗି ଉତ୍ସାହିତ କରେ। ପ୍ରେମିକା ଦେହ ଦିଏ ନାହିଁ । ସ୍ନେହ ଓ ସହାନୁଭୂତି ଦିଏ। ପ୍ରେମିକାର ସ୍ଥାନ ସବୁବେଳେ ସ୍ୱତନ୍ତ୍ର। ସେ ଜାଗା ଆଉ କେହି ନେଇପାରେ ନାହିଁ । ତେଣୁ ଭାରତର ମନ୍ଦିରଗୁଡ଼ିକରେ ଶ୍ରୀକୃଷ୍ଣଙ୍କ ସହ ରାଧାଙ୍କୁ ପୂଜା କରାଯାଏ। କବି ଅଭିମନ୍ୟୁ, ବନମାଳୀ ଦାସ ପ୍ରମୁଖ କବିଗଣ ରାଧାଙ୍କ ପ୍ରଣୟକୁ ଅତି ଚମତ୍କାର ଭାବେ ଲେଖିଛନ୍ତି।

କବି ରାମାକାନ୍ତ ରଥ 'ଶ୍ରୀରାଧା'ରେ ରାଧାଙ୍କ ସମର୍ପଣର ଏକ ଚମତ୍କାର ଦର୍ଶନକୁ ଲେଖିଛନ୍ତି ! "ନିଅ ନିଅ ମୋ ପରମାୟୁର ଅବଶିଷ୍ଟ ମୁହୂର୍ତ୍ତରୁ ଅଧେ ନେଇଯାଅ / ତା' ବଦଳେ ମୋ ପାଖରେ ରହିଥିବା ମୁହୂର୍ତ୍ତମାନଙ୍କୁ ତମର ଆଗ୍ରହ ଦ୍ୱାରା ପୂର୍ଣ୍ଣ କରିଦିଅ / ମୁଁ କ'ଣ ମାଗିଲି ଖୁବ୍ ବେଶି/ ତାହେଲେ ଗୋଟିଏ ମୁହୂର୍ତ୍ତ ରଖି ସବୁ ନେଇଯାଅ।"

ଓଡ଼ିଆ କବିମାନେ ପ୍ରଣୟର କବିତା ଲେଖିଲାବେଳେ ପ୍ରଣୟିନୀକୁ ଏତେ ଉଚ୍ଚ ଆସନରେ ବସାଇଛନ୍ତି ଯେ, ସେମାନେ ପ୍ରଣୟିନୀରୁ ନାରାୟଣୀ ପାଲଟି ଯାଆନ୍ତି। ଏ ପୃଥିବୀରେ ଏତେ ନାରୀ ଥିବା ସତ୍ତ୍ୱେ କବିମାନେ ଏହି ନାରୀମାନଙ୍କ ସୌନ୍ଦର୍ଯ୍ୟରେ ସନ୍ତୁଷ୍ଟି ନହୋଇ ସେମାନେ ଆଉ ଏକ ନାରୀର ପରିକଳ୍ପନା କରିଛନ୍ତି। ଯେମିତି ରମ୍ଭା, ମେନକା, ଉର୍ବଶୀ ଏମିତି ଅନେକ ଗାନ୍ଧର୍ବୀ। କିନ୍ତୁ ପ୍ରେମ କରିବା ପାଇଁ ସ୍ୱର୍ଗ ଅପେକ୍ଷା ମର୍ତ୍ତ୍ୟ ହିଁ ଉପଯୁକ୍ତ ସ୍ଥଳୀ। ତେଣୁ ସ୍ୱର୍ଗର ଅପସରାମାନେ ମର୍ତ୍ତ୍ୟକୁ ଆସି ପ୍ରେମିକା ସାଜନ୍ତି ଏବଂ ମର୍ତ୍ତ୍ୟର ନାରୀମାନେ ପ୍ରେମିକା ସାଜି ଈଶ୍ୱରୀ ବନି ଯାଆନ୍ତି ! ତେଣୁ ଓଡ଼ିଆ କବିତାରେ ପ୍ରଣୟ ଦର୍ଶନ ଏତେ ଚିତ୍ତାକର୍ଷକ ଯେ, ତା'ର ଏହି ଦିଗ ସବୁବେଳେ ଭିନ୍ନତା ଦାବି କରେ।

ଓଡ଼ିଆ କବିତାର ଶିଳ୍ପୀ ଏମିତି ବୀର ଏବଂ ନିର୍ଭୀକ ଯେ, ଯୁବତୀ ନାରୀର ନାଭି ଓ ସ୍ତନକୁ ମଧ୍ୟ ଲେଖିବାର କାର୍ପଣ୍ୟ କରି ନାହାନ୍ତି। ତେଣୁ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି "ଆଜ ଦେଖିଲିରେ ନବୀନ ବୟସୀବାଳା / ପାଇଥାନ୍ତି ଯେବେ ସେ ଚନ୍ଦ୍ର ବଦନୀ କରିଥାନ୍ତି ଗଳାମାଳା !" ଏଭଳି ଅନେକ ଓଡ଼ିଆ କବିତାରେ ପ୍ରଣୟର ଦର୍ଶନ ବେଶ୍ ଚିତ୍ତାକର୍ଷକ ଭାବେ ପ୍ରତିଫଳିତ ହୋଇଛି, ଯାହା ପାଠକମାନଙ୍କୁ ମୋହାଚ୍ଛନ୍ନ କରିରଖେ। ■

କଳିଙ୍ଗ କଲେଜ
ରେଢ଼ାଖୋଲ, ଜି: ସମ୍ବଲପୁର
ମୋ: ୮୭୫୮୭୩୪୬୭୦

## ପୁସ୍ତକ ଓ ପତ୍ରିକା ପରିଚୟ

### ସୂର୍ଯ୍ୟସ୍ନାତା

ସଂପାଦିକା: ସୁପ୍ରଭା ସାମଲ



ରାଜର୍ଷି, ଜର୍ଜ ହାଇସ୍କୁଲ ପଡ଼ିଆ ପାଖ
ଶିବାନନ୍ଦ ନଗର
ବରଗଡ଼-୭୬୮୦୨୮
ମୂଲ୍ୟ: ୮୦ ଟଙ୍କା

ତ୍ରୈମାସିକ ମହିଳା ସାହିତ୍ୟ ପତ୍ରିକା 'ସୂର୍ଯ୍ୟସ୍ନାତା'ର ଜୁନ୍-ଅଗଷ୍ଟ- ୨୦୨୬ ସଂଖ୍ୟା ପ୍ରକାଶ ପାଇଛି। ସୁପ୍ରଭା ସାମଲଙ୍କ ସଂପାଦନାରେ ପ୍ରକାଶ ପାଉଥିବା ଏହି ପତ୍ରିକାରେ ଓଡ଼ିଶାର ପ୍ରତିଷ୍ଠିତ ଓ ଯୁବ ଲେଖକଲେଖିକାଙ୍କ ଗପ, କବିତା, ପ୍ରବନ୍ଧ ଆଦି ପ୍ରକାଶ ପାଇଛି। ଏହି ସଂଖ୍ୟାରେ ଡକ୍ଟର ସୁଜିତ୍ କୁମାର ପୃଷେଠ୍‌ଙ୍କ 'ସମଲେଇପଦରର ବହ୍ନିକନ୍ୟା: ବାଏରୀ', ଡକ୍ଟର ଶେଷନ ବିଶିଙ୍କ 'ସମ୍ବଲପୁରୀ ଲୋକ ସଂଗୀତଜ୍ଞ ଓ ଗୀତିକାର ଗୁଣନିଧି ଦାଶ', ସୁଷମା ଦାଶଙ୍କ 'ଏକ ଏକ ଏକ ଉନ୍ମେଷର ହେତୁ ଶଶୀଭୂଷଣ ମିଶ୍ରଶର୍ମା 'ବୁଢ଼ାମାଷ୍ଟ୍ରେ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି। ସେହିପରି ଡ. ସଂଘମିତ୍ରା ରାଏଗୁରୁ, ଡ. ଅନୁପମା ବିଶ୍ୱାଳ, ଜିତେଶ୍ୱରୀ ଦାଶ, ପ୍ରବାସିନୀ ହୋତା, ଡ. ରବିନାରାୟଣ ସାହୁ, ମିନତି ଦାଶ ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ସେଭଳି ହେମାଙ୍ଗିନୀ ଦାଶ, କବିତା କୁମୁଦ ମେହେର, ଯଜ୍ଞେଶ୍ୱର ବିଶି ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି। ଅନୁବାଦ ଗପ, କବିତା, ସାକ୍ଷାତକାର, ହାଣ୍ଡିଶାଳ ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ମନଲାଖି ହୋଇଛି। 'ସୂର୍ଯ୍ୟସ୍ନାତା'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଯୁବା ଚେହେରା

ସଂପାଦକ: ବଳରାମ ବଗର୍ତ୍ତି



ପ୍ଲଟ୍ ନଂ: ୧୦୯, ମଧୁସୂଦନ ନଗର
ୟୁନିଟ୍-୪, ଭୁବନେଶ୍ୱର-୧
ମୂଲ୍ୟ: ୬୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚରଧର୍ମୀ ପତ୍ରିକା 'ଯୁବା ଚେହେରା'ର ପ୍ରଥମ ସଂଖ୍ୟା ଅଗଷ୍ଟ-୨୦୨୬ ପ୍ରକାଶ ପାଇଛି। ବଳରାମ ବଗର୍ତ୍ତିଙ୍କ ସଂପାଦନାରେ ପ୍ରକାଶିତ ଏହି ପତ୍ରିକାରେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ, ଧର୍ମ, ସିନେମା, ସଂଗୀତ, ସାକ୍ଷାତକାର ଆଦି ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ଲେଖା ପ୍ରକାଶ ପାଇଛି। 'ପ୍ରଚ୍ଛଦ ପ୍ରସଙ୍ଗ'ରେ ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ ' ଅରଣ୍ୟର ଅନାଲୋଚିତ ମହାଯୋଦ୍ଧା'ରେ ଓଡ଼ିଶାର ଜନଜାତି ସଂଗ୍ରାମୀମାନଙ୍କ ସଂପର୍କରେ ଏକ ଉଚ୍ଚକୋଟୀର ଲେଖା ପ୍ରକାଶ ପାଇଛି। ସେହିପରି ସୁଷମା ପରିଜାଙ୍କ 'ରକ୍ଷାବନ୍ଧନର ମହତ୍ତ୍ୱ', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ପିତୃ ପୂଜା' ଗପ, ସୁରେଶ ସାଗରଙ୍କ 'ସମୁଦ୍ର କୂଳର ଝିଅ' କବିତା ଆଦି ମନଛୁଆଁ ଲେଖା ପ୍ରକାଶ ପାଇଛି। ସେଭଳି 'ଯୁବ ଚେହେରା'ରେ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ ସଂପର୍କରେ ଆଲେଖ୍ୟ, 'ସାକ୍ଷାତକାର'ରେ ସୋହନୀ ମିଶ୍ରଙ୍କ ସହିତ ଆଳାପ ପ୍ରକାଶ ପାଇଛି। 'ସ୍ୱାସ୍ଥ୍ୟମନ୍ତ୍ର', 'କ୍ୟାରିଅର୍', 'ବିଚିତ୍ର ବିଶ୍ୱ', 'ଫ୍ୟାସନ', 'ଲାଇଫ୍ଷ୍ଟାଇଲ୍', 'ମନୋରଞ୍ଜନ ଜଗତ' ଆଦି ବିଭାଗଗୁଡ଼ିକର ଲେଖାଗୁଡ଼ିକ ମଧ୍ୟ ଆକର୍ଷଣୀୟ ହୋଇଛି। 'ଯୁବା ଚେହେରା'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### କଥା ସରିତ ସାଗର

ସନ୍ତୋଷ କୁମାର ମିଶ୍ର



ଗାୟତ୍ରୀ କୁମାର ନନ୍ଦ
ପଦ୍ମପୁର, ରାଜବୋଡ଼ାସମ୍ବର
ବରଗଡ଼
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୨୦୦ ଟଙ୍କା

କାଶ୍ମୀରର ରାଜପଣ୍ଡିତ ସୋମଦେବ ଭଟ୍ଟଙ୍କ ରଚିତ 'କଥା ସରିତ ସାଗର' (ପ୍ରଥମ ଭାଗ) ର ଓଡ଼ିଆ ଅନୁବାଦ ପ୍ରକାଶ ପାଇଛି। ଏହାକୁ ସନ୍ତୋଷ କୁମାର ମିଶ୍ର ଅନୁବାଦ କରିଛନ୍ତି। ମଙ୍ଗଳାଚରଣରୁ ଆରମ୍ଭ କରି ଅଷ୍ଟମ ତରଙ୍ଗ ପର୍ଯ୍ୟନ୍ତ ଏହା ସୁଖପାଠ୍ୟ ଓ ହୃଦୟସ୍ପର୍ଶୀ ହୋଇଛି। ଏହି କଥା ସଂଗ୍ରହଟି ସମୁଦାୟ ଅଠର ଗୋଟିଏ ଲମ୍ବକ ବା ସରିତ (ଅଧ୍ୟାୟ) ରେ ବିଭକ୍ତ। ସେହିପରି ପ୍ରତ୍ୟେକ ଲମ୍ବକ ବା ସରିତକୁ କେତୋଟି ତରଙ୍ଗ (ପରିଚ୍ଛେଦ) ରେ ବିଭକ୍ତ କରାଯାଇଛି। ଏହି ପୁସ୍ତକର ପ୍ରଥମ ଲମ୍ବକ ହେଉଛି 'କଥାପୀଠ'। ସେଭଳି ବିଭିନ୍ନ ତରଙ୍ଗରେ 'ଶିବ-ପାର୍ବତୀଙ୍କ କଥପୋକଥନ', 'ଦିବ୍ୟ କଥା-ଚରିତ୍ର ବ୍ୟାଖ୍ୟାନ', 'ପୁଷ୍ପଦନ୍ତ ଓ କାଣଭୂତି', 'ବରରୁଚି, ଗୁରୁ ବର୍ଷ ଏବଂ ସହପାଠୀ', 'ବ୍ରାହ୍ମଣ ଭାତୃଦ୍ୱୟ', 'ବର୍ଷ ଓ ଉପବର୍ଷ', 'ପାଟଳିପୁତ୍ର ନଗରୀର ସଂସ୍ଥାପନ', 'ରାଜା ବ୍ରହ୍ମଦତ୍ତଙ୍କ ବୃତ୍ତାନ୍ତ', 'ବରରୁଚି ଏବଂ ଉପକୋଷା', 'ଉପକୋଷାଙ୍କ ଚାରି ପ୍ରେମିକ' ଆଦି ଉପାଖ୍ୟାନ ବର୍ଣ୍ଣନା କରାଯାଇଛି। କଥାରୂପୀ ତରଙ୍ଗଗୁଡ଼ିକ ପାଠକମାନଙ୍କୁ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ଭାଇକୁ ବଞ୍ଚାଇବାକୁ ଯାଇ ଭାସିଗଲେ ଦିବ୍ୟାଙ୍ଗ ଭଉଣୀ

## ଉଭୟଙ୍କ ମୃତଦେହ ଉଦ୍ଧାର

ବାରିପଦା/କୁଆମରା,୧୨।୯ (ସମିସ): ମୃତ୍ୟୁ ଜଗିଥିଲା ନଦୀ ନିକଟରେ। କିଛି ସମୟ ବ୍ୟବଧାନରେ ଡକାଡକି ହୋଇ ଚାଲିଗଲେ ଭାଇଭଉଣୀ। ଖୁଣ୍ଟା ଥାନା ଅନ୍ତର୍ଗତ ଗଡିଗାଁ




ପଞ୍ଚାୟତ ମହ୍ଲାରପଦା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ଅପରାହ୍ନରେ ମହ୍ଲାରପଦା ଗ୍ରାମର ପରମେଶ୍ୱର ନାଏକ (୩୨) ଗ୍ରାମ ନିକଟସ୍ଥ କେନାଲକୁ ମାଛ ଧରିବାକୁ ଯାଇଥିଲେ। ଅସାବଧାନତା ବଶତଃ କେନାଲ ପାଣିରେ ପଡିଯାଇ ବାହାରି ପାରି ନ ଥିଲେ। ଭାଇ ଘରକୁ ଫେରିବା ବିଳମ୍ବ ହେବାରୁ ଦିବ୍ୟାଙ୍ଗ ଭଉଣୀ ନନ୍ଦିନୀ (୪୫) ଭାଇକୁ ଖୋଜିବାକୁ ଯାଇ କେନାଲରେ ପଡିଥିବା ଦେଖି ଉଠାଇବାକୁ ଚେଷ୍ଟା କରିଥିଲେ ମଧ ଉଠାଇ ପାରି ନ ଥିଲେ। ତେବେ ନାଲୁହା ନଦୀର ବିପରୀତ ପାର୍ଶ୍ୱରେ କରକଚିଆ ପଞ୍ଚାୟତ ଦୁବରାଜପୁରରେ ବନ୍ଧୁ ଘର ଥିବାବେଳେ ସେମାନଙ୍କ ସାହାଯ୍ୟ ପାଇଁ ନନ୍ଦିନୀ ନଦୀ ପାରି ହୋଇ ଡାକିବାକୁ ଯାଉଥିଲେ। ମାତ୍ର ନଦୀର ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ମଧ ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କରିପାରି ନ ଥିଲେ। ଶନିବାର ଖୁଣ୍ଟା ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟର କସରତ ପରେ ଦିବ୍ୟାଙ୍ଗ ନନ୍ଦିନୀକୁ ଘର ନିକଟରୁ ଗୋଟିଏ କିଲୋମିଟର ଦୂରରେ ଉଦ୍ଧାର କରିଥିଲେ। ଏଥିସହ କେନାଲରୁ ପରମେଶ୍ୱରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖୁଣ୍ଟା ଥାନା ପୁଲିସ ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନାକୁ ପଠାଇଥିବାବେଳେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ହାଇଦରାବାଦରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

ବାରିପଦା/ଶୁଳିଆପଦା, ୧୨।୯ (ସମିସ): ହାଇଦରାବାଦର ଏକ ହଷ୍ଟେଲରେ ରହି କାମ କରୁଥିବା ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଧାଡିକା ପଞ୍ଚାୟତ ଅଧୀନ ଡୁମୁରିଆ ଗ୍ରାମର ଜଣେ ଯୁବକଙ୍କୁ ଗୁରୁବାର ରାତିରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଡୁମୁରିଆ ଗ୍ରାମର ସ୍ୱର୍ଗତ ଶମ୍ଭୁନାଥ ରାଜଙ୍କ ପୁଅ ଶଶୀଧର ରାଜ ରୋଜଗାର ଆଶା ନେଇ ହାଇଦରାବାଦ ଯାଇଥିଲେ। ସେଠାରେ ଥିବା ଏକ ଘରୋଇ ହଷ୍ଟେଲ ରହି କାମ କରୁଥିଲେ। ଗତ ମେ ମାସରେ ଘରକୁ ବୁଲିବାକୁ ଆସିଥିବାବେଳେ ପତ୍ନୀଙ୍କୁ ମଧ ସାଙ୍ଗରେ ନେଇଯାଇଥିଲେ। ସେଠାରେ ସ୍ୱାମୀ-ସ୍ତ୍ରୀ ରହି କାମ କରୁଥିଲେ। ଗୁରୁବାର ରାତିରେ ତାଙ୍କ ପତ୍ନୀ ରୁମରେ ଥିବାବେଳେ ଶଶୀଧର କୌଣସି କାମରେ ବାହାରକୁ ଯାଇଥିଲେ। ଏତିକିବେଳେ ଜଣେ ବ୍ୟକ୍ତି ହଠାତ୍ ଏକ ଭୁଜାଲି ଧରି ଆସି ରାସ୍ତାରେ ଶଶୀଧରଙ୍କୁ ଆକ୍ରମଣ କରିବା ସହ ତାଙ୍କ ଛାତିରେ ବାରମ୍ବାର ଭୁଜାଲି ଭୁସି ଦେଇଥିଲେ। ଏହି ଲୋମଟାଙ୍କୁରା ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ରାୟଦୁଗମ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାଜନିତ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ନେଇ ତାଙ୍କ ନିକଟ ସମ୍ପର୍କୀୟଙ୍କଠାରୁ ସୂଚନା ମିଳିଛି।



ମୃତ ଶଶୀଧର ଜଣେ ଗରିବ ପରିବାରର ହୋଇଥିବାବେଳେ ଘରେ ଥିବା ଦୁଇ ନାବାଳିକା ଓ ଜଣେ ନାବାଳକ ପୁଅଝିଅ ଅସହାୟ ହୋଇପଡ଼ିଛନ୍ତି। ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ସହ ଘଟଣାର ପ୍ରକୃତ କାରଣ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏ ନେଇ ଶଶୀଧରଙ୍କ ଭାଉଜ ସୌଭାଗ୍ୟଲତା ରାଜ କହିଛନ୍ତି, ଅର୍ଥାଭାବରୁ ଶବ ଗାଁକୁ ଆଣିବା ସମ୍ଭବ ନ ହେବାରୁ ସେଠାରେ ସତ୍କାର କରାଯାଇଛି। ଏବେ ସେଠାକାର ପୁଲିସ ପାଖରେ ମୋବାଇଲ

### ସିସି କ୍ୟାମେରାରେ ଛାତିଥରା ଦୃଶ୍ୟ

ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ। ତେବେ ଶଶୀଧରଙ୍କ ସ୍ତ୍ରୀ ଦେବଯାନୀ ରାଜ କେମିତି ଘରକୁ ଫେରିବେ ଓ ଶଶୀଧରଙ୍କୁ କେମିତି ନ୍ୟାୟ ମିଳିବ, ସେ ଏନେଇ ଚିନ୍ତାରେ ଅଛନ୍ତି ପରିବାର ଲୋକେ। ଅପରପକ୍ଷରେ ଡମୁରିଆ ଗାଁରେ ଥିବା ଶଶୀଧର ଦୁଇ ଝିଅ ଓ ପୁଅ ବାପାମାଙ୍କୁ ଚାହିଁ ବସିଛନ୍ତି। ବାପାଙ୍କ ଖବର ଦେଖି ପୁଅଝିଅଙ୍କ ଆଖିରୁ ଲୁହ ଶୁଖୁ ନ ଥିବାବେଳେ ମା' କେମିତି ଭଲରେ ଘରକୁ ଫେରିବଳ ସେନେଇ ଚିନ୍ତାରେ ପୁଅଝିଅ। ବଡ଼ ଝିଅ ମିଥାଲି ରାଜ ଗୁରୁବାର ସକାଳେ ବାପାଙ୍କ ସହିତ କଥା ହୋଇଥିଲେ। ବାପା କହିଲେ ମୁଁ ଟଙ୍କା ପଠାଉଛି ତୁ ସାନ ଭାଇର ସ୍କୁଲ ଫି' ଦେବୁ ଓ ସାନଭଉଣୀ କଥା ବୁଝୁଥିବୁ। ଏବେ ମାଆ କେମିତି ଭଲରେ ଘରକୁ ଫେରିବ ଓ ବାପାଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି ବଡଝିଅ ମିଥାଲି ରାଜ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପଡ଼ିଶା ଲୋକେ ଅନୁରୋଧ କରି କହିଛନ୍ତି ଯେ ଶଶୀଧରଙ୍କ ସ୍ତ୍ରୀ କିପରି ଭଲରେ ଘରକୁ ଫେରିବେ ଓ ଶଶୀଧରଙ୍କ ହତ୍ୟାକାରୀଙ୍କୁ କିପରି କଠୋର ଦଣ୍ଡ ମିଳିବ, ସେନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଓରାଙ୍ଗଉଟାନ ଉଦ୍ଧାର ଘଟଣା: ସିବିଆଇ - ଏନ୍ଆଇଏ ତଦନ୍ତ ଦାବି କଲେ ବିଜେଡି ବିଧାୟକ

ଭୁବନେଶ୍ୱର,୧୨।୯ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରୁ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ ମାମଲାରେ ଅନ୍ତର୍ଜାତୀୟ ତସ୍କରୀ ଗ୍ୟାଙ୍ଗର ହାତ ରହିଛି ବୋଲି ସାଧାରଣରେ ସନ୍ଦେହ ବଢ଼ିବାରେ ଲାଗିଛି। ଏପଟେ ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି

- ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି
- ଅନ୍ତର୍ଜାତୀୟ ତସ୍କରୀ ଗ୍ରୁପର ହାତ ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଛି

ବୋଲି ମତବ୍ୟକ୍ତ କରିଛନ୍ତି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଚାଲିଥିବା ବେଳେ ଏହା ଦେଶର ସୁରକ୍ଷା ବ୍ୟବସ୍ଥା ସହିତ ଜଡ଼ିତ ଥିବାରୁ ମାମଲାର ତଦନ୍ତ ସିବିଆଇ ବା ଏନଆଇଏ ଦ୍ୱାରା କରାଯାଉ ବୋଲି ବିଧାୟକ ଶ୍ରୀ ଦାସ ଦାବି କରିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବିଧାୟକ ଶ୍ରୀ ଦାସ କହିଥିଲେ ଯେ ଭୋଗରାଇ ଅଞ୍ଚଳରୁ ୫ଟି ଓରାଙ୍ଗଉଟାନ ଉଦ୍ଧାର ହେବାକୁ ନେଇ ଜନସାଧାରଣଙ୍କ ମନରେ କୌତୁହଳ ସୃଷ୍ଟି ହୋଇଛି । ଓରାଙ୍ଗଉଟାନ ମୁଖ୍ୟତଃ ଇଣ୍ଡୋନେସିଆ ଓ ମାଲେସିଆ ଭଳି ଦେଶ ମାନଙ୍କରେ ଦେଖିବାକୁ ମିଳନ୍ତି। ଏହା ଏକ ବିରଳ ପ୍ରଜାତିର ପ୍ରାଣୀ ହୋଇଥିବା ବେଳେ କିଭଳି ଭାବେ ସୁଦୂର ଇଣ୍ଡୋନେସିଆ ବା ମାଲେସିଆରୁ ଭୋଗରାଇ ପର୍ଯ୍ୟନ୍ତ ଆସିପାରିଲା ? ଏହି ପ୍ରାଣୀ ମାନଙ୍କ ଚାଲାଣ ଅନ୍ତର୍ଜାତୀୟ ବନ୍ୟଜନ୍ତୁ ତସ୍କରୀ ଗ୍ରୁପ ଦ୍ୱାରା କରାଯାଇଛି ବୋଲି ସନ୍ଦେହ କରାଯାଉଛି। ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ଏହି ତସ୍କରୀ ଗ୍ରୁପ ବିରଳ ପ୍ରାଣୀଙ୍କୁ ଏତେ ଦୂର ଆଣିପାରିଲା, ତାହେଲେ ଏହିପଥଦେଇ ଦେଶର ଶତ୍ରୁମାନେ ମଧ ପ୍ରବେଶ କରିପାରନ୍ତି । ପାଞ୍ଚ ପାଞ୍ଚଟି ଓରାଙ୍ଗଉଟାନ ଏଠାରେ ପହଞ୍ଚିବାକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଘୁରି ବୁଲୁଛି। ସେ ଆହୁରି କହିଥିଲେ ଯେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ



ଗୋଳାବାରୁଦ ପରୀକ୍ଷା କେନ୍ଦ୍ର ରହିଛି ଓ ଏପିଜେ ଅବଦୁଲ କଲାମ ଦ୍ୱିପରେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ରହିଛି । ଅପରାଧୀ ମାନେ ସଫଳତାର ସହିତ ଯଦି ଭୋଗରାଇ ପର୍ଯ୍ୟନ୍ତ ପହଞ୍ଚି ପାରୁଛନ୍ତି ତାହେଲେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ କଷ୍ଟକର ହେବ ନାହିଁ। ଯେହେତୁ ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଏହାର ତଦନ୍ତ ସିବିଆଇ କିମ୍ବା ଏନଆଇଏ ଦ୍ୱାରା କରାଯାଉ ବୋଲି ସେ ଦାବି କରିଛନ୍ତି।

# ବ୍ରିକ୍ସ ସମ୍ମିଳନୀରେ ମନ ଜିଣିଲା କୋରାପୁଟର ସ୍ୱାଦ

ଭୁବନେଶ୍ୱର,୧୨।୯ (ସମିସ):'ଭୋକାଲ୍ ଫର୍ ଲୋକାଲ୍'ର ନାରାକୁ ପ୍ରତିଫଳିତ କରି କୋରାପୁଟ କଫି ଏବେ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ପାଇଁ ଖ୍ୟାତି ଆଣି ଦେଇଛି। କୋରାପୁଟର କଫି ବଗିଚାରୁ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ପହଞ୍ଚିଛି ଓଡ଼ିଶାର ସ୍ୱାଦ। କୋରାପୁଟର ପୂର୍ବଘାଟ ପର୍ବତମାଳାରେ ଆଦିବାସୀ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରିମିୟମ ଆରବିକା କଫି 'ଟାଇଗର ବ୍ରାଇଟ୍', ବ୍ରିକ୍ସ ସମ୍ମିଳନୀରେ ଏହା ବିଶ୍ୱବାସୀଙ୍କୁ ଓଡ଼ିଶାର ସ୍ୱାଦ ସହ ପରିଚିତ କରାଇବା ସହ ଆଦିବାସୀ ଉଦ୍ୟୋଗ, ମୂଲ୍ୟ ବୃଦ୍ଧି ଏବଂ ସ୍ଥାୟୀ ଜୀବିକାରେ ଅପାର ସମ୍ଭାବନାକୁ ପ୍ରଦର୍ଶିତ କରୁଛି। କୋରାପୁଟର ଆଦିବାସୀ ସମ୍ପ୍ରଦାୟ ପାଇଁ 'ଟାଇଗର ବ୍ରାଇଟ୍'ର ଏହି ସଫଳତା କେବଳ ଏକ କଫି ବ୍ରାଣ୍ଡର କାହାଣୀ ନୁହେଁ ବରଂ ଏହା ସେମାନଙ୍କ ପାଇଁ ନୂତନ ସୁଯୋଗ ଆଣି ଦେଇଛି। ଓଡ଼ିଶା ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସିଓଏଲ)ର ସମ୍ପୂର୍ଣ୍ଣ ସହଯୋଗରେ କିଣିବା, ଶୁଖାଇବା, ଗ୍ରେଡ଼ିଂ, ପ୍ରକ୍ରିୟାକରଣ ଏବଂ ବିପଣନ (ମାର୍କେଟିଂ) ପ୍ରକ୍ରିୟା ଶେଷ ହେବା ପରେ ଏହା ଗ୍ରାହକଙ୍କ ପାଖରେ ପହଞ୍ଚିଥାଏ। ୨୦୧୯ ମସିହା ସେପ୍ଟେମ୍ବର ୧୧ ତାରିଖରେ 'କୋରାପୁଟ କଫି' ବ୍ରାଣ୍ଡର ଶୁଭାରମ୍ଭ ହୋଇଥିବାବେଳେ ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ କଫି ପାଇଁ ଏକ ସୁବ୍ୟବସ୍ଥିତ ବଜାର ସୃଷ୍ଟି କରିବା ସହ ଆର୍ଥିକ ଲାଭର ଏକ ବଡ଼ ଅଂଶ ଚାଷୀଙ୍କ ପାଖରେ ପହଞ୍ଚିପାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଉକ୍ତ ଲକ୍ଷ୍ୟ ଏବେ ବାସ୍ତବ ରୂପ ନେଉଛି। ନଗଦ କାରବାର ବଦଳରେ ସିଧାସଳଖ ଡିଜିଟାଲ୍ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଆଦିବାସୀ କଫି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧.୦୭ କୋଟି ଟଙ୍କା ଟିଡିସିସିଓଏଲ ଦ୍ୱାରା



### 'ଟାଇଗର ବ୍ରାଇଟ୍' ଜରିଆରେ ବିଶ୍ୱ ଦରବାରରେ ଓଡ଼ିଶା କଫି

ପ୍ରଦାନ କରାଯାଇଛି। ଏହି ପ୍ରିମିୟମ ଆରବିକା ବ୍ଲେଣ୍ଡରେ ଅରେଞ୍ଜ, ଲେମନ୍ ଏବଂ ସ୍ୱିଟ୍ ଲାଇମ୍ ଫ୍ଲେଭର ସହ କାରାମେଲ, ଚୋକୋଲେଟ୍ ଏବଂ କୋକୋଆ ସ୍ୱାଦ ରହିଛି। କୋରାପୁଟ କଫି ଦୁଇ ଥର 'ଫାଇନ୍ କପ୍ ଆୱାର୍ଡ' ଜିତିବା ସହ କଫି ବୋର୍ଡର 'ଫ୍ଲେଭର ଅଫ୍ ଇଣ୍ଡିଆ ଫାଇନ୍ କପ୍ ୨୦୨୪' ରେ ଚତୁର୍ଥ ସ୍ଥାନ ହାସଲ କରିଛି। କୋରାପୁଟର ମାଟିରେ ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଏହି କଫି ଏବେ ଓଡ଼ିଶାର ସୀମା ଅତିକ୍ରମ କରି ଭାରତର ବିବିଧତା ଓ ସ୍ଥାନୀୟ ଉଦ୍ୟମର ଏକ ସୁଗନ୍ଧିତ ପ୍ରତୀକ ଭାବେ ବିଶ୍ୱ ମଞ୍ଚରେ ନିଜର ଉପସ୍ଥିତି ଦେଇଛି।

# ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ଲାଗି କଟକ ପାନ୍ଥର୍ସ ପ୍ରସ୍ତୁତ

କଟକ,୧୨।୯ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଚଳିତ ସେପ୍ଟେମ୍ବର ୨୦ରୁ ୨୯ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡ଼ିୟମରେ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ଖେଳାଯିବ। ଏଥିପାଇଁ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଭାରତ ମସଲା ଭିତ୍ତିକ ଫ୍ରାଞ୍ଚାଇଜ୍ କଟକ ପାନ୍ଥର୍ସ ପକ୍ଷରୁ ଶନିବାର ନରାଜସ୍ଥିତ କମ୍ପାନୀ ପରିସରରେ ଖେଳାଳିଙ୍କୁ ସ୍ୱାଗତ କରାଯାଇଥିଲା। ଦଳର ଅଧିନାୟକ ବିପ୍ଲବ ସାମନ୍ତରାୟ, ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକଙ୍କ ସମେତ ଭାରତ ମସଲା ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା, ଦିଗନ୍ତ ପଣ୍ଡା, ଆଶୁତୋଷ ପଣ୍ଡା, ଏସ୍ ଏନ୍ ମିଲେନିୟମ, ମୁଖ୍ୟ ପରିଚାଳକ ବିପିନ ରାଉତ, ମୁଖ୍ୟ ପରିଚାଳକ (ଅପରେସନ) ଅରୁଣ ନାୟକ, ମୁଖ୍ୟ ପରିଚାଳକ (ପ୍ରଡକ୍ସନ) ନବକୃଷ୍ଣ ପ୍ରଧାନ ପ୍ରମୁଖଙ୍କ ସମେତ କମ୍ପାନୀର ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।




ଦଳର ପ୍ରତ୍ୟେକ ଖେଳାଳି ଉତ୍ସାହିତ ଅଛନ୍ତି। ଗତବର୍ଷର ଅଭିଜ୍ଞତା ଓ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକଙ୍କ ପ୍ରଶିକ୍ଷଣରେ ଦଳ ଭଲ ପ୍ରଦର୍ଶନ ନେଇ ଦୃଢ ଆଶାବାଦୀ ରହିଛି। ଭାରତ ମସଲା କମ୍ପାନୀ କ୍ରୀଡ଼ାକୁ ଯେଉଁଭଳି ଖେଳାଳିଙ୍କୁ ପ୍ରୋତ୍ସାହିତ କରୁଛି ତାହା ରାଜ୍ୟର କ୍ରୀଡ଼ାବିତଙ୍କ ପାଇଁ ବହୁତ ଭଲ ଖବର। କ୍ରିକେଟରେ ପ୍ରଥମ ଥର ପାଇଁ ଭାରତ ମସଲା ସାମିଲ ହୋଇଛି। ଯାହାଦ୍ୱାରା ରାଜ୍ୟର କ୍ରିକେଟ ଆଗକୁ ବଢିବାରେ ସହାୟକ ହେବା ସହ ଯୁବ ଖେଳାଳିମାନେ ପ୍ରୋତ୍ସାହିତ ହୋଇପାରିବେ ବୋଲି ବିପ୍ଲବ କହିଛନ୍ତି। ଏହି ପ୍ରତିଯୋଗିତାରେ ଯୁବ ଖେଳାଳିମାନେ ଦକ୍ଷତା ପ୍ରଦର୍ଶନ ସହ ଆଇପିଏଲରେ ଖେଳିବାର ସୁଯୋଗ ପାଇପାରିବେ। ଭାରତ ମସଲା ଉକ୍ତ କ୍ରିକେଟ ଲିଗ୍‌ରେ ସାମିଲ ହେବା ରାଜ୍ୟ କ୍ରିକେଟ ପାଇଁ ଶୁଭଙ୍କର। କଟକ ପାନ୍ଥର୍ସରେ ଯୁବ ଓ ଅଭିଜ୍ଞ ଖେଳାଳି ରହିଛନ୍ତି। ଲିଗ୍‌ରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ବୋଲି ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ କହିଛନ୍ତି।

କ୍ରିକେଟକୁ ପ୍ରୋତ୍ସାହିତ କରିବା ଓ ଯୁବ ପ୍ରତିଭାଙ୍କୁ ଆଗକୁ ଆଣିବା ଲାଗି ମସଲା କମ୍ପାନୀ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିରେ ସାମିଲ ହୋଇଛି। ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ପଡ଼ିଆରେ ପୂର୍ଣ୍ଣ ଆତ୍ମବିଶ୍ୱାସ ସହକାରେ ବିଜେତାଙ୍କ ଭଳି ଖେଳିବାକୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ଭାରତ ମସଲା କମ୍ପାନୀ କ୍ଷେତ୍ରରେ ଯେଉଁଭଳି ସୁନାମ ଅର୍ଜନ କରିଛି କ୍ରୀଡ଼ାରେ ମଧ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବାରେ ପଛାଇ ନାହିଁ। ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିରେ କଟକ ପାନ୍ଥର୍ସ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଚେୟାରମ୍ୟାନ ସୁରେନ୍ଦ୍ରନାଥ ପଣ୍ଡା କହିଥିଲେ।

**କଟକ ପାନ୍ଥର୍ସ ଦଳ:** ବିପ୍ଲବ ସାମନ୍ତରାୟ(ଅଧିନାୟକ), ଡି ଆୟୁଷ, ଗୌତମ ଗୋପାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ଶିବୁନ ନନ୍ଦ, ଅଭିରୂପ ଦାସ, ସାର୍ଥକ ପ୍ରକାଶ, ଶୁଭାଶିଷ ମଲ୍ଲିକ, ରାଜ୍ ଯାଦବ, ପ୍ରିୟାଂଶୁ ମହାନ୍ତି, ପୀୟୁଷ ମନ୍ତ୍ରୀ, ଅଭିଷେକ ସିଂହ, ପ୍ରଶାନ୍ତ ରାଣା, କାର୍ତ୍ତିକ ବିଶ୍ୱାଳ, ସୌରଭ ଗୌଡ଼, ଶୁଭମ ଶତ୍ରୁଜିତ। ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ।

## ଅବଶିଷ୍ଟାଂଶ...

### ୫୯ଟି ପ୍ଲାଣ୍ଟରେ...

ମେଗାୱାଟ୍ ୟୁନିଟ୍ ନମ୍ବର-୧ ବନ୍ଦ ହୋଇଯାଇଛି, ଯାହା ବିଦ୍ୟୁତ୍ ସଙ୍କଟକୁ ଆହୁରି ବଢ଼ାଇଦେଇଛି। ରୋପର ଥର୍ମାଲ୍ ପାୱାର ଷ୍ଟେସନର ୨୧୦ ମେଗାୱାଟ୍ ୟୁନିଟ୍ ନମ୍ବର ୬ ଏବଂ ତାଲୱାଣ୍ଡି ସାବୋ ଥର୍ମାଲ୍ ପାୱାର ଷ୍ଟେସନର ୬୬୦ ମେଗାୱାଟ୍ ୟୁନିଟ୍ ନମ୍ବର ୨ ପୂର୍ବରୁ ବନ୍ଦ ହୋଇସାରିଛି। ଅପରପକ୍ଷେ ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରଣଜିତ ସାଗର ପାୱାର ପ୍ଲାଣ୍ଟର ୩୦୦ ମେଗାୱାଟ୍ ୟୁନିଟ୍ ନମ୍ବର ୩ ଏବଂ ୪ ଏବଂ ୟୁବିଆଇଡିସିର ତିନୋଟି ୟୁନିଟ୍ ଅଚଳ ହୋଇପଡ଼ିଛି।

### ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟରେ...

ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ସେଠାରେ ଥିବା କାର୍ଯ୍ୟାଳୟର ଝରକା କବାଟ କାଚ ଭାଙ୍ଗି ଚୁରମାର୍ ହୋଇଯାଇଥିଲା। ସେଠାରେ ନିୟୋଜିତ ଜେସିବି ଚାଳକ ଚାମ୍ବର କାଚ ବି ଭାଙ୍ଗି ଯାଇଥିଲା। ଭଙ୍ଗା କାଚ ଖଣ୍ଡ ଆଘାତରେ କାର୍ଯ୍ୟରତ ଜେସିବି ଚାଳକ ଗୁରୁତର ଆହତ ହୋଇଥିଲେ। ଏହାଛଡା ସେଠାରେ କାର୍ଯ୍ୟରତ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ କାଚ ଖଣ୍ଡ ଆଘାତ ଏବଂ ଗରମ ପାଣି ପଡ଼ିବାରୁ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି।

ଦୁର୍ଘଟଣା ପରେ ଘଟଣା ଯେପରି ପ୍ରଘଟ ନ ହେବ ସେଥିପାଇଁ କାରଖାନା ପକ୍ଷରୁ ଆପ୍ରାଣ ଉଦ୍ୟମ ଚାଲିଛି। ଏପରିକି କାରଖାନାର ମୁଖ୍ୟ ଫାଟକକୁ ବନ୍ଦ କରି ଦିଆଯାଇଥିଲା। କାରଖାନା ଭିତରକୁ କୌଣସି ଲୋକଙ୍କ ପ୍ରବେଶ ଏବଂ କାରଖାନା ଭିତରୁ କୌଣସି କର୍ମଚାରୀଙ୍କ ବାହାରକୁ ଯିବା ଉପରେ କଟକଣା ଲଗାଯାଇଥିଲା। ତେବେ ଖବର ପାଇ କୋଇଡ଼ା ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦୁର୍ଘଟଣାରେ କେହି ବେଶୀ କିଛି ଆହତ ହୋଇନଥିବାରୁ ଏ ନେଇ କୌଣସି ମାମଲା ରୁଜୁ ହୋଇନି ବୋଲି ସେ କହିଛନ୍ତି। ସେପଟେ ରାଉରକେଲାସ୍ଥିତ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଇ. ବିଭୁ ପ୍ରସାଦ କହିଛନ୍ତି, ଏସ୍ଏମ୍ଏସ୍-୨ ଇଣ୍ଡକ୍ସନ ଫର୍ଣ୍ଣେସରେ ଟିଲଟିଂ ଫର୍ଣ୍ଣେସ୍ ଭିତରେ ରହି ଯାଇଥିବା କିଛି ପରିମାଣର ଏଣ୍ଟ୍ରାପ୍ଡ ଗ୍ୟାସ୍ ଫର୍ଣ୍ଣେସ୍ ବାହାରକୁ ବାହାରି ଆସିଥିଲା। ଫଳରେ ଆଖପାଖ ଅଞ୍ଚଳ ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଇଥିଲା। ତେବେ ଏହି ଦୁର୍ଘଟଣାରେ କେହି ଆହତ ହୋଇନଥିବା କାରଖାନା ପକ୍ଷରୁ ସୂଚନା ଦିଆଯାଇଛି ବୋଲି ସେ କହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ହେବ ବୋଲି ସେ କହିଛନ୍ତି। ତେବେ ପୁଲିସ ଓ ତାଙ୍କ ସୂଚନାରେ କୌଣସି ତାଳମେଳ ରହୁ ନ ଥିବାରୁ ଘଟଣାଟି ଅତ୍ୟନ୍ତ ସନ୍ଦେହଜନକ ମନେ ହେଉଛି। ଆଜି ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟର ଏସ୍ଏସ୍ଏସ୍-୨ରେ ଦୁର୍ଘଟଣା ତ ଘଟିଛି ଏଥିରେ କୌଣସି ଦ୍ୱିମତ ନାହିଁ; କିନ୍ତୁ ଦୁର୍ଘଟଣାର ତୀବ୍ରତା କେତେ ଥିଲା, ଦୁର୍ଘଟଣାରେ କେତେ ଜଣ ଗୁରୁତର ହୋଇଛନ୍ତି, ସେମାନଙ୍କୁ କେଉଁଠି ଚିକିତ୍ସା କରାଯାଉଛି, ଏହି ଦୁର୍ଘଟଣା ପାଇଁ କିଏ ଦାୟୀ, ସେଠାରେ ସୁରକ୍ଷା ବ୍ୟବସ୍ଥା କିପରି ଥିଲା ଏ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। ଦୁର୍ଘଟଣାକୁ ଚପାଇଦେବାକୁ ଉଦ୍ୟମ ଚାଲିଛି କି? ସେ ନେଇ ନାନା ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଥିବାରୁ ସମସ୍ତ ଘଟଣା ଉପରୁ ପରଦା ଉଠିବା ନେଇ ଆଶଙ୍କା ରହିଛି। ଏତେବଡ଼ ଦୁର୍ଘଟଣା ସତ୍ତ୍ୱେ କୋଇଡ଼ାର କୌଣସି ଶ୍ରମିକ ସଂଗଠନ ନେତା ମୁହଁ ନ ଖୋଲିବା କି ବିଧାୟକ କୌଣସି ବିବୃତି ନ ଦେବା ମଧ ସମସ୍ତଙ୍କୁ ବିସ୍ମିତ କରିଛି।

### ମାଲକାନଗିରିରେ ବନ୍ୟା...

ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ଚିତ୍ରକୋଣ୍ଡାରେ ସର୍ବାଧିକ ୧୯୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ୧୪୨.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଖଇରିପୁଟରେ ୧୪୨ ମିମି, କୋରକୁଣ୍ଡାରେ ୧୩୪ ମିମି, କାଲିମେଳା ଓ ମାଥିଲିରେ ୮୫ ମିମି ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଓ ନାଳାର ଜଳସ୍ତର ବଢ଼ିବାରୁ ଅନେକ ସେତୁ ଉପରେ ପାଣି ପ୍ରବାହିତ ହେଉଛି। ମାଥିଲି ବ୍ଲକ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ପାଙ୍ଗାମ ବ୍ରିଜ୍ ଉପରେ ବନ୍ୟାପାଣି ପ୍ରବାହିତ ହେବାରୁ ମାଲକାନଗିରି-ଜୟପୁର ଯୋଗାଯୋଗ ଠପ ହୋଇପଡ଼ିଛି। ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ବହୁ ଯାତ୍ରୀବାହୀ ବସ୍, ଟ୍ରକ୍, ଚାରିଚକିଆ ଯାନ ଓ ବାଇକ୍ ଅଟକି ରହିଛି। ସେହିପରି ମେଙ୍କା ପଞ୍ଚାୟତର ତାଳଗୁଡ଼ା ସମେତ ଆଖପାଖ ଅଞ୍ଚଳରେ ପାହାଡ଼ିଆ ବନ୍ୟାପାଣି ପ୍ରବାହିତ ହେଉଛି। ସାଲିମି-ଟେମ୍ପୁରୁପାଲ୍ଲୀ ପଞ୍ଚାୟତ ରାସ୍ତାର ଏକ ବ୍ରିଜ୍ ଉପରେ ପାଣି ଚାଲିବାରୁ ଟେମ୍ପୁରୁପାଲ୍ଲୀ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପଞ୍ଚାୟତର ଅନେକ ଗାଁ ଜଳମଗ୍ନ ହେବା ସହ ଚାଷଜମିରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ପଟେରୁ ସେତୁ ଉପରେ ପ୍ରାୟ ୩ ଫୁଟ୍ ପାଣି ଚାଲୁଥିବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ପ୍ରଶାସନକୁ ହାଇଆଲର୍ଟରେ ରଖାଯାଇଥିବା ବେଳେ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ଜଣାପଡ଼ିଛି।

**AFFIDAVIT**
I, DIGAMBARA PANDA aged about 67 years, S/o- Bhaskar Panda, VIM-123, Sailashree Vihar, Sailashree Vihar Bhubaneswar, PS - Chandrasekharpur, 751021, ODISHA, declared by this Affidavit No. 999/2026 Dated.11.09.2026, hat now onwards I shall Be Known As **DIGAMBAR PANDA** for all future Purposes.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no -1194, dated 08.09.2026, I, ABHIMANYU BHATRA, S/o - Manabadha Bhatra, permanent resident of Village - Jabaguda, PO - Jabaguda, PS - Dabugan, Dist - Nabarangpur, Odisha, Pin - 764072, declare that I have changed my name from ABI BHATRA to ABHIMANYU BHATRA. Henceforth, I shall be known as **ABHIMANYU BHATRA** for all purposes.
Sd/-Abhimanyu Bhatra

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no -1174, dated 01-09-2026, I, GADADHAR AMANATYA, S/o - Jogo Amanatya, permanent resident of Village - Maliguda, PO - Sindhigan, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from SABETRE AMANATYA to SABITRI AMANATYA. Henceforth, she shall be known as **SABITRI AMANATYA** for all purposes.
Sd/- Gadadhar Amanatya

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no -1171, dated 01-09-2026, I, HIRENDRA BISOYI, S/o - Shyamsundra Bisoyi, permanent resident of Village - Dabugam, PO - Dabugam, PS - Dabugam, Dist - Nabarangpur, Odisha, Pin - 764072, declare that I have changed the name of my Son from TARANU KUMAR BISOYI to TARUN KUMAR BISOYI. Henceforth, he shall be known as **TARUN KUMAR BISOYI** for all purposes.
Sd/- Hirendra Bisoyi

**AFFIDAVIT**
By virtue of an affidavit sworn before the Executive Magistrate, Kodinga, Vide no - 2853/26, dated 07-09-2026, I, ISWAR BHATRA, S/o - Sudu Bhatra, permanent resident of Village - Bankuli, PO - Bankuli, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Son from DIPA BHATRA to DAMBARU BHATRA. Henceforth, he shall be known as **DAMBARU BHATRA** for all purposes.
Sd/- Iswar Bhatra

**AFFIDAVIT**
I, DIGAMBER PANDA aged about 67 years, S/o-Bhaskar Panda,VIM-123, Sailashree Vihar , Sailashree Vihar Bhubaneswar, PS - Chandrasekharpur-751021, ODISHA, declared by this Affidavit No.998/2026 Dated.11.09.2026, hat now onwards I shall Be Known As **DIGAMBAR PANDA** for all future Purposes.

**AFFIDAVIT**
By virtue of an affidavit (Sl No. 6116, dtd- 11.09.2026) sworn before The Executive Magistrate, Cuttack. I, **Santosh Kumar Sahoo,** S/o Gobinda Chandra Sahoo, resident of Kalindrabad, PO- Khairabad, PS- Jajpur Sadar, Dist- Jajpur, PIN-755007, Odisha declare that I have changed my minor son's name from **Prabhuprasad Sahoo** to **Anshuuman Sahoo.** Henceforth, he shall be known as **Anshuuman Sahoo** (new name) for all purposes.
**Santosh Kumar Sahoo**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no-1172, dated 01.09.2026, I, JESTHA BHATRA, S/o - Nilambar Bhatra, permanent resident of Village - Maliguda, PO - Sindhigan, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from JYASHTH BHATRA to JESTHA BHATRA. Henceforth, I shall be known as **JESTHA BHATRA** for all purposes.
Sd/-Jestha Bhatra

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no -1173, dated 01-09-2026, I, JYASHTH BHATRA, S/o - Nilambar Bhatra, permanent resident of Village - Maliguda, PO - Sindhigan, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Son from DUPRAJ BHATRA to JUBARAJ BHATRA. Henceforth, he shall be known as **JUBARAJ BHATRA** for all purposes.
Sd/- Jyashth Bhatra

**ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ**
**ଇ-ଟେଣ୍ଡର ବିଜ୍ଞପ୍ତି**
W/623/5/1/NIT, ତାରିଖ: ୧୧.୦୯.୨୦୨୬। ଡିଭିଜନାଲ୍ ରେଲୱେ ମ୍ୟାନେଜର (W A ), ରତଲାମଙ୍କ ପକ୍ଷରୁ www.ireps.gov.in ୱେବସାଇଟ୍‌ରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରାଯାଉଛି। ବିବରଣୀ ନିମ୍ନରୂପ:- ଇ-ଟେଣ୍ଡର ନଂ.: RTM-2026-27-98, କାର୍ଯ୍ୟର ନାମ: ରତଲାମ ଡିଭିଜନ୍‌ରେ ହରିଫାଟକ, ଉଜ୍ଜୟିନୀ ଠାରେ SPBGUJN ମଧ୍ୟରେ କି.ମି. ୫୩/୨୩-୨୫ ଠାରେ ସବୱେ (RUB) (RCC ବକ୍ସ ୦୨ଟି) ବ୍ୟବସ୍ଥା କରିବା। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.୧୫,୧୮,୬୫,୧୮୪.୫୮/- ଜମା କରିବାକୁ ଥିବା ବୟନା ରାଶି: ଟ.୩୦,୩୭,୩୦୦.୦୦/-, କାର୍ଯ୍ୟସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୧/୦୯/୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୬/୧୦/୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।
SNP-253
Like us on: facebook.com/WesternRly

**AFFIDAVIT**
I, Himadri Tanaya Mohapatra, aged about 45 years, W/o- Chinmaya Sahoo, resident of At-Tangi, Po- Kotasahi, Ps-Tangi, Dist- Cuttack, Odisha, PIN- 754022, do hereby declare by this affidavit No. 1887, dtd-11/09/2026, that now onwards I shall be known as **HIMADRI TANAYA SAHOO** for all future purposes.

**AFFIDAVIT**
By virtue of an affidavit (Sl No. 6115, dtd- 11.09.2026) sworn before The Executive Magistrate, Cuttack. I, **Santosh Kumar Sahoo,** S/o Gobinda Chandra Sahoo, resident of Kalindrabad, PO- Khairabad, PS- Jajpur Sadar, Dist- Jajpur, PIN-755007, Odisha declare that I have changed my minor son's name from **Prabhupada Sahoo** to **Ayushmaan Sahoo.** Henceforth, he shall be known as **Ayushmaan Sahoo** (new name) for all purposes.
**Santosh Kumar Sahoo**

Housing & Urban Development Department, Govt. of Odisha
**OFFICE OF THE PARADEEP MUNICIPALITY, PARADEEP**
At/ Po.- Paradeep, Dist.- Jagatsinghpur (Odisha), Pin-754142
13001/1848/2627
**E-PROCUREMENT NOTICE**

| | |
|---|---|
| Tender Call Notice No. | : 4822/11.09.2026 |
| Bid Identification No. | : EO/PDPM/W_08/2026-27 |
| Tender ID | : 2026_ORULB_140912 |
| Nature of Works | : Civil Works |
| Number of Works | : 01 |
| Tender Value | : ₹ 26.32 Lakh |
| Available Period | : dt. 14.09.2026 from 05:30 PM to dt. 24.09.2026 05:30 PM |
| Tender Opening Date | : dt. 25.09.2026 at 11:30 AM |

Bidders are requested to read the NIT & DTCN at www.tendersodisha.gov.in carefully and participate with their civil license with valid Registration Certificate before the closing date.
Executive Officer
Paradeep Municipality
OIPR-13001/13120/1/26-27/0016

### ଗୋଚର ଜମି ଉଚ୍ଛେଦ ପାଇଁ ଗୁହାରି ଶୁଣିଲାନି ପ୍ରଶାସନ

# ତାତିଲେ ଜନତା, ଭାଙ୍ଗିଲେ ତାରବାଡ଼

ଗଁଦିଆ,୧୨।୯ (ସମିସ)



ଢେଙ୍କାନାଳ ଜିଲ୍ଲା ଗଁଦିଆ ତହସିଲ ପିଙ୍ଗୁଆ ରାଜସ୍ୱ ସର୍କଲ ଅଧୀନ ଦଶମାଳପାଟଣା ପଞ୍ଚାୟତ କରନ୍ଦା ଗ୍ରାମବାସୀ ଗୋଚର ଜମିରେ ଚାରାରୋପଣକୁ ବିରୋଧ କରିଛନ୍ତି। ଏନେଇ ସେମାନେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଉପଜିଲ୍ଲାପାଳ ପଦ୍ମନାଭ ସାହୁଙ୍କ ସମେତ ଗଁଦିଆ ତହସିଲଦାରଙ୍କୁ ଲିଖିତ ଭାବେ ଗୁହାରି କରିଥିଲେ। ତେବେ ପ୍ରଶାସନ ନ ଶୁଣିବାରୁ ଗ୍ରାମବାସୀ ତାତିଛନ୍ତି। ଏଥିସହ ଉକ୍ତ ଜମିରେ ଘେରାଯାଇଥିବା ବାଡ଼କୁ ସେମାନେ ଭାଙ୍ଗିଦେଇଛନ୍ତି।

କରନ୍ଦା ଖାତା ନମ୍ବର ୬୮୮ ପ୍ଲଟ ନଂ-୨୬୨୯ ଗୋଚର, ପ୍ଲଟ ନଂ-୨୪୧୯ ଗ୍ରାମ୍ୟ ଜଙ୍ଗଲ, ୧୬ ଏକର ଥିବା ସତ୍ତ୍ୱେ କେହି ଦୁର୍ବୃତ୍ତ ତାକୁ ବେଆଇନ ଭାବେ ଗୋଚର ଏବଂ ଗ୍ରାମ୍ୟ ଜଙ୍ଗଲ ଜମିରେ ଥିବା ଗଛଗୁଡ଼ିକୁ ଜେସିବି ମାଧ୍ୟମରେ ଉପାଡ଼ି ନୂତନ ଚାରାରୋପଣ କରି ଚାରିପାଖରେ ତାର ବାଡ଼ ଦେଇଛନ୍ତି। ପଞ୍ଚାୟତ କିମ୍ବା ଗ୍ରାମ କମିଟିର ବିନା ପରାମର୍ଶରେ ଏହି କାର୍ଯ୍ୟ ଚାଲୁ ରହିଛି। ତେବେ ଗୋଚର ଏବଂ ଗ୍ରାମ୍ୟ ଜଙ୍ଗଲ ଜମିକୁ ତୁରନ୍ତ ଘେରଣ ହଟାଇବାକୁ ଗ୍ରାମବାସୀ ଦାବି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀ ଆଇନକୁ ହାତକୁ ନେଇ ତାରବାଡ଼ ଓ ଖୁଣ୍ଟି ଓପାଡ଼ିଛନ୍ତି। ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।

ଟୋଲରପଶି ଗ୍ରାମ କମିଟି ଏହି ଗଛ ଲଗାଇବାକୁ ଯୋଜନା କରିଥିଲେ। ସମସ୍ତ ଟଙ୍କା ଖର୍ଚ୍ଚ କରି ଗଛ ଲଗାଇଲେ। ତାରବାଡ଼ ଦେଲେ, ଜଗୁଆଳି ରଖିଲେ। ହେଲେ କରନ୍ଦା ଗ୍ରାମବାସୀଙ୍କୁ କୌଣସି ପ୍ରକାର ପଚାରିଲେ ନାହିଁ। ତେଣୁ କରନ୍ଦା ଗ୍ରାମବାସୀ ପ୍ରଥମେ ପ୍ରଶାସନକୁ ୧୫ ଦିନ ପୂର୍ବରୁ ଲିଖିତ ଅଭିଯୋଗ କରିଥିଲେ। କେହି ନ ଶୁଣିବାରୁ ନିଜେ ଆଇନକୁ ହାତକୁ ନେଇଛନ୍ତି। ଟୋଲରପଶି ଗ୍ରାମ ମୁରବୀ ପ୍ରଶାନ୍ତ ନାୟକ କୁହନ୍ତି, ଗଛ ଲଗାଇବା ଅପରାଧ ନୁହେଁ। ଏଥି ପାଇଁ ଅନୁମତିର ଆବଶ୍ୟକତା ପଡ଼େନି।

ଆମ ଗ୍ରାମ ତରଫରୁ କରନ୍ଦା ଗ୍ରାମକୁ ନ ଜଣାଇବା ଭୁଲ ହୋଇଛି ବୋଲି ସେ କହିଛନ୍ତି। ଗୋଚର ଜମିରେ ଗଛ ଲଗାନ୍ତୁ କିନ୍ତୁ ଉଭୟ ଗ୍ରାମବାସୀଙ୍କ ସହମତିରେ ହେଉ। ଗ୍ରାମବାସୀ କିଛି କ୍ଷତି କରିନାହାନ୍ତି। ପ୍ରଶାସନ କିଛି ନ ବୁଝିବାରୁ ଆଜି ଏ ପରିସ୍ଥିତି ସୃଷ୍ଟି ହେଲା ବୋଲି କୁହନ୍ତି ଦଶମାଳପାଟଣାର ଯୁବନେତା ବୁଦ୍ଧ ନାୟକ। ଆମେ ଆଦିବାସୀ। ଜଙ୍ଗଲ ଆମର ମାଆ। ଏଠାରୁ ଜାଳ ସଂଗ୍ରହ କରିବା ଆମ କାମ। ଆମକୁ ଆମ ଅଧିକାରରୁ ବଞ୍ଚିତ କରା ନ ଯାଉ। ଜଙ୍ଗଲ କମିଟି ଗଠନ ହେଉ, ଉଭୟ ଗ୍ରାମବାସୀ ବୁଝନ୍ତୁ ବୋଲି କୁହନ୍ତି ଆଦିବାସୀ ନେତା ଅଧୀର ବେହେରା। ଘଟଣା ବିଷୟରେ ଅବଗତ ଅଛୁ। ପରିଦର୍ଶନ କରି ଦେଖିବୁ। ବାଡ଼ ଭଙ୍ଗାଯାଇଛି। ଉଭୟ ଗ୍ରାମବାସୀଙ୍କୁ ନେଇ ସମାଧାନର ବାଟ ବାହାର କରିବାକୁ ଉଦ୍ୟମ କରାଯିବ ବୋଲି ତହସିଲଦାର ସତ୍ୟଜିତ ମହାପାତ୍ର କହିଛନ୍ତି।

## କାମାକ୍ଷାନଗରରେ ରାଷ୍ଟ୍ରୀୟ ଲୋକଅଦାଲତ

କାମାକ୍ଷାନଗର,୧୨।୯(ସମିସ): କାମାକ୍ଷାନଗର କୋର୍ଟ ପରିସରରେ ତାଲୁକ ଆଇନସେବା କମିଟି ତରଫରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ମାଳବିକା ଭୂୟାଁ, ସବ୍ ଜଜ୍ ମାମି ବେହେରା, ଏସଡିଜେଏମ ନିଲୋପର ପ୍ରମୁଖ ବିଭିନ୍ନ ମାମଲାର ଶୁଣାଣି କରିଥିଲେ। ଲୋକ ଅଦାଲତରେ ଚାରିଟି ଦୁର୍ଘଟଣା ଜନିତ ମାମଲା, ତିନିଟି ସିଭିଲ ସୁଟ ମାମଲା ଏବଂ ଅନ୍ୟ ଚାରିଟି ମାମଲାର ଶୁଣାଣି କରାଯାଇ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ

ହିନ୍ଦୋଳ,୧୨।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଶସକ୍ତୀକରଣ ସେଲ ପକ୍ଷରୁ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ପ୍ରଶିକ୍ଷକ ଭାବେ ସୁପ୍ରିୟା ସେଠୀ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ ବ୍ୟବହାରିକ କୌଶଳ ଶିଖାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଦେବୀପ୍ରସାଦ ସାହୁଙ୍କ ସଭାପତିତ୍ୱରେ ସଂଯୋଜିକା ଅଧ୍ୟାପିକା ଦିଲେଶ୍ୱରୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ସୁନନ୍ଦ ବାଗ, ପଦାର୍ଥବିଜ୍ଞାନ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ବେହେରା ଉପସ୍ଥିତ ଥିଲେ।

## ନୂଆ ବସଷ୍ଟାଣ୍ଡର ଅପରିଷ୍କାର ପାଣି ନିଷ୍କାସନ ବ୍ୟବସ୍ଥା ଦାବି

ପରଜଙ୍ଗ,୧୨।୯(ସମିସ): ପରଜଙ୍ଗ ବଜାର ନିକଟ ନୂଆ ବସଷ୍ଟାଣ୍ଡରୁ ନିର୍ଗତ ଅପରିଷ୍କାର ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବାକୁ ରାଜ୍ୟ ସଡ଼କ ପରିବହନ ନିଗମ ନିକଟରେ ଦାବି କରିଛି ପରଜଙ୍ଗ ଗ୍ରାମ୍ୟ କମିଟି। ଉକ୍ତ ବସଷ୍ଟାଣ୍ଡର ଯେଉଁ ଅପରିଷ୍କାର ପାଣି ବାହାରୁଛି ତାହାର ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ବସଷ୍ଟାଣ୍ଡର ଆବର୍ଜନା ପାଣି ବଜାର ଦେଇ ଗାଁ ପୋଖରୀରେ ମିଶୁଛି। ଏଥିସହ ପାଣି ଦୂଷିତ ହେଉଛି। ଗ୍ରାମବାସୀ ଉକ୍ତ ପୋଖରୀର ପାଣି ବ୍ୟବହାର କରି ନାନା ରୋଗର ଶିକାର ହେଉଛନ୍ତି। ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ରାଜ୍ୟ ସଡ଼କ ପରିବହନ ନିଗମ ଜିଲ୍ଲା ମୁଖ୍ୟ ପ୍ରବନ୍ଧକଙ୍କ ନିକଟରେ ଦାବି କରାଯାଇଛି।

## ଆଜି ପ୍ରଭୁଙ୍କୁ ଲାଗିହେବ ନବାନ୍ନ



ଗଁଦିଆ,୧୨।୯(ସମିସ): ଯୋରନ୍ଦାସ୍ଥିତ ବିଶ୍ୱପ୍ରସିଦ୍ଧ ମହିମାଧର୍ମର ପବିତ୍ର ପୀଠ ମହିମାଗାଦିରେ ରବିବାର ନବାନ୍ନ ଉତ୍ସବ ଅନୁଷ୍ଠିତ ହେବ। ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଏହି ପର୍ବ ପାଳନ ହେଉଛି। ମହିମାଗାଦିରେ ନବାନ୍ନ ଉତ୍ସବ ପାଳନ କରିବା ଓ ନବାନ୍ନ ପ୍ରସାଦ ପାଇବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସାଧୁଭକ୍ତମାନେ ପହଞ୍ଚିବା ପରେ ମହିମାଗାଦି ଚଳଚଞ୍ଚଳ ହୋଇଉଠିଛି।

୧୯୪୬ରୁ ମହିମାଗାଦିରେ ନବାନ୍ନ ଉତ୍ସବ ପାଳିତ ହୋଇଆସୁଛି। ଆଠଗଡ଼ ଅଞ୍ଚଳର ମହିମା ଭକ୍ତ ଭୋଇ ପରିବାର ନୂଆଧାନରେ ତିଆରି ଚୁଡ଼ା ପ୍ରଭୁଙ୍କ ପ୍ରସାଦ ପାଇଁ ପ୍ରଦାନ କରିଆସୁଛନ୍ତି। ସେତେବେଳର ବରିଷ୍ଠ ସନ୍ନ୍ୟାସୀ ରାମଚନ୍ଦ୍ର ବାବା ଓ ଦୀନବନ୍ଧୁ ବାବା ନବାନ୍ନ ଉତ୍ସବ ଆରମ୍ଭ କରିଥିଲେ। ନବାନ୍ନ ଦିନ ପ୍ରାତଃରେ ସାଧୁମାନେ ଅହ୍ଲଣିଆ ମଣ୍ଡପରେ ନୂତନ ଧାନ ଶସ୍ୟରୁ ପ୍ରସ୍ତୁତ ଚୁଡ଼ାରେ ଗୁଡ଼, କଦଳୀ, ସେଓ, ନଡ଼ିଆ, ଅଙ୍ଗୁର ଆଦି ସୁସ୍ୱାଦୁ ଫଳ, ଛେନା, ବୁନ୍ଦିଆ, ଗୁଜୁରାତି, ଅଳେଇଚ, ଅଦା, ଲବଙ୍ଗ ମିଶାଯାଇ ୭ଟି ନୂଆ ମାଟି ହାଣ୍ଡିରେ ୭ ଜଣ ବରିଷ୍ଠ ବକ୍କଳଧାରୀ ସନ୍ନ୍ୟାସୀଙ୍କ ଉପସ୍ଥିତିରେ ଅଲେଖ ମହିମା ଡାକ ଦେଇ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବେ। ହଜାର ହଜାର ସାଧୁ, ଭକ୍ତଙ୍କ ଗହଳିରେ ସାଧୁସନ୍ଥମାନେ ମହିମାସ୍ୱାମୀଙ୍କୁ ପ୍ରାର୍ଥନା କରି ଜଗତବାସୀଙ୍କ ମଙ୍ଗଳ କାମନା କରିବେ।

## ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ୨୦ତମ ସଂସ୍କରଣ




ଢେଙ୍କାନାଳ,୧୨।୯ (ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ସହଯୋଗରେ ପିଏମ୍ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ୨୦ତମ ସଂସ୍କରଣ ଅନୁଷ୍ଠିତ ହୋଇଛି। ସ୍କୁଲ ପିଲାମାନଙ୍କ ମଧ୍ୟରେ ମହାକାଶ ବିଜ୍ଞାନକୁ ନେଇ ଆଗ୍ରହ ଓ ଅନ୍ୱେଷଣକୁ ନେଇ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏଥିରେ ୬ଷ୍ଠରୁ ଦଶମ ଶ୍ରେଣୀର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବହୁବିଧ ପସନ୍ଦର ପ୍ରଶ୍ନ ପରୀକ୍ଷା ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କ ପାଇଁ କୁଇଜ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନ ଉପରେ ସେମାନଙ୍କ ଜ୍ଞାନ ଅନ୍ୱେଷଣ ଓ ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀ ଓ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ରଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର, ବିଦ୍ୟାଳୟ ଆଲୁମିନି ଆସୋସିଏସନ୍ ସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ ମିଶ୍ର ସଦସ୍ୟ ଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ସଫଳତା



ଢେଙ୍କାନାଳ,୧୨।୯ (ସମିସ): ସଦର ବ୍ଲକ ଅନ୍ତର୍ଗତ ଉଦୟନାଥ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷର ଜିଲ୍ଲାସ୍ତରୀୟ କୁସ୍ତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ଜିଲ୍ଲାର ୩ ଟି ବ୍ଲକରୁ ଆସିଥିବା ସର୍ବମୋଟ୍ ୪୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର କୁସ୍ତି କୌଶଳ ପ୍ରଦର୍ଶନ କରିଥିଲେ। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ନରେଶ କୁମାର ମହାରଣା ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂତି ବିଶ୍ୱାଳ ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅତିଥିମାନେ ପ୍ରତିଯୋଗୀମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁଙ୍କ ନେତୃତ୍ୱରେ କ୍ରୀଡ଼ା ଶିକ୍ଷକ ଆର୍ଯ୍ୟରତ୍ନ ଦେବାୟନ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ■ ମହିଳା ବିଚାର ବିଭାଗ ଅଧିକାରୀଙ୍କୁ ମିଳିଲା ନ୍ୟାୟ

## ପୁନଃଅବସ୍ଥାପିତ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୨।୯(ସମିସ): ଅଟିଜିମ୍ ଆକ୍ରାନ୍ତ ପୁଅର ଉପଯୁକ୍ତ ଚିକିତ୍ସା ପାଇଁ ବାଧ୍ୟହୋଇ ଇସ୍ତଫା ଦେଇଥିବା ମହିଳା ବିଚାର ବିଭାଗ ଅଧିକାରୀ ଇସ୍ମିତା ମହାନ୍ତିଙ୍କୁ ପୁନଃ ସେବାରେ ଅବସ୍ଥାପିତ କରିବାକୁ ହାଇକୋର୍ଟ ରାୟ ଦେଇଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ଆଇନ ବିଭାଗ ଦ୍ୱାରା ଜାରି ଇସ୍ତଫା ସ୍ୱୀକୃତି ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏହି ଇସ୍ତଫା ସ୍ୱେଚ୍ଛାକୃତ ନଥିଲା, ବରଂ ନିଜ ଅସହାୟତା ଓ ପୁଅର ଚିକିତ୍ସା ପାଇଁ ବାଧ୍ୟବାଧକତାରେ ଦିଆଯାଇଥିଲା। ନିଯୁକ୍ତିଦାତା (ରାଜ୍ୟପାଳ/ସରକାର) ଦ୍ୱାରା ଇସ୍ତଫା ଆନୁଷ୍ଠାନିକ ଭାବେ ଗ୍ରହଣ କରାଯିବା ପୂର୍ବରୁ ଆବେଦନକାରୀ ତାହା ପ୍ରତ୍ୟାହାର କରିସାରିଥିବାରୁ ସରକାରୀ ବିଜ୍ଞପ୍ତିଟି ଆଇନଗତ ଭାବେ ଅସିଦ୍ଧ। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀଙ୍କ ୧୫ ବର୍ଷର ପୁଅ ୨୦୧୬ରୁ ଅଟିଜିମ୍ ଓ ସ୍ନାୟୁଗତ ସମସ୍ୟାରେ ଆକ୍ରାନ୍ତ ଥିବାବେଳେ ତାଙ୍କର ଦୀର୍ଘମିଆଦି ଥେରାପି ଓ ବିଶେଷଜ୍ଞ ଚିକିତ୍ସା ଆବଶ୍ୟକ ଥିଲା। ଭୁବନେଶ୍ୱରରେ ଚିକିତ୍ସା ସୁବିଧା ଥିବାରୁ ସେ ସେଠାରେ ରହିବାକୁ ଆବେଦନ କରିଥିଲେ ବି ତାଙ୍କୁ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳର ଅତିରିକ୍ତ ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍) ଭାବେ ବଦଳି କରାଯାଇଥିଲା। ହିନ୍ଦୋଳ ଓ ଆଖପାଖ ଅଞ୍ଚଳରେ ଅଟିଜିମ୍ ପାଇଁ ଆବଶ୍ୟକ ଥେରାପିଷ୍ଟ ଓ ଚିକିତ୍ସା ସୁବିଧା ନଥିବାରୁ ପୁଅର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ପରିବାରରେ ସେ ଏକାକୀ ପୁଅର ଯତ୍ନ ନେଉଥିବାରୁ ଅତ୍ୟନ୍ତ ମାନସିକ ଚାପ ଓ ବାଧ୍ୟବାଧକତାରେ ସେ ୨୦୨୨ ନଭେମ୍ବର ୨୯ରେ ଇସ୍ତଫାପତ୍ର ଦେଇଥିଲେ। ତେବେ ଡାକ୍ତରଙ୍କ ପରାମର୍ଶ ଓ ପୁଅର ଭବିଷ୍ୟତ କଥା ଚିନ୍ତା କରି ଆବେଦନକାରୀ ୨୦୨୨ ଡିସେମ୍ବର ୨୧ରେ ନିଜ ଇସ୍ତଫାପତ୍ର ପ୍ରତ୍ୟାହାର ପାଇଁ ଆବେଦନ କରିଥିଲେ। ମାତ୍ର, ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ତଥ୍ୟ ଆଦାନପ୍ରଦାନରେ ବିଳମ୍ବ ହେତୁ, ତାଙ୍କ ଇସ୍ତଫା ପ୍ରତ୍ୟାହାର ଆବେଦନକୁ ବିଚାରକୁ ନିଆଯାଇପାରି ନଥିଲା ବେଳେ ୨୦୨୩ ଜାନୁଆରୀ ୨ରେ ସରକାର ତାଙ୍କ ଇସ୍ତଫା ସ୍ୱୀକାର କରି ବିଜ୍ଞପ୍ତି ଜାରି କରିଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାରେ ଆବେଦନକାରୀଙ୍କୁ ତୁରନ୍ତ ସେବାରେ ପୁନଃ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ନିଜେ ପୂର୍ବ ବକେୟା ବେତନ ଦାବି କରି ନଥିବାରୁ ତାହା ମିଳିବ ନାହିଁ; କିନ୍ତୁ ୨୦୨୩ ଜାନୁଆରୀ ୩ରୁ ତାଙ୍କର ଚାକିରିର ନିରନ୍ତରତା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସେବା ସୁବିଧା ବଜାୟ ରହିବ ବୋଲି କୁହାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ କୁମାର ଖୁଣ୍ଟିଆ ମାମଲା ପରିଚାଳନା କରୁଥିଲେ।

## ଜିଲ୍ଲାସ୍ତରୀୟ ଛାତ୍ର ବିଜ୍ଞାନ ସେମିନାର




ଢେଙ୍କାନାଳ,୧୨।୯ (ସମିସ): ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ, ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକକ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଛାତ୍ର ବିଜ୍ଞାନ ସେମିନାର ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ସେମିନାରର ବିଷୟବସ୍ତୁ ଥିଲା ଭାରତୀୟ ଶକ୍ତି ଭଣ୍ଡାର ୨୦୪୭: ସମ୍ଭାବନା ଓ ଆହ୍ୱାନ। ଜିଲ୍ଲା ବିଜ୍ଞାନ ଅଧିକାରୀ ଏମ୍ଏମ୍ ରାଉତ ଏବଂ ଜିଲ୍ଲା ବିଜ୍ଞାନ ସୁପରଭାଇଜର ବିଶ୍ୱଜିତ୍ ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୦୪୭ ସୁଦ୍ଧା ଭାରତର ଶକ୍ତି ସୁରକ୍ଷା, ଅକ୍ଷୟ ଶକ୍ତିର ବ୍ୟବହାର, ସ୍ଥାୟୀ ବିକାଶ ଏବଂ ବୈଜ୍ଞାନିକ ଚିନ୍ତାଧାରାର ଗୁରୁତ୍ୱ ସମ୍ପର୍କରେ ଏମ୍ଏମ୍ ରାଉତ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ୍ ସ୍ତରରେ ବିଜୟୀ ହୋଇଥିବା ୧୬ ପ୍ରତିଯୋଗୀ ଏହି ସେମିନାରରେ ଅଂଶଗ୍ରହଣ କରି ବିଷୟବସ୍ତୁ ଉପରେ ପିପିଟି ମାଧ୍ୟମରେ ନିଜ ଗବେଷଣାଧର୍ମୀ ଉପସ୍ଥାପନ କରିଥିଲେ। ବିଚାରକ ଭାବେ ଡ. ଦେବୀପ୍ରସାଦ ମିଶ୍ର, କୈଳାସ ଚନ୍ଦ୍ର ପୃଷ୍ଟି ଯୋଗଦେଇ ପ୍ରତିଯୋଗୀମାନଙ୍କ ମୂଲ୍ୟାଙ୍କନ କରିଥିଲେ। କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ଶ୍ରୀମାନ୍ ମିଶ୍ର ପ୍ରଥମ, ଅଙ୍କରାନ୍ତିପୁର ଓଏଭିର ଆରାଧ୍ୟା ନାୟକ ଦ୍ୱିତୀୟ ଏବଂ ବେଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଅନୁପ୍ରିୟା ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଗାଁଦାଣ୍ଡରେ ଦୂଷିତ ଜଳ ମାଡ଼ି ଲୋକଙ୍କ ସ୍ୱାସ୍ଥ୍ୟ ବିପନ୍ନ

ହିନ୍ଦୋଳ,୧୨।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଗାଲପଡ଼ା ପଞ୍ଚାୟତ ଭାନୁପଡ଼ା ସ୍କୁଲ ସାହି କଂକ୍ରିଟ ରାସ୍ତାରେ ମାଡୁଛି ଦୂଷିତ ବିଲ ମାଳର ଜଳ। ଏହି ରାସ୍ତାରେ ଗ୍ରାମବାସୀ ଯାତାୟାତ କରୁଥିବା ବେଳେ ପାଣି ଅନବରତ ମାଡୁଥିବାରୁ ରାସ୍ତାରେ ଶିଉଳି ପଡ଼ି ଦୁର୍ଘଟଣା ଘଟୁଛି। କାହାର ଗୋଡ଼ ହାତ ଭାଙ୍ଗିଲାଣି ତ କିଏ



କାଦୁଅ ପଚପଚ ରାସ୍ତାରେ ଯିବାଆସିବା କରି ଥଣ୍ଡା, ଜ୍ୱର, କାଶ, ମେଲେରିଆରେ ପୀଡ଼ିତ ହେଲାଣି। ଏହି ରାସ୍ତା ଦେଇ ପିଲାମାନେ ସ୍କୁଲକୁ ଯାଉଥିବା ବେଳେ ଗୋଡ଼ଖସି ଆହତ ମଧ୍ୟ ହେଉଥିବା ନଜିର ରହିଛି। ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାଷଜମି ରାସ୍ତାର ଦୁଇ ପାର୍ଶ୍ୱକୁ ଲାଗି ରହିଥିବା ବେଳେ ଗ୍ରାମବାସୀ ଯେତେ ମନାକଲେ ମଧ୍ୟ ବିଲରେ ଥିବା ଜଳକୁ ସର୍ବସାଧାରଣ ରାସ୍ତା ଉପରେ ଛାଡ଼ି ଦେଉଥିବା ଅଭିଯୋଗ ହୋଇଚି। ଏ ସଂକ୍ରାନ୍ତରେ ଗ୍ରାମବାସୀ ହିନ୍ଦୋଳ ପ୍ରଶାସନ ଓ ଗାଲପଡ଼ା ସରପଞ୍ଚଙ୍କୁ ଜଣାଇଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସାପ କାମୁଡ଼ାରେ ଛାତ୍ରୀ ମୃତ

ହିନ୍ଦୋଳ,୧୨।୯(ସମିସ): ସାପ କାମୁଡ଼ାରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ଭଗବାନପୁର ଗ୍ରାମର ମଦରଧର ସାହୁଙ୍କ ଝିଅ ଶ୍ରାବଣୀ। ଗୁରୁବାର ରାତିରେ ମଦର ପୁଅ ଓ ଜିଅଙ୍କ ସହ ଖାଇସାରି ଘରେ ଶୋଇଥିଲେ। ରାତି ପ୍ରାୟ ୨ଟାରେ ଶ୍ରାବଣୀଙ୍କ ପେଟରେ ଯନ୍ତ୍ରଣା ହେବା ସହ ବାନ୍ତି ହୋଇଥିଲା। ମଦର ତାଙ୍କୁ ସ୍ଥାନୀୟ ଜଣେ ଗୁଣିଆ ନିକଟକୁ



ଝାଡ଼ାଫୁଙ୍କା ପାଇଁ ନେଇଥିଲେ। ତେବେ ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ରାତିରେ ହିନ୍ଦୋଳ ଡାକ୍ତରଖାନା ନେଇଥିଲେ। ଶ୍ରାବଣୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତୁରନ୍ତ କଟକ ମେଡିକାଲ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କଟକ ନେବାକୁ ବନ୍ଦୋବସ୍ତ କରାଯାଉଥିବା ବେଳେ ଶ୍ରାବଣୀଙ୍କ ମୃତ୍ୟୁ ହୋଇଛି। ଶ୍ରାବଣୀଙ୍କୁ ସାପ କାମୁଡ଼ିଥିବା ଡାକ୍ତର କହିଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ



ଢେଙ୍କାନାଳ,୧୨।୯(ସମିସ): ଢେଙ୍କାନାଳ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ ଦିଗରେ ସବୁବେଳେ ଚେଷ୍ଟିତ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ମହାସଚିବ ରାଜକିଶୋର ସାମନ୍ତରାୟ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ବିଭିନ୍ନ ସୁବିଧାଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ଯୁଗ୍ମ ସଚିବ ପ୍ରକାଶ କୁମାର ମିଶ୍ର ଯୋଗଦେଇଥିଲେ। ବକ୍ତା ଭାବେ ଡା. ବିଧୁଭୂଷଣ ନନ୍ଦ, ବସନ୍ତ କୁମାର ପଟ୍ଟନାୟକ, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଗୋବିନ୍ଦଚନ୍ଦ୍ର ସାହୁ, ଡା. ପୀତବାସ ଷଡ଼ଙ୍ଗୀ, ଅନ୍ନଦା ଶଙ୍କର ପତି, ଡ. ନୀଳନ୍ କୁମାରୀ ମିଶ୍ର, ସାଗରମଲ୍ଲ ଅଗ୍ରୱାଲା ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ। ମଞ୍ଚରେ ନୂତନ ଭାବେ ଯୋଗଦେଇଥିବା ୨୦ ସଦସ୍ୟ ଶପଥପାଠ କରିଥିଲେ।

## ଢେଙ୍କାନାଳ ଜିଲ୍ଲା ବିଦ୍ୟାଳୟ ଚେସ୍ ମିଟ୍

ଢେଙ୍କାନାଳ,୧୨।୯ (ସମିସ): ଜିଲ୍ଲା ବିଦ୍ୟାଳୟ ଖେଳ ଆସୋସିଏସନ୍ ଆନୁକୂଲ୍ୟରେ ଶିକ୍ଷା ବିଭାଗ କନ୍‌ଫରେନ୍ସ ହଲ୍‌ରେ ୧୭ ବର୍ଷରୁ କମ୍ ବାଳକ, ବାଳିକାଙ୍କୁ ନେଇ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ସମ୍ପାଦକ ଇଞ୍ଜିନିୟର ଦେବବ୍ରତ ଭଟ୍ଟ ମୁଖ୍ୟବକ୍ତା, ପିଏମ୍ଶ୍ରୀ ନବୋଦୟ ବିଦ୍ୟାଳୟ ଚେସ୍ କୋଚ୍ କୁଳମଣି ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୋଟ୍ ୫୯ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜାତୀୟ ଚେସ୍ ଚ୍ୟାଲେଞ୍ଜର ଖେଳାଳି ତଥା ଚେସ୍ ଆର୍ବିଟର କୁଳମଣି ଜେନା ଚିଫ୍ ଆର୍ବିଟର ରହିଥିଲେ।

ପ୍ରଥମଥର ଫିଡେ ନିୟମ ଅନୁଯାୟୀ ଇଣ୍ଟରନେଟ୍ ମାଧ୍ୟମରେ ପେୟାରିଂ କରିଥିଲେ। ପ୍ରତ୍ୟେକ ଖେଳାଳି ତଥା ସ୍କୁଲର ଖେଳ ଶିକ୍ଷକମାନେ ନିଜ ମୋବାଇଲ୍ ଜରିଆରେ ଜାଣି ପାରୁଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ସୁବ୍ରତ କୁମାର ମିଶ୍ର, ଅର୍ପିତା ମହାନ୍ତି, ସସ୍ମିତା ସାହୁ ଓ ଜଗନ୍ନାଥ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଭାବେ ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଥମ ୬ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସାହୁ, ଓମ୍‌ରାନୀ ସାହୁ, ସ୍ମାଇଲ୍‌ଶ୍ରୀ ପଟ୍ଟନାୟକ, ସାଇଶ୍ରୀ ସାହୁ, ସଜନୀ ତରାଇ ଓ ଶୀତଲ୍‌ପ୍ରିୟା ବାନାର୍ଜୀ ଏବଂ ଛାତ୍ର ବିଭାଗର ଦୁଖିଆ ମୁର୍ମୁ, ଓମ୍ ଶ୍ରେୟାସ୍ ଶେଖର, ଆଶୁତୋଷ ମହନ୍ତ, ନବଜିତ୍ କୁମାର ସାହୁ, ଦିବ୍ୟରଞ୍ଜନ ସାହୁ ଓ ନିରଞ୍ଜନ ରଣା ଚୟନ ହୋଇଛନ୍ତି।

## ହୋଟେଲ ସମ୍ମୁଖ ଜଙ୍ଗଲ ଜମିରେ ଟ୍ରେଞ୍ଚ ଖୋଳିଲା ବନବିଭାଗ

ପରଜଙ୍ଗ,୧୨।୯ (ସମିସ)




ସଂରକ୍ଷିତ ଜଙ୍ଗଲ ଜମିରେ ନିର୍ମିତ ରାସ୍ତାକୁ ବନ୍ଦ କରିବା ଏବଂ ଜଙ୍ଗଲ ଜମିର ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ଶନିବାର ପୁଣି ଟ୍ରେଞ୍ଚ ଖୋଳାଯିବା ସହ ଚାରାରୋପଣ କରାଯାଇଛି। ଢେଙ୍କାନାଳ ବନଖଣ୍ଡ ଅଧୀନ ମହାବିରୋଡ ରେଞ୍ଜ ଡିହଡୋଳ ସେକ୍ସନ ଖାଲପାଳ ସଂରକ୍ଷିତ ଜଙ୍ଗଲ ଜମି ଦେଇ ୧୪୯ନଂ ଜାତୀୟ ରାଜପଥରୁ ନୂଆ ସୂର୍ଯ୍ୟ ହୋଟେଲକୁ ରାସ୍ତା ନିର୍ମାଣ ହୋଇଥିବା ଅଭିଯୋଗ ରହିଛି। କିଛିବର୍ଷ ତଳେ ସଂରକ୍ଷିତ ଜଙ୍ଗଲ ଜମିରେ ପାଉଁଶ ପକାଇ ଏହି ରାସ୍ତା ତିଆରି କରାଯାଇଥିଲା। ଏହି ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ରେ ମାମଲା ରୁଜୁ ହୋଇଥିଲା। ସଂରକ୍ଷିତ ଜଙ୍ଗଲ ଜମିରୁ ରାସ୍ତା ହଟାଇବା, ଚାରାରୋପଣ କରିବା ଏବଂ ଯାନବାହନ ଚଳାଚଳ ରୋକିବା ପାଇଁ ଟ୍ରେଞ୍ଚ ଖୋଳିବାକୁ ଏନଜିଟି ନିର୍ଦ୍ଦେଶ ଦେଇଥିଲେ। ପରେ ବନବିଭାଗ ପକ୍ଷରୁ ଜଙ୍ଗଲ ଜମିରେ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ଶନିବାର ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଟ୍ରେଞ୍ଚ ଖୋଳିବା ପାଇଁ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁଙ୍କ ସହ ଏସିଏଫ୍ ନୀଳେନ୍ଦ୍ରୀ ଦଳପତି, କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁ, ମହାବିରୋଡ ରେଞ୍ଜର ସୁଶାନ୍ତ କୁମାର ପାତ୍ର, ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା, କୁଆଲୁ ରାଜସ୍ୱ ନିରୀକ୍ଷିକା ସୁନନ୍ଦା ସିଂହ, ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣିଙ୍କ ସମେତ ବନ ବିଭାଗ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ବନବିଭାଗ ଓ ପ୍ରଶାସନିକ ଟିମ୍ ହୋଟେଲ ସମ୍ମୁଖରେ ଟ୍ରେଞ୍ଚ ଖୋଳିବା ସହ ହୋଟେଲକୁ ଯାଇଥିବା ଜଙ୍ଗଲ ଜମି ରାସ୍ତାରେ ମଧ୍ୟ ଟ୍ରେଞ୍ଚ ଖୋଳାଯାଇଛି।

ସଂରକ୍ଷିତ ଜଙ୍ଗଲ ଜମିର ଚାରିପଟେ ତାରବାଡ଼ ଦିଆଯିବା ସହ ଶତାଧିକ ଚାରାରୋପଣ କରାଯାଇଛି। ବନବିଭାଗ ପକ୍ଷରୁ ଜଙ୍ଗଲ ଜମିରେ ଖୋଳାଯାଇଥିବା ଟ୍ରେଞ୍ଚ ପୋତାଯିବା କିମ୍ବା ଲଗାଯାଇଥିବା ଚାରା ଯଦି ନଷ୍ଟ କରାଯିବ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି।

## ୪୫ ଫୁଟ୍ ଗଭୀର କୂଅରୁ ବୃଦ୍ଧା ଉଦ୍ଧାର

ଗଁଦିଆ,୧୨।୯(ସମିସ): ଗଁଦିଆ ବ୍ଲକ କରମୂଳ ଅଞ୍ଚଳ ରାଇପାଳ ଗ୍ରାମରେ ଏକ ୪୫ ଫୁଟ୍ ଗଭୀର କୂଅରୁ ୭୧ ବର୍ଷୀୟା ବୃଦ୍ଧା ଦୁଲେଇ ସାହୁଙ୍କୁ ଗଁଦିଆ ଅଗ୍ନିଶମ ବାହିନୀ ସୁରକ୍ଷିତ ଭାବେ ଉଦ୍ଧାର କରିଛି। କୌଣସି କାରଣରୁ ଦୁଲେଇ କୂଅରେ ପଡ଼ିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଭାରପ୍ରାପ୍ତ ଅଧିକାରୀ ଦିଲୀପ



କୁମାର ଦାସଙ୍କ ନେତୃତ୍ୱରେ ସଚ୍ଚୀନ୍ଦ୍ର ନାଏକ, ସନ୍ତୋଷ ଷେଣ୍ଢ, ମନୋଜ ସିଂ, ଆଲୋକ ବେହେରା, ଗୌତମ ବେହେରା ଓ କ୍ଷୀରୋଦ୍ର ଧାରୁଆ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ସତର୍କତାର ସହ ଉଦ୍ଧାର କାର୍ଯ୍ୟ ଚଳାଇ ଦୁଲେଇଙ୍କୁ ବାହାରକୁ ଆଣିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା | ଗାଁ ଗୋହରୀଠାରୁ ମଧ୍ୟ କଦର୍ଯ୍ୟ

ଜଗତସିଂହପୁର,୧୨।୯ (ସମିସ)



ଜଗତସିଂହପୁର ସହରରୁ ଜବରଦଖଲ ଉଚ୍ଛେଦ ସହିତ ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ କିଛି ମାସ ତଳେ ଜୋରଦାର ଉଦ୍ୟମ ଆରମ୍ଭ କରିଥିଲେ। ଏଥିପାଇଁ ସମସ୍ତ ବଜାର କମିଟି ତଥା ବରିଷ୍ଠ ଓ ସଚେତନ ନାଗରିକ ମାନଙ୍କ ସହିତ ବୈଠକ ମଧ୍ୟ ହୋଇଥିଲା। ପରେ୨ଟି ପର୍ଯ୍ୟାୟରେ ଜବରଦଖଲ ଉଚ୍ଛେଦ ପାଇଁ ମଧ୍ୟ ପଦକ୍ଷେପ ନେଇଥିଲା ଜିଲ୍ଲା ପ୍ରଶାସନ ଏବଂ ପୌର ପ୍ରଶାସନ। ଜେସିବି ସହାୟତାରେ ରାସ୍ତାକୁ ମାଡିଥିବା କିଛି ଦୋକାନ ସମ୍ମୁଖ ନିର୍ମାଣକୁ ଭାଙ୍ଗି ଦିଆଯାଇଥିଲା। ଇତିମଧ୍ୟରେ ୨ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ। ଏପଟେ କିନ୍ତୁ ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ ଏବଂ ରାସ୍ତାର ଦୟନୀୟ ଅବସ୍ଥା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୧୯୯୩ ମସିହା ଏପ୍ରିଲ ୩ ତାରିଖରେ କଟକ ଜିଲ୍ଲାରୁ ଅଲଗା ହୋଇ ଜଗତସିଂହପୁର ଉପଖଣ୍ଡ ନୂତନ ଜିଲ୍ଲାର ମାନ୍ୟତା ପାଇଥିଲା। ଇତି ମଧ୍ୟରେ ୩୩ ବର୍ଷରୁ ଅଧିକ ସମୟ ବିତିଗଲାଣି। ହେଲେ ଜିଲ୍ଲାର ମୁଖଶାଳା କୁହାଯାଉଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଏବଂ କାର୍ଯ୍ୟାଳୟକୁ ସଂଲଗ୍ନ କରୁଥିବା ରାସ୍ତାର ଦୂରାବସ୍ଥା ଆଜି ପର୍ଯ୍ୟନ୍ତ ସୁଧୁରି ପାରିଲାନାହିଁ। ଏହି ପଡିଆର ପୂର୍ବ ପାଶ୍ୱର୍ରେ ସଭାସମିତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଏକ ମଞ୍ଚ ନିର୍ମାଣ କରାଯାଇଥିବା ବେଳେ ମଞ୍ଚ ପଛରେ ଶୌଚାଳୟ ରହିଛି। ବର୍ଷତମାମ ବିଭିନ୍ନ ସରକାରୀ ଉତ୍ସବ ସହିତ ବେସରକାରୀ ଅନୁଷ୍ଠାନ ମାନେ ମଧ୍ୟ ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ମଞ୍ଚରେ କରି ଆସୁଛନ୍ତି। ହେଲେ ଜଗତସିଂହପୁର ମୁଖ୍ୟ ଡାକଘର ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଥିବା ରାସ୍ତାଟି ଗାଁ ଗୋହରୀ ଠାରୁ ଅଧିକ ଜରାଜୀର୍ଣ୍ଣ ହୋଇପଡିଛି। କିଛିଦିନ ତଳେ ପୋଷ୍ଟ ଅଫିସ କାଛକୁ ଲାଗିଥିବା ପ୍ରାୟ ୫୦/୬୦ ଫୁଟ ରାସ୍ତା ମରାମତି କରାଯାଇଛି। ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଲମ୍ୱିଥିବା ରାସ୍ତା ଏବେ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପ୍ରତ୍ୟେକ କାର୍ଯ୍ୟ ଦିବସରେ ଶହ ଶହ ସଂଖ୍ୟାରେ ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ବେଳେ ରାସ୍ତା ଦୂରାବସ୍ଥାରୁ ହଇରାଣ ହେଉଛନ୍ତି। ଆଜି ଅସରାଏ ବର୍ଷାରେ ଏହି ରାସ୍ତାରେ ପାଣି ଜମିରହିବା ସହିତ ପଡିଆ ମଧ୍ୟ ଜଳାର୍ଣ୍ଣବ ହୋଇପଡିଥିଲା। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆର ମୁଖ୍ୟ ଫାଟକ ପାଶ୍ୱର୍ରେ ଜଗତସିଂହପୁର ପୌର ପରିଷଦ ତରଫରୁ ମୁକ୍ତା ଯୋଜନାରେ ପାଖାପାଖି ଲକ୍ଷେ ଟଙ୍କା ଖର୍ଚ୍ଚ କରାଯାଇ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ପଡିଆର ଜଳ ନିଷ୍କାସନ ପାଇଁ ଉତ୍ତର ପଟରେ ଏକ ଡ୍ରେନ୍ ନିର୍ମାଣ କରାଯାଇଥିଲା। ନିୟମିତ ବ୍ୟବଧାନରେ ଏହି ଡ୍ରେନ୍ ସଫା ହେଉନଥିବାରୁ ସଂପୂର୍ଣ୍ଣ ପୋତି ହୋଇପଡିଲାଣି। ଫଳରେ ପଡିଆର ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇନପାରି ଜମା ହୋଇରହୁଛି। ଏପରିକି ଲଗାଣ ବର୍ଷା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଏକ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ବାରମ୍ବାର ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ ଅଭିଯୋଗ ହୋଇଥିଲେ ମଧ୍ୟ ଫଳ ଶୂନ। ସାମଗ୍ରୀକ ଭାବେ ଦେଖିବାକୁ ଗଲେ ପଡ଼ିଆ ସାରା ବାଲିମୟ ହୋଇଥିବା ବେଳେ ଅନେକ ସ୍ଥାନରେ ଅନାବନା ଗଛ ଓ ଘାସମୟ ହୋଇରହିଛି। ଉକ୍ତ ପଡିଆ ଏବଂ ରାସ୍ତାର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଉଛି। କିନ୍ତୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଏବଂ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତାର ଭାଗ୍ୟ ସୁଧୁରିବା ପରିବର୍ତ୍ତେ ଅଧିକ ଖରାପ ହେଉଥିବା ଲକ୍ଷ୍ୟ କରାଯାଇଛି। ତେଣୁ ସହର ସୌନ୍ଦର୍ଯ୍ୟକରଣ ପୂର୍ବରୁ ଜିଲ୍ଲାପାଳ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଜିଲ୍ଲାର ମୁଖଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ସୌନ୍ଦର୍ଯ୍ୟକରଣ ଦିଗରେ ଯତ୍ନବାନ ହେବାକୁ ସାଧାରଣରେ ଦାବି କରାଯାଇଛି।

**ସହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଚିହ୍ନବର୍ଣ୍ଣ ମିଳୁନି**

## ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ନିଆରା ସାଧକ ଶିକ୍ଷକ ଦମ୍ପତି

କୁଜଙ୍ଗ,୧୨।୯ (ସମିସ): କୁଜଙ୍ଗ ବ୍ଲକ ଫତେପୁର ନିବାସୀ କବି ନବୀନ କୁମାର ପ୍ରଧାନ ଶିକ୍ଷା ଜଗତର ଏକ ପ୍ରମୁଖ ଚେହେରା। କୁଜଙ୍ଗ ବ୍ଲକ ପ୍ରାକ୍ତନ ସ୍କୁଲ୍ ଏସଆଇ ରୂପେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଆଜି ବେସରକାରୀ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇଛି। ମାତ୍ର ଯେବେ ବେସରକାରୀ ବିଦ୍ୟାଳୟ ତତ୍ତ୍ୱ ଏତେ ପ୍ରଚଳିତ ନଥିଲା ସେହି ସମୟରେ ଜଣେ ସ୍ୱନାମଧନ୍ୟ ଶିକ୍ଷକ ଭାବରେ ସରକାରୀ ସ୍କୁଲ୍‌ରେ ନିଜ ପାଇଁ ସଫଳତା ଆଣିବା ସହ ବହୁ ସଫଳ ଛାତ୍ର ତିଆରି କରିବାରେ ଓ ପ୍ରଶିକ୍ଷକ ଶିକ୍ଷକ ଭାବରେ ସୁନାମ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ, ଶିକ୍ଷା ସହ ସାହିତ୍ୟ ସାଧନା, ପରିବେଶ ସୁରକ୍ଷା ପାଇଁ ନବୀନ ସାରଙ୍କ ସହ ଶିକ୍ଷୟିତ୍ରୀ ପତ୍ନୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଜଣେ ସହଯୋଗୀ ହୋଇ କାମ କରି ଆସୁଛନ୍ତି। ଗ୍ରାମରେ ହରିହାଟ ଠାରୁ ଆରମ୍ଭ କରି ଅନେକ ସାହିତ୍ୟ ସଭାରେ ଏହି ଶିକ୍ଷକ ଦମ୍ପତିଙ୍କୁ ଦେଖିବାକୁ ମିଳେ। ଏହି ଦମ୍ପତିଙ୍କ କିଛି କାବ୍ୟ କବିତା ମଧ୍ୟ ପ୍ରକାଶ ପାଇଛି। ଆଜି ଯେତେବେଳେ ସାମାନ୍ୟ କଥାରେ ଉଚ୍ଚ ଶିକ୍ଷିତ ଆର୍ଥିକ ସମୃଦ୍ଧ ନବ ବିବାହିତା ଦମ୍ପତିଙ୍କ ବିବାହ ବିଚ୍ଛେଦ ଏକ ନୀତିଦିନିଆ ଘଟଣା ହେଲାଣି, ସେହି ସମୟରେ ଏହି ଦମ୍ପତି ଆଜି ବିବାହର ୫୦ ବର୍ଷ ପାଳନ କରିବା ଯୁବ ବର୍ଗଙ୍କ ପାଇଁ ଆଦର୍ଶ ବୋଲି କୁହନ୍ତି ଶିକ୍ଷାବିତ ନିଶାକର ମୁଦୁଲି। ପ୍ରେମ କରି ବିବାହ କରିବା ଯେତିକି



ବଡ଼ କଥା ନୁହେଁ, ପ୍ରେମକୁ ପରିବାର ସଦସ୍ୟ କରିବା, ବୃତ୍ତିକୁ ଜୀବନର ଏକ ଅଙ୍ଗ କରିବା, ସାଧନା ଏକ ବ୍ରତ କରିବା ତାହା ସମାଜ ତଥା ଅଞ୍ଚଳ ପାଇଁ ବଡ଼ କଥା ବୋଲି କୁହନ୍ତି ଶିକ୍ଷାବିତ ଗଙ୍ଗାଧର ସାମନ୍ତରାୟ। କୁଜଙ୍ଗ ଅଞ୍ଚଳରେ ଯେତେବେଳେ କୌଣସି ବିଶିଷ୍ଟ ଲୋକଙ୍କ ନିଧନ ହୋଇଥାଏ ଓ ଆୟୋଜିତ ସ୍ମୃତି ଚାରଣ ସଭାରେ ନବୀନ ସାର୍‌ଙ୍କ କବିତାରେ ଦିବଂଗତଙ୍କ ଜୀବନୀ ଅତି ରୋଚକ, ସରଳ ଓ ସାବଲୀଳ ଢଙ୍ଗରେ ଉପସ୍ଥାପନ ତାଙ୍କର ଲୋକଙ୍କ ସହ ଯୋଡ଼ି ହୋଇ ରହିବାର କଳା ବୋଲି କୁହନ୍ତି ସାମ୍ୟବାଦୀ ବାବୁରାମ ଚୌଧୁରୀ।

## ଦିବ୍ୟାଙ୍ଗ ମେଧାବୀ ଛାତ୍ରଙ୍କୁ ମିଳୁନି ଚାକିରି

ରାଜକନିକା,୧୨।୯ (ସମିସ): ରାଜ୍ୟ ସରକାର ଦିବ୍ୟାଙ୍ଗ ଯୁବକ/ଯୁବତୀଙ୍କ ଲାଗି ଚାକିରି କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସଂରକ୍ଷଣ କରିଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ତରାସ ଗ୍ରାମର ଭିନ୍ନକ୍ଷମ ମେଧାବୀ ଛାତ୍ର ନିମେଶ ନାୟକ ୨୦୨୧-୨୨ରେ ଇନିସିଆଲ ଆପୋଣ୍ଟି ଟିଚର ପରୀକ୍ଷାରେ ୮୮୩ ସ୍ଥାନ ପାଇଥିଲେ। ସେ ବିଇଡି, ଓଟିଇଟି, ଓଏସଏସଟିଇଟି ପରୀକ୍ଷାରେ ମଧ୍ୟ କୃତିତ୍ୱ ହାସଲ କରିଛନ୍ତି। ଜିଲ୍ଲା ସ୍ତରରେ ତାଙ୍କ ଚାକିରି ପାଇଁ ସାର୍ଟିଫିକେଟ ଭେରିଫିକେସନ ଲାଗି ତାଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଡକାଯାଇ ସମସ୍ତ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ପରେ ଫାଇନାଲ ଲିଷ୍ଟରେ ୨୪୨୭ ସ୍ଥାନରେ ତାଙ୍କ ନାମ ମଧ୍ୟ ରହି ନୋଟିସ ପ୍ରକାଶ ପାଇଥିଲା। ଯେଉଁମାନେ ଏହି ତାଲିକାରେ ଅଯୋଗ୍ୟ ହୋଇଥିଲେ ତାଙ୍କୁ ସେମାନଙ୍କର ଅଯୋଗ୍ୟତାର କାରଣ ମଧ୍ୟ ଦର୍ଶାଯାଇଥିଲା। ତାଲିକାରେ ଦିବ୍ୟାଙ୍ଗ ନିମେଶଙ୍କୁ ଆଜି ଯାଏ ଚାକିରି ମିଳିନି। କେଉଁ କାରଣରୁ ତାଙ୍କୁ ନିଯୁକ୍ତି ମିଳିନାହିଁ ସେ ନେଇ ନେଇ ନିମେଶ ଜିଲ୍ଲା ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କେହି କହିପାରୁ ନାହାନ୍ତି, କେଉଁ କାରଣ ଲାଗି କଟିଲେ ନିମେଶ। ପରେ ସୂଚନା ଅଧିକାରୀ ଆଇନରେ ସେ ତଥ୍ୟ ଜିଲ୍ଲା ଶିକ୍ଷା ବିଭାଗକୁ ମାଗିଲେ ମଧ୍ୟ ତାଙ୍କ ପାଖରେ ସୂଚନା ନ ଥିବା ଜିଲ୍ଲା ଶିକ୍ଷା ବିଭାଗ କହିଛି। ଶେଷରେ ନିରାଶ ହୋଇ ଭିନ୍ନକ୍ଷମ ନିମେଶ ଏହାର ତଦନ୍ତ କରି ଉପଯୁକ୍ତ ନ୍ୟାୟ ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି।



**ଶିକ୍ଷା ବିଭାଗ ଓ ଜିଲ୍ଲାପାଳଙ୍କୁ ଗୁହାରି କରି ନିରାଶ**

ତରାସ ଗ୍ରାମର ନିମାଇଁ ନାୟକଙ୍କ ପୁଅ ନିମେଶ ଜନ୍ମରୁ ଗୋଡ଼ ଓ ହାତରେ ଅସ୍ୱାଭାବିକ ଭାବେ ଅକ୍ଷମତା ଯୋଗୁ ସେ ଭିନ୍ନକ୍ଷମ ହୋଇ ରହିଛନ୍ତି। ଜୀବନରେ ନିହାତି ସ୍ୱରୋଜଗାର ହେବାକୁ ଲକ୍ଷ୍ୟ ରଖି ସବୁ ସ୍ତରର ଯାଞ୍ଚ ପରେ ଚାକିରି ନ ମିଳିବାରୁ ନିମେଶ ନାୟକ ଗତ କିଛିଦିନ ପୂର୍ବରୁ ଗାଁକୁ ଯୋଗାଣ ମନ୍ତ୍ରୀ ଆସିଥିବାବେଳେ ତାଙ୍କୁ ଭେଟି ଚାକିରି ଦେବାକୁ ଅନୁରୋଧ କରିଥିଲେ। ସବୁ ଆଡୁ ଗୁହାରି କରି ନିରାଶ ହୋଇଥିବା ନିମେଶଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ତାଙ୍କ ପରିବାର ଆକୁଳ ନିବେଦନ କରିଛନ୍ତି।

## ଜିଲ୍ଲାପାଳଙ୍କ ଅଙ୍ଗୁଳେଇ ପଞ୍ଚାୟତ ପରିଦର୍ଶନ

କେନ୍ଦ୍ରାପଡ଼ା,୧୨।୯ (ସମିସ): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳେଇ ପଞ୍ଚାୟତ ପରିଦର୍ଶନ କରି ଜିଲ୍ଲାପାଳ ରଘୁରାମ ଆର. ଆୟର ବିଭିନ୍ନ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର ଓ ବିକାଶମୂଳକ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ମାଟିଆସାହି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ପାଠପଢ଼ା, ଉପସ୍ଥାନ



ଓ ବିଦ୍ୟାଳୟର ମୌଳିକ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମାଟିଆସାହି ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କ ପୋଷଣ, ଉପସ୍ଥାନ ଓ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଜଗନ୍ନାଥପୁର ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ଶିକ୍ଷାଦାନ ଓ ଛାତ୍ରଛାତ୍ରୀଙ୍କ ଅଗ୍ରଗତି ନେଇ ଆଲୋଚନା କରି ଶିକ୍ଷାର ମାନ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ନିର୍ମାଣାଧୀନ ମା' ଅମ୍ବେଶ୍ୱରୀ ଭୋଗ ମଣ୍ଡପ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ପ୍ରସ୍ତାବ ଶୁଣିଥିଲେ। ସମସ୍ୟାର ତ୍ୱରିତ ସମାଧାନ ସହ ଆବଶ୍ୟକ ସ୍ଥଳେ ବିଭାଗୀୟ ସମନ୍ୱୟରେ ପଦକ୍ଷେପ ନେବାକୁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ମାର୍ଶାଘାଇ ବିଡିଓ ତୃପ୍ତି ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଆଲୋକ ଶିଖା ପରିବାର ପକ୍ଷରୁ ଅସହାୟଙ୍କୁ ସହାୟତା

ଗୋବିନ୍ଦପୁର,୧୨।୯ (ସମିସ): ଆଲୋକ ଶିଖା ପରିବାରର ଚରପଡ଼ା ନିଃଶୁଳ୍କ ଶିକ୍ଷାଦାନ ଓ ସହାୟତା କେନ୍ଦ୍ର ପକ୍ଷରୁ କର୍କଟ ରୋଗ ପୀଡ଼ିତ ଆଳି ବ୍ଲକ ଅନ୍ତର୍ଗତ ଦେସାହି ପଞ୍ଚାୟତର ବଳରାମ ମଲ୍ଲିକଙ୍କୁ ୫୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଆଲୋକ ଶିଖା ପରିବାରର ପ୍ରତିଷ୍ଠାତା ଅଧ୍ୟାପକ ରତ୍ନାକର ସେଠୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ ଓଝା, ରାଷ୍ଟ୍ରୀୟ ଆନ୍ତର୍ଜାତିକ ସଂଯୋଜକ ଲକ୍ଷ୍ମୀଧର ପରିଡ଼ା, ରାଜ୍ୟ ସମ୍ପାଦକ ସୁରେଶ ବିଶ୍ୱାଳ, ଉପନିର୍ଦ୍ଦେଶକ ଗୋପିନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ବିଜ୍ଞାନ ବେଜ, ରାଜ୍ୟ ପର୍ଯ୍ୟବେକ୍ଷକ ବିପ୍ଳବ ପଣ୍ଡା, ରାଜ୍ୟ ସଂଯୋଜକ ଆଦର୍ଶ ସ୍ୱାଇଁ, ରାଜ୍ୟ ପରିଚାଳନା ସମ୍ପାଦକ ଗୌରବ ଶୁଭ କେତନ ରଥ, ରାଜ୍ୟ ନିରୀକ୍ଷଣ ଅଫିସର ବଳରାମ ନାୟକ, ରାଜ୍ୟ ସ୍ୱେଚ୍ଛାସେବୀ ସଂଯୋଜକ ଶିକ୍ଷୟିତ୍ରୀ ସୌଦାମିନ ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶିକା ଅମିତା ମଲ୍ଲିକ, ରତିକାନ୍ତ ଦାସ,,ଅନୁଭବ ନାୟକ, ଲଳିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ସଂସ୍କୃତ ଦିବସ ପାଳିତ



ରାଜନଗର, ୧୨।୯ (ସମିସ): ରାଜନଗର ବ୍ଲକ ସଦର ମହକୁମାସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଛି। ସପ୍ତାହେ ଧରି ମହାବିଦ୍ୟାଳୟ ପକ୍ଷରୁ ଚାଲିଥିବା ଏହି କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଛି। ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଶରତ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ ଅକ୍ଷୟ ମିଶ୍ର, ସମ୍ମାନିତ ଅତିଥି ଭାବେ କବି ଅଭିରାମ ସାହୁ ଯୋଗଦେଇ ସଂସ୍କୃତ ଭାରତୀୟ ଭାଷାର ଜନନୀ, ଏହାର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଦିବସ ପାଳନର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ଭାଷାରେ ବିଭିନ୍ନ ପ୍ରତିଯୋଗିତା ଶ୍ଳୋକ, ଗୀତ, ନୃତ୍ୟ, ବକ୍ତୃତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ନିହାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ତନୁଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## କାଣୀନଦୀ ପୋଲ-କୁସୁମୀ ହାଇସ୍କୁଲ ରାସ୍ତା ପିଚୁ କରିବାକୁ ଦାବି

ଗୋବିନ୍ଦପୁର,୧୨।୯ (ସମିସ): ଆଳି ବ୍ଲକ ଅନ୍ତର୍ଗତ ଧୋୟାଅଞ୍ଚଳର କେତୁଆପାଳଠାରୁ ସିଂହଗାଁ କାଣୀନଦୀ ସେତୁ ପର୍ଯ୍ୟନ୍ତ ଆରଡି ରାସ୍ତା କାମ ହେଇଥିଲେ ମଧ୍ୟ କାଣୀନଦୀ ସେତୁଠାରୁ କୁସୁମୀ ଗ୍ରାମ ଜନକଲ୍ୟାଣ ହାଇସ୍କୁଲ ପର୍ଯ୍ୟନ୍ତ ମାତ୍ର ଏକ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦୀର୍ଘଦିନ ହେଲା ମରାମତି ହୋଇନାହିଁ। ରାସ୍ତାରେ ଅସଂଖ୍ୟ ଖାଲ ଯୋଗୁ ଯାତାୟତରେ ଲୋକେ ହୀନସ୍ତା ଭୋଗୁଛନ୍ତି। ଲୋକେ ଚାଲିକି ଯିବା କଷ୍ଟକର ହୋଇପଡୁଛି। ଏହି ରାସ୍ତାରେ ଦୈନିକ ବହୁ ଲୋକ ଯାତାୟାତ କରିବା ସହିତ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯାଉଛନ୍ତି। ତେଣୁ ଏହି ରାସ୍ତାକୁ ପିଚୁ କରାଯିବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ପିଚୁ କରିବାକୁ ଦାବି କରିଛନ୍ତି। ରାସ୍ତା କାମ ବିଳମ୍ବ ହେଲେ ଲୋକେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

**ଚାରିବର୍ଷ ଧରି ଡେପୁଟେସନରେ ଶିକ୍ଷୟିତ୍ରୀ**

# ଗାଁ ସ୍କୁଲରେ ପାଠପଢ଼ା ପ୍ରଭାବିତ

ମହାକାଳପଡ଼ା, ୧୨।୯ (ସମିସ): ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଥିବାବେଳେ ଜଣେ ଶିକ୍ଷୟିତ୍ରୀ ଦୀର୍ଘ ପ୍ରାୟ ୪ ବର୍ଷ ଧରି ଡେପୁଟେସନରେ ରାଜଧାନୀ ଭୁବନେଶ୍ୱରର ଏକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଘଟଣାକୁ ନେଇ ଏବେ ପ୍ରଶ୍ନ ଉଠିଛି। ମହାକାଳପଡ଼ା ବ୍ଲକ ଶିକ୍ଷାମଣ୍ଡଳୀ ଅଧୀନ ବାରାଡାଙ୍ଗ ଜଗମୋହନ ଉଚ୍ଚବିଦ୍ୟାଳୟର ଟିଜିଟି ଆର୍ଟସ୍ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି ଦୀର୍ଘଦିନ ଧରି ଡେପୁଟେସନରେ ଯାଇ ଭୁବନେଶ୍ୱର ପଟିଆସ୍ଥ ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

ସୂଚନା ଅଧିକାର ଆଇନ ଅଧୀନରେ ମିଳିଥିବା ତଥ୍ୟ ଅନୁଯାୟୀ, ଡାଇରେକ୍ଟର ଅଫ୍ ସେକେଣ୍ଡାରୀ ଏଜ୍ୟୁକେସନଙ୍କ ଅଫିସ୍ ଅର୍ଡର ନମ୍ବର ୧୬୬୮୧, ୧୧।୭।୨୦୨୨ରେ ଏହି ଡେପୁଟେସନ ସମ୍ପର୍କିତ ଆଦେଶ ଥିବା କୁହାଯାଇଛି। ଅନ୍ୟପକ୍ଷରେ ଜଗମୋହନ ଉଚ୍ଚ ବିଦ୍ୟାଳୟରେ ବର୍ତ୍ତମାନ ୪୨୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଶିକ୍ଷକଶିକ୍ଷୟିତ୍ରୀଙ୍କ ସଂଖ୍ୟା ୧୭ ବୋଲି ଜଣାପଡ଼ିଛି। ଏଭଳି ସ୍ଥିତିରେ ଜଣେ ଶିକ୍ଷୟିତ୍ରୀ ଦୀର୍ଘଦିନ ଧରି ଅନ୍ୟ ବିଦ୍ୟାଳୟରେ ଡେପୁଟେସନରେ ରହିବା ଫଳରେ ସ୍ଥାନୀୟ ବିଦ୍ୟାଳୟରେ ଶିକ୍ଷକ ଅଭାବ ଆହୁରି ଗୁରୁତର ହେଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳର ବିଦ୍ୟାଳୟରେ ନିଯୁକ୍ତି ଥିବା ସତ୍ତ୍ୱେ ଦୀର୍ଘ ସମୟ ଧରି ରାଜଧାନୀରେ ଡେପୁଟେସନରେ କାର୍ଯ୍ୟ କରିବାର ନିୟମ କ'ଣ? ଡେପୁଟେସନର ସମୟସୀମା କେତେ? ଏହାକୁ କେତେଥର ବୃଦ୍ଧି କରାଯାଇପାରେ? ଓ ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ ଆବଶ୍ୟକତା ରହିଛି, ସେଠାରୁ ଶିକ୍ଷକଙ୍କୁ ଦୀର୍ଘଦିନ ଡେପୁଟେସନରେ ରଖିବାର ଯଥାର୍ଥ କାରଣ କ'ଣ, ଏଭଳି ଅନେକ ପ୍ରଶ୍ନ ଏବେ ଅଭିଭାବକ ଓ ଗ୍ରାମବାସୀଙ୍କ ମନରେ ଉଠିଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ଫୋନ୍ ରିସିଭ୍ ହୋଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦୂର କରିବା ସହ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଡେପୁଟେସନ ଆଦେଶର ପୁନଃସମୀକ୍ଷା କରି ତାଙ୍କୁ ମୂଳ ବିଦ୍ୟାଳୟରେ ଯୋଗଦେବାକୁ ସୁଯୋଗ ଦେବାକୁ ଗ୍ରାମବାସୀ ଓ ଅଭିଭାବକ ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ ନିକଟରେ ଦାବି କରିଛନ୍ତି। ସରକାରଙ୍କ "ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା' ଲକ୍ଷ୍ୟ ମଧ୍ୟରେ ଗ୍ରାମାଞ୍ଚଳର ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଥିବାବେଳେ ଦୀର୍ଘମିଆଦୀ ଡେପୁଟେସନ ବ୍ୟବସ୍ଥା କେତେଦୂର ଯୁକ୍ତିସଙ୍ଗତ, ତାହା ଏବେ ବିଭାଗୀୟ ତଦନ୍ତ ଅପେକ୍ଷାରେ। କେବେ ଡେପୁଟେସନ ବାତିଲ ହେବ, ତାହା ଦେଖିବାକୁ ବାକି ରହିଲା।




**୪୨୭ ଛାତ୍ରଛାତ୍ରୀଙ୍କ ପାଇଁ ୧୭ ଶିକ୍ଷକ, ଅଭିଭାବକଙ୍କ ଅସନ୍ତୋଷ**

## ବନ୍ୟାରେ ୨୦ ପଞ୍ଚାୟତର ୩୭ ହଜାର ଲୋକ ପ୍ରଭାବିତ

ରାଜକନିକା,୧୨।୯ (ସମିସ): ଚଳିତ ବନ୍ୟାରେ ରାଜକନିକା ବ୍ଲକର ୨୦ଟି ପଞ୍ଚାୟତ ପ୍ରଭାବିତ ହୋଇଥିବାବେଳେ ୩୭ ହଜାର ଲୋକ ବନ୍ୟା ଦୁର୍ଦ୍ଦଶାରେ ଥିବା ସରକାରୀ ଭାବେ ଆକଳନ ହୋଇଛି। ପ୍ରଭାବିତ ପଞ୍ଚାୟତରେ ଆଂଶିକ ଓ ସମୁଦାୟ ବନ୍ୟା ପ୍ରଭାବକୁ ହିସାବରେ ନେଇ ପ୍ରଥମ ପର୍ଯ୍ୟାୟରେ ବାରହା ଦୋମଣ୍ଡା, ପ୍ରଧାନପଡ଼ା ଓ ଭାରିଗଦା ପଞ୍ଚାୟତର ବନ୍ୟା ପ୍ରଭାବିତଙ୍କୁ ସାଢେ ଚାରିଦିନ ପାଇଁ ରିଲିଫ ଚାଉଳ ବଣ୍ଟନ କରାଯାଇଥିବାବେଳେ ଅବଶିଷ୍ଟ ପଞ୍ଚାୟତ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ରିଲିଫ ଯୋଗାଇବାର ବ୍ୟବସ୍ଥା କରାଯିବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ତେବେ ବନ୍ୟାଞ୍ଚଳ ପାଇଁ ରିଲିଫ ବାବଦ ଚାଉଳ ଆକାରରେ ବଡ଼ ଲୋକଙ୍କ ମୁଣ୍ଡପିଛା ଦିନକୁ ୧ କିଲୋଗ୍ରାମ ଓ ଛୋଟ ପିଲାଙ୍କ ପାଇଁ ଦୈନିକ ୫୦୦ ଗ୍ରାମ ହିସାବରେ ସାଢେ ଚାରିଦିନ ରିଲିଫ ମିଳିବାର ବ୍ୟବସ୍ଥା ହୋଇଥିବା ଜଣାପଡିଛି। ତେବେ ରାଜକନିକା ବ୍ଲକର ବୈତରଣୀରେ ୬ଥର ବନ୍ୟା ଆସି କନପୁର, ଗହମପାଳ, ଗୁଣ୍ଠଳ, ବାଲିସାହି, ସାନହଳପଡା, ବଡ଼ହଳପଡା ଆଦି ଗାଁରେ ୩୩ ଦିନ ଜଳବନ୍ଦୀ ରହିବା ପରେ ସରକାର ପ୍ରଥମ ପର୍ଯ୍ୟାୟରେ ସାଢେ ଚାରିଦିନ ରିଲିଫ ଦେବା ଘଟଣାରେ ବନ୍ୟା ଦୁର୍ଗତ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଖରସ୍ରୋତାରେ ୩ ଥର ବନ୍ୟାରେ ୨୧ ଦିନ ବନ୍ୟା ପ୍ରଭାବ ଦେଖାଇଥିବାବେଳେ ଏମାନଙ୍କୁ ଏଯାବତ ଦିନଟିଏ ପାଇଁ ରିଲିଫ ମିଳି ନ ଥିବା ଆମେ ସରକାରଙ୍କ ପାରିବାପଣିଆ ନେଇ ପ୍ରଶ୍ନ ଉଠାଇଛି ବୋଲି ବ୍ଲକ୍ କଂଗ୍ରେସ ସଭାପତି ପଙ୍କଜ ଦାସ ଅଭିଯୋଗ କରିଛନ୍ତି। ରାଜକନିକା ବନ୍ୟାରେ ପ୍ରଭାବିତ ସମସ୍ତ ଲୋକଙ୍କୁ ଅନ୍ୟୁନ ଏକ ମାସର ରିଲିଫ ଦେବାକୁ ଦାବି କରିଛନ୍ତି। ବନ୍ୟା ପ୍ରଭାବରେ ବ୍ଲକର ସମସ୍ତ ବନ୍ୟାଞ୍ଚଳରେ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବାବେଳେ ଏଯାବତ କ୍ଷୟକ୍ଷତି ରିପୋର୍ଟ ସଠିକ ଭାବେ ଆକଳନ କରି ନ ଥିବା ଆମ ପ୍ରଶାସନର ବନ୍ୟା ମୁକାବିଲା ସ୍ଥିତି କେତେ ଉପରଠାଉରିଆ ଭାବେ ଚାଲିଛି, ତାହା ପଦାରେ ପଡିଛି ବୋଲି ଓଡ଼ିଶା କୃଷକ ସଭାର ରାଜକନିକା ଶାଖା ପକ୍ଷରୁ ଅଭିଯୋଗ ହୋଇଛି। ରାଜକନିକା ବ୍ଲକ୍‌କୁ ବନ୍ୟା ପ୍ରଭାବିତ ଅଞ୍ଚଳ ଘୋଷଣା କରି ସମସ୍ତ କୃଷି ଋଣ ଛାଡ଼ କରିବାକୁ କୃଷକ ସଭା ଦାବି କରିଛି।

## ଅବହେଳିତ ବାଲିତୁଠ ସ୍ୱାସ୍ଥ୍ୟକେନ୍ଦ୍ର

କୁଜଙ୍ଗ,୧୨।୯ (ସମିସ): ଜଗତସିଂହପୁର ଜିଲ୍ଲା ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୨ବର୍ଷ ହେବ ଡାକ୍ତର ପଦବୀ ଖାଲିପଡ଼ିଛି। ଡାକ୍ତର ନଥିବାରୁ ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଆସୁଛି। ଏଥିପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅଭିଯୋଗ କରାଯାଉ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ବଡ଼ବଡ ପ୍ରତିଶ୍ରୁତି ଦେଉଛନ୍ତି, ହେଲେ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲାନାହିଁ। ଅଭିଯୋଗ ମୁତାବକ ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମ ଅନୁସାରେ ସବୁବେଳେ ଜଣେ ଏମ୍‌ବିବିଏସ ଡାକ୍ତର ରହିବା କଥା। ହେଲେ ଏଠାରୁ ଗତ ପ୍ରାୟ ୨ବର୍ଷ ହେବ ଡାକ୍ତରଙ୍କ ବଦଳି ହୋଇଯିବା ପରେ ଆଉ ଡାକ୍ତର ନିଯୁକ୍ତି ଦିଆଯାଉନି। ଫଳରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜଣେ ଆୟୂଷ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ଦୈନିକ ପ୍ରାୟ ୧୦୦ରୁ ୧୫୦ ପର୍ଯ୍ୟନ୍ତ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଜରୁରିକାଳୀନ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜଗତସିଂହପୁର ଜିଲ୍ଲା ହସ୍ପିଟାଲ, କିମ୍ବା କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥାଏ। ସୂଚନାଯୋଗ୍ୟ ଯେ, ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୮ଟି ପଞ୍ଚାୟତର ପ୍ରାୟ ୫୦ ହଜାର ଜନସାଧାରଣ ନିର୍ଭରଶୀଳ ଅଟନ୍ତି। ଅପରପକ୍ଷେ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫନର୍ସ, ଓ ଅନ୍ୟ କର୍ମଚାରି ମାନେ ରହିବା ପାଇଁ କ୍ୱାର୍ଟର୍ସ ନାହିଁ। ବାଉଣ୍ଡାରୀ ୱାଲ ନାହିଁ। ରୋଗୀଙ୍କ ପାଇଁ ବିଶୁଦ୍ଧ ଥଣ୍ଡା ପାନୀୟଜଳର ବ୍ୟବସ୍ଥା ନାହିଁ। ରୋଗୀଙ୍କୁ ଚିକିତ୍ସା ପାଇଁ ଗୃହ ନାହିଁ। ଫଳରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଜଣେ ଡାକ୍ତର ନିଯୁକ୍ତି ଦେବା ସହିତ ଆବଶ୍ୟକିୟ ଅନ୍ୟାନ୍ୟ ସମସ୍ୟା ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

**ଘର ଓ ଫସଲ ହାନି ରିପୋର୍ଟ ପ୍ରସ୍ତୁତି ସହ ରିଲିଫ୍ ବଣ୍ଟନ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ**

# ବନ୍ୟା କ୍ଷୟକ୍ଷତି ଆକଳନ କରିବାକୁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୧୨।୯ (ସମିସ)

ବନ୍ୟା ପରବର୍ତ୍ତୀ ସ୍ଥିତିରେ କ୍ଷତିଗ୍ରସ୍ତ ଲୋକଙ୍କୁ ଶୀଘ୍ର ସରକାରୀ ସହାୟତା ପହଞ୍ଚାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶାସନିକ ତତ୍ପରତା ବଢ଼ିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଘର ଓ ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନଠାରୁ ଆରମ୍ଭ କରି ଗୃହ ନିର୍ମାଣ ସହାୟତା, ପୋଷାକ ଓ ବାସନକୁସନ କ୍ଷତିର ରେକର୍ଡ ପ୍ରସ୍ତୁତି, କୃଷି ନିବେଶ ସହାୟତା ମାମଲାର ରେକର୍ଡ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଇଛି। ଏ ନେଇ ଜିଲ୍ଲାର ସମସ୍ତ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ପର୍ଯ୍ୟାୟଭିତ୍ତିକ ଦାୟିତ୍ୱ ପାଇଁ ବ୍ୟବସ୍ଥା କରିବାକୁ ବିଡିଓ ଓ ତହସିଲଦାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚିଠି ନଂ ୨୮୦୨, ୧୧।୯ରେ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ସେପ୍ଟେମ୍ବର ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ନିୟୋଜିତ ଅଧିକାରୀ ଓ କର୍ମଚାରୀ ବନ୍ୟା ସମ୍ପର୍କିତ ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିବେ। କ୍ଷୟକ୍ଷତି ଆକଳନରେ ଅବହେଳା ନୁହେଁ। ବନ୍ୟାରେ କାହାର ଘର କ୍ଷତିଗ୍ରସ୍ତ ହୋଇଛି, କେତେ ଚାଷଜମିରେ ଫସଲ ନଷ୍ଟ ହୋଇଛି ଓ କେଉଁ ପରିବାର କେଉଁ ପ୍ରକାର ସହାୟତା ପାଇବାକୁ ଯୋଗ୍ୟତାହାର ସଠିକ ତଥ୍ୟ ସଂଗ୍ରହ ଏବେ ପ୍ରଶାସନ ପାଇଁ ବଡ଼ ଦାୟିତ୍ୱ। ଏଥିରେ ସାମାନ୍ୟ ତ୍ରୁଟି ମଧ୍ୟ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତାରୁ ବଞ୍ଚିତ କରିପାରେ। ତେଣୁ ଘର କ୍ଷୟକ୍ଷତି, ଫସଲ ହାନି, ପୋଷାକ ଓ ବାସନକୁସନ କ୍ଷତି ଆଦିର ରେକର୍ଡ ପ୍ରସ୍ତୁତି ସଠିକ ଓ ସ୍ୱଚ୍ଛ ଭାବେ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ୍ ଚାଉଳ ବଣ୍ଟନ କାର୍ଯ୍ୟକୁ ମଧ୍ୟ ନିର୍ଦ୍ଦେଶନାମାରେ ସାମିଲ କରାଯାଇଛି। ଯୋଗ୍ୟ ପରିବାର ଯେପରି ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି, ବଣ୍ଟନ ବ୍ୟବସ୍ଥାରେ ଯେପରି କୌଣସି ଅନିୟମିତତା ନହୁଏ, ସେଥିପ୍ରତି ପ୍ରଶାସନର ନଜର ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ବନ୍ୟା ପରିସ୍ଥିତିରେ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିକୁ ମଧ୍ୟ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇଛି। ସମ୍ପୃକ୍ତ କାର୍ଯ୍ୟାଳୟର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଜିଲ୍ଲାପାଳଙ୍କ ପୂର୍ବ ଅନୁମତି ବିନା ନିଜ ମୁଖ୍ୟାଳୟ ଛାଡ଼ି ପାରିବେନାହିଁ। ଏହି ନିର୍ଦ୍ଦେଶରେ କୌଣସି ବ୍ୟତିକ୍ରମ ହେଲେ ତାହାକୁ ଗୁରୁତର ଭାବେ ନିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ସରକାରୀ ସହାୟତା ପାଇଁ ରେକର୍ଡ ପ୍ରସ୍ତୁତି ଓ ରିଲିଫ୍ ବଣ୍ଟନ ଭଳି ଗୁରୁତ୍ୱପୂର୍ଣ୍ଣ କାମ ଚାଲିଥିବାରୁ କର୍ମଚାରୀ ମୁଖ୍ୟାଳୟରେ ଉପଲବ୍ଧ ରହିବା ଉପରେ ପ୍ରଶାସନ ଜୋର ଦେଇଛି। ବର୍ତ୍ତମାନ ପ୍ରଶାସନର ଅସଲ ପରୀକ୍ଷା ହେଉଛି କାଗଜରେ କ୍ଷୟକ୍ଷତିର ଆକଳନ ନୁହେଁ, ବରଂ ପ୍ରକୃତ ବନ୍ୟାକ୍ଷତ ପରିବାର ପାଖରେ ସମୟରେ ସହାୟତା ପହଞ୍ଚାଇବା। ଆଗାମୀ ୧୬ ତାରିଖ ମଧ୍ୟରେ ଅଧିକାରୀ ଓ କର୍ମଚାରୀଙ୍କ ଏହି ଦାୟିତ୍ୱ ସମ୍ପାଦନ କେତେ ସଫଳ ହେଉଛି, ତାହା ଉପରେ ଏବେ ନଜର ରହିଛି।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୫୫ ● ପାଉଣ୍ଡ ୧୨୯.୦୮
- ୟୁରୋ ୧୧୦.୮୧ ● ୟେନ୍ ୦.୬୨

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୭୦୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୭୮୧.୦୦
- ନିଫ୍ଟି ୨୩,୩୯୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ପାର୍ବଣକୁ ପିତା କରିବ ଚିନି ଦର

**ନୂଆଦିଲ୍ଲୀ,୧୨।୯ (ଏଜେନ୍ସି):** ଆରମ୍ଭ ହୋଇଗଲାଣି ପାର୍ବଣର ମାହୋଲ୍। ଆଉ ଗୋଟିଏ ଦିନ ପରେ ଗଣେଷ ପୂଜା। ଗଣେଷ ପୂଜା, ଦଶହରା, ଦୀପାବଳି ଏବଂ କାଳୀପୂଜା ପୂର୍ବରୁ ଦେଶରେ ମହଙ୍ଗା ହୋଇଛି ଚିନି ଦର। ଖୁଚୁରା ବଜାରରେ ଚିନି କିଲୋ ପିଛା ୮୦ ଟଙ୍କା ଛୁଇଁଛି। ଭାରତରୁ ଆମଦାନିର ପ୍ରବଳ ଚାହିଦା ଏବଂ ବିଶ୍ୱର ସର୍ବବୃହତ ଉତ୍ପାଦକ ବ୍ରାଜିଲରେ ଆଖୁ ପେଷଣରେ ବିଳମ୍ବ ଯୋଗୁଁ କଞ୍ଚା ଚିନି ଫ୍ୟୁଚର୍ସ ମୂଲ୍ୟ ମାର୍ଚ୍ଚ ୨୦୨୫ ପରଠାରୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, କେନ୍ଦ୍ର ଖାଦ୍ୟ ମନ୍ତ୍ରଣାଳୟ ଘରୋଇ ମିଲ୍‌ଗୁଡିକୁ ପାର୍ବଣ ଋତୁରେ ବିନା କାରଣରେ ମୂଲ୍ୟ ବୃଦ୍ଧି କରିବା ନେଇ ଚେତାବନୀ ଦେବା ସତ୍ତ୍ୱେ ବଜାରରେ ଦର ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଚଳିତବର୍ଷ କ୍ରୁଡ୍ ବା କଞ୍ଚା ଚିନି ମୂଲ୍ୟ ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି। କାରଣ ୨୦୨୬-୨୭ ଋତୁରେ ବିଶ୍ୱ ପରିସ୍ଥିତି ଏକ ଅତିରିକ୍ତରୁ ଅଭାବ ଜନିତ ସ୍ଥିତିକୁ ଆସିଯାଇଛି। ଆଗାମୀ ଋତୁରେ ବିଶ୍ୱ ବଜାରରେ ପ୍ରାୟ ୨୬୦,୦୦୦ ଟନ୍ ଚିନିର ଅଭାବ ଦେଖାଦେବ ବୋଲି ଅନ୍ତର୍ଜାତୀୟ ଚିନି ସଂଗଠନ ଆକଳନ କରିଛି।

କେତେକ ଅନ୍ତର୍ଜାତୀୟ ଏବଂ ଘରୋଇ କାରଣ ଯୋଗୁଁ ଚିନି ଦର ୧୭ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବ୍ରାଜିଲରେ ଯୋଗାଣ ପ୍ରତିବନ୍ଧକ ଏବଂ ଅଗଷ୍ଟରେ ଘରୋଇ ବଜାରରେ ଚିନି ଦର ରେକର୍ଡ ସ୍ତରରେ ପହଞ୍ଚିବା ପରେ ସରକାର ଅଗଷ୍ଟ ପହିଲାରେ ୧୦ ଲକ୍ଷ ଟନ୍‌ର କରମୁକ୍ତ ଆମଦାନୀ କୋଟା ଖୋଲିଥିଲେ। ହେଲେ ହଠାତ୍ ଚାହିଦା ବୃଦ୍ଧି ଯୋଗୁଁ ହୋଇନାହିଁ, ବରଂ ଏହା ପାର୍ବଣ ସମୟରେ ଆହୁରି ମୂଲ୍ୟ ବୃଦ୍ଧି ଆଶା କରି ବେଆଇନ ମହଜୁଦ ଯୋଗୁ ହୋଇଛି। କହୁଛନ୍ତି। ହେଲେ, ବାସ୍ତବ ସ୍ଥିତି ଭିନ୍ନ ଏବେ ବି ଦେଶର ଅନେକ ଭାଗରେ ଚିନି କିଲୋ ପିଛା ୭୫ -୮୦ ଟଙ୍କା ସ୍ତରରେ ରହିଛି। ଅପରପକ୍ଷେ କ୍ରମାଗତ ଭାବେ



## ଖୁଚୁରା ବଜାରରେ ଦର ୮୦ ଟଙ୍କା ଛୁଇଁଲା
## ବିଶ୍ୱ ବଜାରରେ ଦର ୧୭ ମାସରେ ସର୍ବାଧିକ
## ସମସ୍ୟାରୁ ବାଦ୍ ପଡିଲାନି ବ୍ରାଜିଲ୍

ଭାରତରେ ଚାହିଦା ବୃଦ୍ଧି ଯୋଗୁଁ ସରକାର କରମୁକ୍ତ ଆମଦାନିକୁ ମଞ୍ଜୁରୀ ଦେଇଛନ୍ତି। ପାର୍ବଣ ଋତୁରେ କୃତ୍ରିମ ଅଭାବ ଏବଂ ମହଜୁଦକାରୀଙ୍କୁ ରୋକିବା ପାଇଁ ସରକାର ମିଲ୍‌ଗୁଡ଼ିକୁ ଗଚ୍ଛିତ ଏବଂ ମନଇଚ୍ଛା ମୂଲ୍ୟବୃଦ୍ଧି ବିରୁଦ୍ଧରେ କଡ଼ା ଚେତାବନୀ ଦେଇଛନ୍ତି। କେବଳ ଚିନି କାହିଁକି ବଜାରରେ ଗୁଡ଼ ଦର ମଧ୍ୟ ଖୁବ୍ ଉପରେ ରହିଛି।ଚିନି ଦର ବୃଦ୍ଧିର ପ୍ରଭାବ ଏବେ ଗୁଡ଼ ସହ ମିଷ୍ଟାନ୍ନ ସାମଗ୍ରୀର ମୂଲ୍ୟ ଉପରେ ଦେଖିବାକୁ ମିଳୁଛି। ବିଶ୍ୱର ସବୁଠାରୁ ବଡ଼ ଚିନି ରପ୍ତାନିକାରୀ ଏବଂ ଦ୍ୱିତୀୟ ବୃହତ ଉତ୍ପାଦକ ଏବେ ନିଜ ଦେଶରେ ହିଁ ଘୋର ଚିନି ସମସ୍ୟାର ସମ୍ମୁଖୀନ ହେଉଛି। ପରିସ୍ଥିତି ଏମିତି ହୋଇଛି ଯେ, ଭାରତ ପ୍ରାୟ ଏକ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ବ୍ରାଜିଲରୁ ଚିନି ଆମଦାନୀ କରୁଛି। ଚିନିକଳଗୁଡ଼ିକୁ ପାର୍ବଣ ଋତୁରେ ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ କରିବାକୁ ଏବଂ ଉଚିତ ମୂଲ୍ୟରେ ଚିନି ବିକ୍ରି କରିବାକୁ କହିଛନ୍ତି। ଗତ ମାସରେ ଦର ବୃଦ୍ଧି

ଭାରତରେ ଚିନି ଚାହିଦା ସାଧାରଣତଃ ଅଗଷ୍ଟ ଏବଂ ନଭେମ୍ବର ମଧ୍ୟରେ ସର୍ବାଧିକ ଥାଏ। ଏହି ସମୟରେ ଗଣେଶ ଚତୁର୍ଥୀ, ଦଶହରା ଏବଂ ଦୀପାବଳି ଭଳି ପ୍ରମୁଖ ପର୍ବ ପାଳନ କରାଯାଏ, ଯାହା ଫଳରେ ପାରମ୍ପରିକ ମିଠା ଏବଂ ମିଠା ସାମଗ୍ରୀର ବ୍ୟବହାର ବୃଦ୍ଧି ପାଏ। ଗତ ମାସରେ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ପରେ ଗତ କିଛି ଦିନ ମଧ୍ୟରେ ମୂଲ୍ୟ କିଛିଟା ହ୍ରାସ ପାଇଥିବା ସରକାର ବଢୁଥିବା ତୈଳ ମୂଲ୍ୟ ଚିନି ମୂଲ୍ୟ ବୃଦ୍ଧିକୁ ଇନ୍ଧନ ଦେଉଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଦେଶର ମୌସୁମୀ ଋତୁରେ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ବର୍ଷା ସ୍ୱାଭାବିକ ସ୍ତରଠାରୁ ପ୍ରାୟ ୧୫% କମ୍ ରହିଥିଲା। ତୈଳ ମୂଲ୍ୟ ବୃଦ୍ଧି ମଧ୍ୟ ଚିନି ମୂଲ୍ୟକୁ ସମର୍ଥନ କରୁଛି। ଏହା ମିଲ୍‌ଗୁଡ଼ିକୁ ଇଥାନଲ୍ ଉତ୍ପାଦନକୁ ଅଧିକ ଆଖୁ ସ୍ଥାନାନ୍ତର କରିବାକୁ ଉତ୍ସାହିତ କରିପାରେ, ଯାହା ଚିନି ଉତ୍ପାଦନ ହ୍ରାସ କରିପାରିବ।

### ବୈଦେଶିକ ମୁଦ୍ରାଭଣ୍ଡାରରେ ରେକର୍ଡ ବୃଦ୍ଧି

# ଋଷିଆକୁ ପଛରେ ପକାଇ ୪ର୍ଥ ସ୍ଥାନରେ ଭାରତ

**ମୁମ୍ବଇ, ୧୨।୯ (ଏଜେନ୍ସି):** ବୈଦେଶିକ ମୁଦ୍ରାଭଣ୍ଡାର ଦୃଷ୍ଟିରୁ ଭାରତ ବିଶ୍ୱର ୪ର୍ଥ ବୃହତ୍ ଦେଶ ପାଲଟିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ପ୍ରବାସୀ (ବ୍ୟାଙ୍କ) ଓ ଏଫସିଏନଆର(ବି) ଜମା ଯୋଜନାରେ ଡଲାରର ରେକର୍ଡ ପ୍ରବାହ ଯୋଗୁ ସମ୍ଭବ ହୋଇଛି। ଆରବିଆଇ ଅନୁସାରେ ସେପ୍ଟେମ୍ବର ୪ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୪୪.୯ ବିଲିୟନ ଡଲାର ବୃଦ୍ଧି ପାଇ ୭୮୫.୭ ବିଲିୟନ ଡଲାରର ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଛି। ବ୍ଲୁମବର୍ଗ ତଥ୍ୟ ଅନୁସାରେ ବୈଦେଶିକ ମୁଦ୍ରାଭଣ୍ଡାରରେ ଏହି ରେକର୍ଡ ଅଭିବୃଦ୍ଧି ସହିତ ଋଷିଆକୁ ଭାରତ ୪ର୍ଥ ସ୍ଥାନରୁ ଠେଲିଦେଇଛି। ଏବେ ଭାରତ କେବଳ ଚୀନ(୩.୮୫ ଟ୍ରିଲିୟନ ଡଲାର), ଜାପାନ (୧.୨୧ ଟ୍ରିଲିୟନ ଡଲାର) ଓ ସ୍ୱିଜରଲ୍ୟାଣ୍ଡ (୧.୦୯ ଟ୍ରିଲିୟନ ଡଲାର) ପଛକୁ ରହିଛି। ଭାରତର ବୈଦେଶିକ ମୁଦ୍ରାଭଣ୍ଡାରରେ ଏହି ରେକର୍ଡ ବୃଦ୍ଧି ସେତେବେଳେ ହୋଇଛି ଯେତେବେଳେ ସ୍ୱର୍ଣ୍ଣ ଭଣ୍ଡାରରେ ୨.୫୯ ବିଲିୟନ ଡଲାରର ହ୍ରାସ ଦେଖାଦେଇଛି। ଏବେ ଏହି ଭଣ୍ଡାର ୧୧୩.୮୧ ବିଲିୟନ ଡଲାରରେ ପହଞ୍ଚିଛି।

**ବୈଦେଶିକ ମୁଦ୍ରାଭଣ୍ଡାର ୭୮୫.୭ ବିଲିୟନ ଡଲାରର ରେକର୍ଡ ସ୍ତର ଛୁଇଁଲା**

**ଏବେ ଭାରତ କେବଳ ଚୀନ, ଜାପାନ ଓ ସ୍ୱିଜରଲ୍ୟାଣ୍ଡ ପଛକୁ ରହିଛି**

ବୈଦେଶିକ ମୁଦ୍ରାଭଣ୍ଡାରର ଅଭିବୃଦ୍ଧି ଦେଶର ଆର୍ଥିକ ଦୃଢତାକୁ ଦର୍ଶାଏ ଓ ଆରବିଆଇଙ୍କୁ ଟଙ୍କା ଅସ୍ଥିର ହେଲେ ଏହାକୁ ସ୍ଥିର କରିବାକୁ ସାଧନ ଦେଇଥାଏ। ଏକ ମଜଭୁତ ବିଦେଶୀ ମୁଦ୍ରାଭଣ୍ଡାର ଆରବିଆଇଙ୍କୁ ସ୍ପଟ ଓ ଫରୱାର୍ଡ ମୁଦ୍ରା ବଜାରରେ ହସ୍ତକ୍ଷେପ କରିବାକୁ ଅନୁମତି ଦେଇଥାଏ। ଏହା ଦ୍ୱାରା ଭାରତୀୟ ମୁଦ୍ରାର ଦର ହ୍ରାସକୁ ନିୟନ୍ତ୍ରଣ କରାଯାଇପାରିବ। ଆରବିଆଇଙ୍କ ଏଫସିଏନଆର(ବି) ଜମା ଯୋଜନାରେ ବ୍ୟାଙ୍କଗୁଡିକ ୧୨୭ ବିଲିୟନ ଡଲାରରୁ ଅଧିକ ଜମା ସଂଗ୍ରହ କରିଛନ୍ତି।

# ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହ

**କଟକ,୧୨।୯ (ସମିସ):** ମାନବତାର ସେବା ଓ ସମାଜର ଉନ୍ନତି ପାଇଁ ରୁଚି ଫାଉଣ୍ଡେସନର ନିରନ୍ତର ଓ ମହତ୍ କାର୍ଯ୍ୟ ସମସ୍ତଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ। କାରଣ ଯୋଗ୍ୟ ଓ କୃତି ପ୍ରତିଭାଙ୍କୁ ସମ୍ମାନିତ କଲେ ଏହା ସେମାନଙ୍କୁ ଅଧିକ ଭଲ କାମ କରିବାକୁ ପ୍ରେରଣା ଦିଏ ବୋଲି ଶନିବାର କଟକର ଶହୀଦ ଭବନଠାରେ ଆୟୋଜିତ ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହକୁ ଉଦ୍‌ଘାଟନ କରି ଭାରତୀୟ ସେନାର ପୂର୍ବତନ ସହ-ସେନାଧକ୍ଷ ଲେଫ୍ଟନାଣ୍ଟ ଜେନେରାଲ ଚଣ୍ଡୀପ୍ରସାଦ ମହାନ୍ତି କହିଛନ୍ତି। ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ ଯେ, ଦୀର୍ଘ ୩୦ ବର୍ଷ ଧରି ରୁଚି ଫାଉଣ୍ଡେସନ ଯେଉଁ ଅଭିନବ କାର୍ଯ୍ୟକ୍ରମ ଜରିଆରେ ପ୍ରତିଭାପୂଜନ ଭଳି ପୂଜ୍ୟପୂଜା ପରମ୍ପରାର ବାହକ ସାଜିଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ। ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କହିଥିଲେ ଯେ, ନିଷ୍ଠା, ଭକ୍ତି ଓ ସାଧନା ସହିତ ଯେ କୌଣସି କାର୍ଯ୍ୟ କଲେ ତାହା ନିଶ୍ଚିତ ଭାବେ ସଫଳ ହେବ। 'ରୁଚି' ଅଧକ୍ଷା ସଙ୍ଗୀତା ସାହୁ ସମସ୍ତଙ୍କୁ ଫାଉଣ୍ଡେସନ ଦିବସରେ ଶୁଭେଚ୍ଛା ଜ୍ଞାପନ କରିଥିଲେ। 'ରୁଚି' ପ୍ରତିଭା ଫାଉଣ୍ଡେସନ୍‌ର ସଭାପତି ତଥା ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ ଉଦ୍‌ବୋଧନ ଦେଇ 'ରୁଚି' ଦୀର୍ଘ ୫୧ ବର୍ଷର ଶିଳ୍ପ ଓ ଉଦ୍ୟୋଗ ସଫଳତାର ଏହି ମାର୍ଗରେ ଓଡ଼ିଶାବାସୀଙ୍କ ଆଶୀର୍ବାଦ ହିଁ ଆମପାଇଁ ବଡ଼ ସମ୍ପଦ ବୋଲି କହିଥିଲେ।

ଚଳିତବର୍ଷ ତ୍ରିଂଶତମ ପ୍ରତିଭା ସମ୍ମାନ ସମାରୋହରେ ଆଦିବାସୀ ଭାଷା ସାହିତ୍ୟର ବିଶିଷ୍ଟ ଗବେଷକ ତଥା ଲେଖକ ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ସମ୍ମାନଜନକ ରୁଚି ଦେଶ ଗୌରବ ସମ୍ମାନ, ବିଶିଷ୍ଟ





## ପଦ୍ମଶ୍ରୀ ଚରଣ, ପଦ୍ମଶ୍ରୀ ସାବରମତୀ, ଦିଲ୍ଲୀପ ରାୟ, ଜ୍ୟୋତିର୍ମୟୀ ଓ ଦୀପ୍ ଗ୍ରେସ୍‌ଙ୍କୁ ରୁଚି ପ୍ରତିଭା ସମ୍ମାନ

ଉଦ୍ୟୋଗୀ ତଥା ସାଂସଦ ଦିଲ୍ଲୀପ ରାୟଙ୍କୁ ରୁଚିର ପ୍ରତିଷ୍ଠାତାଙ୍କ ସ୍ମୃତିରେ ପ୍ରବର୍ତ୍ତିତ ପ୍ରଥମ ଡ. ଶରତ କୁମାର ସାହୁ ସ୍ମାରକୀ ସମ୍ମାନ, ବିଶିଷ୍ଟ ଜୈବିକ କୃଷିବିତ୍ ପଦ୍ମଶ୍ରୀ ସାବରମତୀଙ୍କୁ ରୁଚି ସେବା ଜ୍ୟୋତି ସମ୍ମାନ, ଦେଶର ଇଣ୍ଡିଆନ ଆଇଡଲ ବିଜୟିନୀ ସୁକଣ୍ଠୀ ଗାୟିକା ଜ୍ୟୋତିର୍ମୟୀ ନାୟକଙ୍କୁ ରୁଚି ଦେଶ ଜ୍ୟୋତି ସମ୍ମାନ, ସର୍ବଭାରତୀୟ ପ୍ରଶାସନିକ ସେବା କ୍ଷେତ୍ରରେ ଓଡ଼ିଶା ଟପ୍ପର ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ରୁଚି ବିଦ୍ୟାସାଗର ସମ୍ମାନ ଏବଂ ଭାରତୀୟ ମହିଳା ହକିର ପ୍ରାକ୍ତନ ଉପ-ଅଧିନାୟିକା ଅଲମ୍ପିଆନ୍ ଦୀପ୍ ଗ୍ରେସ୍ ଏକ୍କାଙ୍କୁ ରୁଚି ବାରବାଟୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ପାର୍ଥସାରଥୀ ମହାନ୍ତ ଓ ଆଶୁତୋଷ ନାୟକଙ୍କୁ ରୁଚି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେସନ ପକ୍ଷରୁ 'ଆମରୁଚି'ର ଏକ ସ୍ୱତନ୍ତ୍ର ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।ଫାଉଣ୍ଡେସନ୍ ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଲେ। ଏହି ଅବସରରେ ଏହା ସହିତ ନବନିର୍ମାଣ ପାଇଁ ଅମର କୁମାର ସାହୁ, ଯୁବ ଉଦ୍ୟୋଗୀ ପାଇଁ ଜ୍ୟୋତିର୍ମୟୀ ଦାଶ, କିଚେନ୍ କୁଇନ୍ ପାଇଁ ମୀନାକ୍ଷୀ ପଟ୍ଟନାୟକ, କଳା ଓ ସଂସ୍କୃତି ପାଇଁ ସଂସ୍କୃତି ଶର୍ମା ପ୍ରମୁଖ ଚାରିଜଣ ନବ ପ୍ରତିଭାଙ୍କୁ ଦମ୍‌ଦାର ଓଡ଼ିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ଅତିଥି ଭାବେ ରୁଚିର ପରିଚାଳନା ନିର୍ଦ୍ଦେଶକ, ନିର୍ଦ୍ଦେଶିକା ସଲିନା ସାହୁ ପ୍ରମୁଖ ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ। ଏଥିରେ ଫାଉଣ୍ଡେସନ୍ ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ, କମ୍ପାନୀ ସଚିବ ରତିରଞ୍ଜନ ଦାଶ, ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ରୁଚିର ବରିଷ୍ଠ ଅଧିକାରୀ ସୁଦର୍ଶନ କୁମାର, ଅଚ୍ୟୁତାନନ୍ଦ ସାହୁ, ନିଶିକାନ୍ତ ଜେନା, ଲକ୍ଷ୍ମୀଧର ସାହୁ, ସାଇସସ୍ମିତା ନାୟକ, ଅକ୍ଷୟ କୁମାର ପଣ୍ଡା, ଦେବଦତ୍ତ ସା, ରାଜେଶ କୁମାର ସାହୁ, ନିହାର ରଞ୍ଜନ ସାହୁ, ରାମଚନ୍ଦ୍ର ବେହେରା, ହ୍ୱାଇଟ୍ କାନ୍‌ଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା, ଶୁଭମ୍ ଓ ଅଙ୍କିତା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱର ଦୀର୍ଘତମ ଷ୍ଟିଲ୍ ସ୍ଲାଗ୍ ସଡ଼କ ନିର୍ମାଣ କରି ଜିନ୍ଦଲ ଷ୍ଟିଲ୍‌ର ଗିନିଜ୍ ରେକର୍ଡ

**ନୂଆଦିଲ୍ଲୀ, ୧୨।୯:** ଛତିଶଗଡ ରାୟଗଡରେ ଜିନ୍ଦଲ ଷ୍ଟିଲ୍, ଦେଶର ବୈଜ୍ଞାନିକମାନଙ୍କ ସହଯୋଗରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। କମ୍ପାନୀ ପକ୍ଷରୁ କାରଖାନାରୁ ନିର୍ଗତ ହେଉଥିବା ଷ୍ଟିଲ୍ ସ୍ଲାଗ୍‌ର ଶତ ପ୍ରତିଶତ ଉପଯୋଗ କରାଯାଇ ୧.୮୫ କିଲୋମିଟର ଦୀର୍ଘ ୪-ଲେନ୍ ବିଶିଷ୍ଟ ସଡ଼କ ନିର୍ମାଣ କରାଯାଇଛି। ସମ୍ପୂର୍ଣ୍ଣ ପ୍ରକ୍ରିୟାକରଣ ପରେ ଷ୍ଟିଲ୍ ସ୍ଲାଗ୍‌ରେ ନିର୍ମିତ ଏହି ସଡ଼କ, ବିଶ୍ୱର ଦୀର୍ଘତମ ଷ୍ଟିଲ୍ ସ୍ଲାଗ୍ ସଡକ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ଅଧିକାର କରିଛି। ଏହି ସଡ଼କ ନିର୍ମାଣରେ





ପ୍ରାୟ ୨ ଲକ୍ଷ ଟନ୍ ପ୍ରକ୍ରିୟାକୃତ ଷ୍ଟିଲ୍ ସ୍ଲାଗ୍ ବ୍ୟବହାର କରାଯାଇଛି। ପାରମ୍ପରିକ ସଡକ ତୁଳନାରେ ଏହି ସଡକ ପ୍ରାୟ ୩୫ ପ୍ରତିଶତ (ପତଳା) ହୋଇଥିବା ବେଳେ, ନିର୍ମାଣ ଖର୍ଚ୍ଚରେ ପ୍ରାୟ ୪୦ ପ୍ରତିଶତ ଅର୍ଥ ସଞ୍ଚୟ ହୋଇପାରିଛି। ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ସିଏସ୍‌ଆଇଆର୍ ଏବଂ ସେଣ୍ଟ୍ରାଲ୍ ରୋଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ସହଯୋଗରେ ବୈଜ୍ଞାନିକ ପ୍ରକ୍ରିୟା ମାଧ୍ୟମରେ ଷ୍ଟିଲ୍ ସ୍ଲାଗ୍‌କୁ ସଡ଼କ ନିର୍ମାଣ ଉପଯୋଗୀ କରାଯାଇଛି। ଏଥିରେ ସ୍ଲାଗ୍‌ର କ୍ରସିଂ, ମେଟାଲକୁ ଅଲଗା କରିବା ଏବଂ ଗ୍ରେଡିଂ ଭଳି ପ୍ରକ୍ରିୟା ସାମିଲ ରହିଛି। ସଡକର ସବୁଠାରୁ ତଳ ସ୍ତରଠାରୁ ଆରମ୍ଭ କରି ଉପରିସ୍ଥ ବିଟୁମିନ୍ ସ୍ତର ପର୍ଯ୍ୟନ୍ତ ଏହି ପ୍ରକ୍ରିୟାକୃତ ସ୍ଲାଗ୍‌ର ବ୍ୟବହାର କରାଯାଇଛି। ସମସ୍ତ ଆବଶ୍ୟକୀୟ ପରିବେଶୀୟ ପରୀକ୍ଷଣ ପରେ ଏହି ନୂତନ ପ୍ରଯୁକ୍ତିକୁ ଅନୁମୋଦନ ମିଳିଛି। ଏହି ଅବସରରେ ଜିନ୍ଦଲ ଷ୍ଟିଲ୍‌ର ଚେୟାରମ୍ୟାନ୍ ନବୀନ ଜିନ୍ଦଲ କହିଛନ୍ତି ଯେ, ଏହି ପ୍ରଯୁକ୍ତି ଦର୍ଶାଉଛି ଯେ, ଶିଳ୍ପରୁ ନିର୍ଗତ ବର୍ଜ୍ୟ କିପରି ରାଷ୍ଟ୍ର ନିର୍ମାଣର ଏକ ମାଧ୍ୟମ ହୋଇପାରେ।

# ଇପିଏଫ୍‌ଓର 'ବିଶ୍ୱାସ ଯୋଜନା ୨୦୨୬' ସଚେତନତା ଅଭିଯାନ





**ଭୁବନେଶ୍ୱର,୧୨।୯ (ସମିସ):** କର୍ମଚାରୀ ଭବିଷ୍ୟନିଧି ଆୟୋଗ ପକ୍ଷରୁ ଭୁବନେଶ୍ୱର ଇପିଏଫ୍‌ଓ ଅଧିନସ୍ଥ ଜିଲ୍ଲା କାର୍ଯ୍ୟାଳୟ କଟକଙ୍କ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ମୌସୁମୀଲତା ପାଢୀ କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ-୨ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟର ୪ ସ୍କିମ୍ 'ବିଶ୍ୱାସ ଯୋଜନା-୨୦୨୬ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା, ଏମ୍ପ୍ଲଇଜ୍ ଏନ୍‌ରୋଲମେଣ୍ଟ ସ୍କିମ୍-୨୦୨୬ ଏବଂ ଆମେନସିଟି ସ୍କିମ୍-୨୦୨୬ ସମ୍ପର୍କରେ ସୂଚନା ଦେଇଥିଲେ। କୁମାରୀ ବିପ୍ଳବୀସିଂହ ଚୌହାନ, ସହାୟକ ଭବିଷ୍ୟନିଧି ଆୟୁକ୍ତ ବିଶ୍ୱାସ ସ୍କିମ୍‌ର ପ୍ରମୁଖ ଗୁଣାବଳୀ ବିଷୟରେ ବର୍ଣ୍ଣନା କରିଥିଲେ। ଶଶାଙ୍କ ରାୟ, ବରିଷ୍ଠ ସାମାଜିକ ସହାୟକ ଡିଜିଟାଲ 'ବିଶ୍ୱାସ ପ୍ରାମଣପତ୍ର ଅନ୍‌ଲାଇନ୍ ମାଧ୍ୟମରେ କିପରି ଆବେଦନ କରିପାରିବେ ସେ ସମ୍ବନ୍ଧରେ ବୁଝାଇଥିଲେ। ପରେ ଭବିଷ୍ୟନିଧି ଆୟୁକ୍ତ ଶ୍ରୀମତୀ ପାଢୀ ନିଯୁକ୍ତିଦାତାଙ୍କର ପ୍ରଶ୍ନଗୁଡ଼ିକର ସ୍ପଷ୍ଟୀକରଣ ଓ ଉତ୍ତର ଦେଇଥିଲେ। ଏଥିରେ ଚିତ୍ତରଞ୍ଜନ ସ୍ୱାଇଁ, ପ୍ରବର୍ତ୍ତନ ଅଧିକାରୀ ଜଗତସିଂହପୁର, ମନୋରଞ୍ଜନ ମହାପାତ୍ର, ପ୍ରବର୍ତ୍ତନ ଅଧିକାରୀ ଅନୁଗୋଳ, ଢେଙ୍କାନାଳ, ସୂର୍ଯ୍ୟନାରାୟଣ ବେହେରା, ପ୍ରବର୍ତ୍ତନ ଅଧିକାରୀ କଟକ, ରଘୁନାଥ ମହାରଣା, କଟକ ଏବଂ ଦେବେନ୍ଦ୍ର ସାହୁ, ପ୍ରବର୍ତ୍ତନ ଅଧିକାରୀ ଯାଜପୁର ନିଯୁକ୍ତିଦାତାଙ୍କୁ ଏହି ସ୍କିମ୍ ବିଷୟରେ ଅବଗତ କରାଇଥିଲେ।

# ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟରେ ଏନ୍‌ବିବିଏଲ୍‌ର ବ୍ୟାଙ୍କିଙ୍ଗ କନେକ୍ଟ ନୂତନ ସୁବିଧା

**ଭୁବନେଶ୍ୱର,୧୨।୯ (ସମିସ):** ଭାରତୀୟ ଜାତୀୟ ପେମେଣ୍ଟ ନିଗମର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ ଏନପିସିଆଇ ଭାରତ ବିଲପେ ଲିମିଟେଡ୍ ବ୍ୟାଙ୍କିଙ୍ଗ କନେକ୍ଟରେ ମ୍ୟାଣ୍ଡେଟ୍ ଏବଂ ଲିଏନ୍ ମାର୍କିଂ ସହିତ ଆକାଉଣ୍ଟ ଭେରିଫିକେସନ୍, ଯାହାକୁ ଥାର୍ଡ-ପାର୍ଟି ଭ୍ୟାଲିଡେସନ୍ ମଧ୍ୟ କୁହାଯାଏ, ଆରମ୍ଭ କରିବା ନେଇ ଘୋଷଣା କରିଛି। ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୬ରେ ଏହି ଶୁଭାରମ୍ଭ କରାଯାଇଥିଲା, ଯାହାଦ୍ୱାରା ବର୍ତ୍ତମାନର ବ୍ୟାଙ୍କିଂ କନେକ୍ଟ ପ୍ଲାଟଫର୍ମର କ୍ଷମତାକୁ ଆହୁରି ବିସ୍ତାର କରାଯାଇଛି। ବ୍ୟାଙ୍କିଙ୍ଗ କନେକ୍ଟରେ ମ୍ୟାଣ୍ଡେଟ୍ ବ୍ୟାଙ୍କିଙ୍ଗ କନେକ୍ଟରେ ମ୍ୟାଣ୍ଡେଟ୍ ସୁବିଧା ଗ୍ରାହକମାନଙ୍କୁ ସହମତ ହୋଇଥିବା ସର୍ତ୍ତ ଅନୁଯାୟୀ ଜଣେ ମର୍ଚ୍ଚାଣ୍ଟଙ୍କୁ ପେମେଣ୍ଟ କରିବା ପାଇଁ ନିଜ ବ୍ୟାଙ୍କକୁ ସ୍ଥାୟୀ ନିର୍ଦ୍ଦେଶ ଦେବାର ସୁବିଧା ପ୍ରଦାନ କରିବ। ଗ୍ରାହକମାନେ ଓଟିପି, ଏମ୍‌ପିନ୍ କିମ୍ବା ବାୟୋମେଟ୍ରିକ୍ସ ଭଳି ସମର୍ଥିତ ପ୍ରମାଣୀକରଣ ପ୍ରଣାଳୀ ବ୍ୟବହାର କରି ନିଜ ବ୍ୟାଙ୍କର ଆପ୍ କିମ୍ବା ୱେବସାଇଟ୍ ମାଧ୍ୟମରେ ଥରେ ମ୍ୟାଣ୍ଡେଟ୍‌କୁ ଅନୁମୋଦନ କରିବେ। ଏହାପରେ ଜାରିକର୍ତ୍ତା ବ୍ୟାଙ୍କ ଏକ ୟୁନିକ୍ ମ୍ୟାଣ୍ଡେଟ୍ ନମ୍ବର ସୃଷ୍ଟି କରିବ। ଗ୍ରାହକ ଅନୁମୋଦନ କରିବା ପୂର୍ବରୁ, ମ୍ୟାଣ୍ଡେଟ୍‌ରେ ନିର୍ଦ୍ଧାରିତ କିମ୍ବା ସର୍ବାଧିକ ସୀମା ଥିବା ରାଶି, ପେମେଣ୍ଟର ତାରିଖ କିମ୍ବା ଆବୃତ୍ତି ଏବଂ ବୈଧତା ଅବଧି ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ।

### ୟୁପିଆଇର ନୂଆ 'ଟ୍ୟାପ୍ ଆଣ୍ଡ ପେ ଫିଚର'

# ମୋବାଇଲରୁ ଏଟିଏମ୍ କାର୍ଡ ଭଳି ହେବ ପେମେଣ୍ଟ

**ନୂଆଦିଲ୍ଲୀ,୧୨।୯ (ଏଜେନ୍ସି):** ଏଣିକି କ୍ୟୁଆର୍ କୋଡ୍ ସ୍କାନ୍ ନ କରି କିମ୍ବା ପିନ୍ ଏଣ୍ଟ୍ରି ପ୍ରବେଶ ନ କରି ଫୋନ୍‌ରୁ ୟୁପିଆଇ ପେମେଣ୍ଟ କରିହେବ। ଏହା କରିବା ପାଇଁ କେବଳ ଏଟିଏମ୍ କିମ୍ବା କ୍ରେଡିଟ୍ କାର୍ଡ ପରି ସ୍ୱାଇପ୍ ମେସିନ୍‌ରେ ଫୋନ୍‌କୁ ଟ୍ୟାପ୍ କରିବାକୁ ହେବ। ଏହି ନୂଆ ବ୍ୟବସ୍ଥା ସାହାଯ୍ୟରେ, ଥରକେ ବ୍ୟବହାରକାରୀ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଟ୍ରାନ୍ସଫର କରିପାରିବେ। ୟୁପିଆଇ ପେମେଣ୍ଟକୁ ସହଜ କରିବା ପାଇଁ ଶୁକ୍ରବାର ଦିନ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ଦୁଇଟି ନୂତନ ଫିଚର୍ ଶଭାରମ୍ଭ କରିଛି।

ପଏଣ୍ଟ-ଅଫ୍-ସେଲ୍ (ପିଓଏସ୍) ଟର୍ମିନାଲ ପାଇଁ "ଟ୍ୟାପ୍ ଆଣ୍ଡ ପେ" ଏବଂ "ଆଇଁୟୁପିଆଇ" ନାମକ ଏକ ଏଆଇ-ଚାଳିତ ଗ୍ରାହକ ସହାୟତା ପ୍ଲାଟଫର୍ମ। ପ୍ରଥମ ବୈଶିଷ୍ଟ୍ୟରେ "ଟ୍ୟାପ୍ ଆଣ୍ଡ ପେ", ୟୁପିଆଇ ପିନ୍ ଏଣ୍ଟ୍ରି ନ କରି ପିଓଏସ୍ ମେସିନରେ ଟ୍ୟାପ୍ କରି ୫୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ ଅନୁମତି ରହିଛି। ଏହି ବୈଶିଷ୍ଟ୍ୟ କୌଣସି ନିର୍ଦ୍ଦିଷ୍ଟ ଆପ୍ ପର୍ଯ୍ୟନ୍ତ ସୀମିତ ନୁହେଁ। ଫୋନ୍ ପେ',ଗୁଗଲ୍ ପେ'





ଏବଂ ପେଟିଏମ୍ ବ୍ୟବହାରକାରୀମାନେ ମଧ୍ୟ ଏଥିରୁ ଉପକୃତ ହେବେ। ଏହା ସମ୍ପ୍ରତି ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ସମୟରେ ଘୋଷଣା କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହି ବୈଶିଷ୍ଟ୍ୟ ବ୍ୟବହାରକାରୀମାନଙ୍କୁ ସେମାନଙ୍କର ସ୍ମାର୍ଟଫୋନରେ ଏନ୍‌ଏଫ୍‌ସି (ନିୟର ଫିଲ୍ଡ କମ୍ୟୁନିକେସନ) ବୈଶିଷ୍ଟ୍ୟ ଚାଲୁ କରିବାକୁ ଏବଂ ଯେକୌଣସି ଦୋକାନରେ ଏନ୍‌ଏଫ୍‌ସି -ସକ୍ଷମ ପିଓଏସ୍ ମେସିନରେ ଟ୍ୟାପ୍ କରି ପେମେଣ୍ଟ କରିବାକୁ ଅନୁମତି ଦିଏ। ପିଓଏସ୍ ମେସିନର ଇଣ୍ଟରନେଟ୍ ସଂଯୋଗ ବ୍ୟବହାର କରି ପେମେଣ୍ଟ ଶେଷ ହୁଏ। ଏହାର ଅର୍ଥ ହେଉଛି ବିଲିଂ

## ବିନା ଇଣ୍ଟର୍ନେଟ୍‌ରେ କରିବ କାମ
## ପେମେଣ୍ଟ ସୀମା ୫୦୦୦ ଟଙ୍କା

କାଉଣ୍ଟରରେ ଇଣ୍ଟରନେଟ୍ ସିଗନାଲ୍ ନ ଥିଲେ ମଧ୍ୟ ପେମେଣ୍ଟ ପ୍ରୋସେସ୍ କରାଯାଇପାରିବ। ଏହା ବିଭିନ୍ନ ୟୁପିଆଇ-ଲିଙ୍କ୍ ଆକାଉଣ୍ଟଗୁଡ଼ିକୁ ସମର୍ଥନ କରେ, ଯେପରିକି ରୂପେ, କ୍ରେଡିଟ୍ କାର୍ଡ ଏବଂ ୟୁପିଆଇ ବିନା ୫୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରାଯାଇପାରିବ।

ହେପରି 'ମାଇଁୟୁପିଆଇ' ସେହି ଉପଭୋକ୍ତାଙ୍କ ପାଇଁ ଯେଉଁମାନେ ବିଭିନ୍ନ ବ୍ୟାଙ୍କରୁ ଆପ୍ ମାଧ୍ୟମରେ କରାଯାଇଥିବା ୟୁପିଆଇ ପେମେଣ୍ଟଗୁଡ଼ିକୁ ଗୋଟିଏ ସ୍ଥାନରେ ଦେଖିବାକୁ ଚାହାଁନ୍ତି। ରିପୋର୍ଟ ଅନୁଯାୟୀ, ଏହା ଏନ୍ତ୍ରିସିଆଇର ଭାଷା ମଡେଲ୍, 'ଫିମି' ଉପରେ ନିର୍ମିତ। ଏହି ବୈଶିଷ୍ଟ୍ୟ ବ୍ୟବହାରକାରୀଙ୍କୁ ସେମାନଙ୍କର ସମସ୍ତ ୟୁପିଆଇ ପେମେଣ୍ଟ ଏବଂ ବିଭିନ୍ନ ବ୍ୟାଙ୍କ ଏବଂ ଆପ୍ ମାଧ୍ୟମରେ କରାଯାଇଥିବା ସ୍ୱୟଂପେମେଣ୍ଟଗୁଡ଼ିକୁ ଗୋଟିଏ ସ୍ଥାନରେ ଦେଖିବାକୁ ଅନୁମତି ଦିଏ। 'ମାଇଁୟୁପିଆଇ' ଅନେକ ସୁରକ୍ଷା ବୈଶିଷ୍ଟ୍ୟ ମଧ୍ୟ ପ୍ରଦାନ କରେ। ଯଦି ଜଣେ ଉପଭୋକ୍ତା ଠକେଇ ସନ୍ଦେହ କରନ୍ତି, ତେବେ ସେମାନେ ତୁରନ୍ତ ୟୁପିଆଇ ପେମେଣ୍ଟ ପ୍ରକ୍ରିୟାକୁ ବନ୍ଦ କରିପାରିବେ। ଉପଭୋକ୍ତା ପେମେଣ୍ଟ ଗ୍ରହଣ କରିବା ସହିତ ଜଡିତ ସେମାନଙ୍କର ମୋବାଇଲ୍ ନମ୍ବରକୁ ହଟାଇପାରିବେ।

୨୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ
ଅମଲାପଡା, ୨ୟଗଳି, ଅନୁଗୋଳ

ଆଜି ତୁମର ୨୦ତମ ଶ୍ରାଦ୍ଧବାର୍ଷିକୀ ।
ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ ।
ତୁମେ ଆମ ପରିବାରର ଗର୍ବ ଆଉ ଗୌରବ । ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ, ଆଦର୍ଶ, ଚିନ୍ତାଧାରା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ-ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ - ସଂଗ୍ରାମ, ବଡ଼ବୋହୂ - ଗୁନି, ମଝିଆବୋହୂ - ମାନି,ବଡ଼ଝିଅ - ମୁନା, ବଡ଼ଜ୍ୱାଇଁ - ବିନୟ, ସାନଝିଅ - ରୀନା, ସାନଜ୍ୱାଇଁ - ରୁଚିର, ସାନପୁଅ - ପାପୁ, ନାତୁଣୀ - ସୋନି, ନାତୁଣୀ ଜ୍ୱାଇଁ - ସୋମୋଜିତ, ନାତି - ଗୁଡୁ, ନାତୁଣୀ - ନୈନା, ନାତି - ସୋନୁ ଏବଂ ବନ୍ଧୁ ଓ ପରିବାର ବର୍ଗ ।

# ୧୮ରେ 'ମାଲିପୁଟ ମେଲୋଡିଜ୍'



ଚଳିତ ସେପ୍ଟେମ୍ବର ୧୮ ତାରିଖରେ ମୁକ୍ତିଲାଭ କରିବ 'ମାଲିପୁଟ ମେଲୋଡିଜ୍'। ଗୋଆରେ ଅନୁଷ୍ଠିତ ୫୬ତମ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ)-୨୦୨୫ ଇଣ୍ଡିଆନ୍ ପାନୋରାମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ହୋଇ ପ୍ରଦର୍ଶିତ ହୋଇଥିଲା। ପିଭିଆରରେ ସ୍ପେସିଆଲ୍ ସ୍କ୍ରିନିଂରେ ମଧ୍ୟ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ଅତିଥି ଉପଭୋଗ କରିଥିଲେ ତା'ର କଳା, ସଂସ୍କୃତି, ସାହିତ୍ୟ ଆଉ ସଙ୍ଗୀତକୁ। କେବଳ ଆଇଏଫ୍ଏଫ୍ଆଇ ନୁହେଁ, ଆଜି ପର୍ଯ୍ୟନ୍ତ ଭାରତ ସହିତ ବିଶ୍ୱ ଦରବାରରେ ଏହା ଆଠଟି ସ୍ଥାନରେ ମନୋନୀତ ହୋଇ ସାରିଛି। ଖାଣ୍ଟି ମୌଳିକ ଓଡ଼ିଆ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଏ ସିନେମାରେ ହୃଦୟସ୍ପର୍ଶୀ କାହାଣୀର ସମାହାର ରହିଛି। ଯାହା ଚିରାଚରିତ ଧାରାଠୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏକ ପାରିବାରିକ ଚଳଚ୍ଚିତ୍ର। ଏଥିରେ ସିନେ ଦୁନିଆରେ ଚିହ୍ନା ମୁହଁ ନାହାଁନ୍ତି। ଏହା ବ୍ୟତୀତ ସିନେମାର ଗୀତ, ସଙ୍ଗୀତ, କାହାଣୀ, ସଂଳାପ, ଚିତ୍ରନାଟ୍ୟ, କଳାକାରଙ୍କ ଜୀବନ୍ତ ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ, ଅତି ଚମତ୍କାର ଓ ଉଚ୍ଚକୋଟୀର ହୋଇଛି। ସିନେମାର ନିର୍ଦ୍ଦେଶକ ବିଶାଳ ପଟ୍ଟନାୟକ ଥିବା ବେଳେ ପ୍ରଯୋଜକ କୌଶିକ ଦାସ ଅଛନ୍ତି। ଗୀତ ଓ ସଙ୍ଗୀତକାର ତୋଷ ନନ୍ଦ, କାହାଣୀକାର ସୁଧାକର ପଟ୍ଟନାୟକ ଏବଂ ସହ ପ୍ରଯୋଜକ ରାମ ପଟ୍ଟନାୟକ ଓ କୌସ୍ତୁଭ ଦାସଙ୍କ ସହ ପୂରା ଟିମ୍। ■



# ପରଦା ପଛର କାହାଣୀ

# ପରିଚାରକଙ୍କ ନାଁରେ ଲୋକପ୍ରିୟ ସଙ୍ଗୀତ

ବଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଯୋଡ଼ି ମଧ୍ୟରେ ରାଜ କପୁର୍ ଏବଂ ନର୍ଗିସଙ୍କ ଯୋଡ଼ି ଅନ୍ୟତମ। ପଚାଶ, ଷାଠିଏ ଦଶକରେ ଏହି ଯୋଡ଼ି ଅନେକ ଉଚ୍ଚକୋଟୀର ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଥିଲେ। ତନ୍ମଧ୍ୟରୁ 'ଶ୍ରୀ- ୪୨୦' ସିନେମା ଗୋଟିଏ। ୧୯୫୫ ମସିହାରେ ମୁକ୍ତିଲାଭ କରିଥିବା 'ଶ୍ରୀ- ୪୨୦' ଏକ କମେଡ଼ି ଡ୍ରାମା ଆଧାରିତ ସିନେମା। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ବକ୍ସ ଅଫିସ୍‌ରେ ଏହା ଭଲ ଆୟ କରିଥିଲା। ଏହି ଫିଲ୍ମର ସମସ୍ତ ଗୀତ ହିଟ୍ ହୋଇଥିବା ବେଳେ ଗୋଟିଏ ଗୀତ ଥିଲା ଯାହା ସୁପରହିଟ୍ ହୋଇଥିଲା। ଏହି 'ରମୈୟା ବସ୍ତାଭୈୟା.....' ଗୀତ ପଛରେ ଏକ ରୋମାଞ୍ଚକର କାହାଣୀ ଥିଲା। ଫିଲ୍ମରେ ରାଜୁ ଟଙ୍କା ଏବଂ ଧନ ସମ୍ପତ୍ତି ମୋହରେ ପଡୁଥିବା ବେଳେ, 'ରମୈୟା ବସ୍ତାବୈୟା...' ଗୀତଟି ତାଙ୍କୁ ବାସ୍ତବତାକୁ ଫେରାଇ ଆଣିଥିଲା। ତେବେ ଫିଲ୍ମର ସଙ୍ଗୀତ ଟିମ୍ ଯେଉଁ ଢାବାରେ ବସି ସମୟ ବିତାଉଥିଲେ ସେଠାରେ 'ରମୈୟା' ନାମକ ଜଣେ ତେଲୁଗୁ ୱେଟର୍ ବା ପରିଚାରକ କାର୍ଯ୍ୟ କରୁଥିଲେ। ଗୀତିକାର ଶଙ୍କର ତେଲୁଗୁ ଭାଷା ବୁଝିପାରୁଥିଲେ। ସେହି ସମୟରେ ଏହି 'ରମୈୟା ବସ୍ତାଭୈୟା' ଭଳି ଶବ୍ଦ ସହ ପରିଚିତ ହେଲେ। ପରବର୍ତ୍ତୀ ସମୟରେ ଏହା ଏକ ଲୋକପ୍ରିୟ ଗୀତ ଭାବେ ପ୍ରସିଦ୍ଧି ଲାଭ କରିଥିଲା। ସେହିପରି ରାଜ୍ କପୁରଙ୍କ ଏହି ଫିଲ୍ମର ନାଁ ମଧ୍ୟ ଖୁବ୍ ରୋଚକୀୟ ଥିଲା। ଏହା ଭାରତୀୟ ଦଣ୍ଡ ସଂହିତାର ଠକେଇ ଏବଂ ଜାଲିଆତି ଧାରା ସହ ଜଡ଼ିତ ଥିବାବେଳେ ରାଜ୍ କପୁର ଏହା ପୂର୍ବରୁ 'ଶ୍ରୀ' ଯୋଡ଼ି ଏଥିରେ ଏକ ବ୍ୟଙ୍ଗାତ୍ମକ ଭାବନା ଯୋଡ଼ି ଥିଲେ। ■

# ଚର୍ଚ୍ଚାରେ 'ମଧୁମାଳତୀ'




ପୂଜା ପାଖେଇ ଆସିଲେ ପୂଜା ବଜାରର ସିନେମାକୁ ନେଇ ଆରମ୍ଭ ହେଇଯାଏ ଚର୍ଚ୍ଚା। ଏଇ କିଛିଦିନ ହେଲା ସବୁଠୁ ବେଶୀ ଚର୍ଚ୍ଚାରେ ଥିବା ସିନେମା 'ମଧୁମାଳତୀ'ର ସୁଟିଂ ନିକଟରେ ଶେଷ ହୋଇଛି। ଅଶି ଦଶକର ପ୍ରେମକାହାଣୀକୁ ନେଇ ପ୍ରସ୍ତୁତ ଏହି ସିନେମା ପୂଜା ସିନେମାର ଭିଡ଼ ଭିତରେ ସବୁ ବର୍ଗର ଦର୍ଶକଙ୍କୁ ଏକ ନିଆରା ଅନୁଭବ ଦେବ ବୋଲି କହିଛନ୍ତି ସିନେମାର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ। ପ୍ରଥମଥର ଓଡ଼ିଆ ସିନେମାରେ ବଲିଉଡ୍ ଅଭିନେତା ସଞ୍ଜୟ ମିଶ୍ରା ଓ ମହାଶ୍ୱେତା ରାୟଙ୍କୁ କେନ୍ଦ୍ର କରି ଏପରି ଏକ କାହାଣୀକୁ ପରଦାକୁ ଆଣିବା ସବୁଠୁ ବଡ଼ ଆହ୍ୱାନ ଥିଲା ବୋଲି କହିଛନ୍ତି ପ୍ରଯୋଜକ ଅଶୋକ ପାଢ଼ୀ ଏବଂ ବ୍ରଜକିଶୋର ମିଶ୍ର। ଅନେକ ଦିନ ପରେ ଓଡ଼ିଆ ଦର୍ଶକ ଗୋଟେ ନିଛକ ମ୍ୟୁଜିକାଲ୍ ଲଭ୍ ଷ୍ଟୋରୀର ଆନନ୍ଦ ନେବେ ଏବଂ ସିନେମାର ଗୀତ ଗୁଡ଼ିକ ମନଛୁଆଁ ହେବ ବୋଲି ଆଶା ରଖିଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ। ଏହି କାହାଣୀ ଜେନ୍ ଜିଙ୍କୁ ଅତୀତ ସହ ପରିଚିତ କରାଇବ। ଜେନ୍ ୱାଇଙ୍କୁ ପିଲାଦିନର ସ୍ମୃତିକୁ ମନେପକାଇବ। ଆଉ ଜେନ୍ ଏକ୍ସଙ୍କୁ ପୁଣି ଥରେ ତାଙ୍କ ଅତୀତକୁ ଫେରାଇ ନେବ ବୋଲି କହିଛନ୍ତି ସିନେମାର ଲେଖକ ପ୍ରିୟବ୍ରତ ପଣ୍ଡା। ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ଆକାଶ, ଭୂମିକା, ପ୍ରଜ୍ଞା, ସନୋଜ୍, କେକେ, ଶୁଭ୍ରାଂଶୁ, ପ୍ରଶାନ୍ତ, ଭାସ୍ୱତୀ ପ୍ରମୁଖ ଅଭିନେତା ଅଭିନେତ୍ରୀ ସିନେମାକୁ ନେଇ ଖୁବ୍ ଆଶାବାଦୀ ଅଛନ୍ତି। ସୋସିଆଲ୍ ମିଡିଆରେ 'ମଧୁମାଳତୀ'କୁ ନେଇ ଚର୍ଚ୍ଚା ରହିଥିବା ବେଳେ ଏହା ଦଶହରାରେ ମୁକ୍ତିଲାଭ କରିବାକୁ ପ୍ରସ୍ତୁତ ବୋଲି ପ୍ରକାଶ କରିଛନ୍ତି ପ୍ରଯୋଜନା ସଂସ୍ଥା। ■

# ପାର୍ବଣ ଋତୁରେ 'ମେଦିନୀପୁରର ମେନକା'



ଆସୁଛି ପାର୍ବଣ ଋତୁ। ପ୍ରତ୍ୟେକ ପର୍ବର ଆଗମନରେ ନିର୍ଦ୍ଦେଶକ ବାବୁ ବାବୁ ଭେଟି ଦେଇଥାନ୍ତି ନୂଆ ମ୍ୟୁଜିକ୍ ଭିଡିଓ। ଚଳିତ ପାର୍ବଣ ଋତୁ ପାଇଁ ଏକ ବଡ଼ ବଜେଟ୍‌ର ମ୍ୟୁଜିକ୍ ଭିଡିଓ ଭେଟି ଦେଇଛନ୍ତି ଓଡ଼ିଆ ଦର୍ଶକଙ୍କୁ ଯାହାର ନାଁ ରହିଛି 'ମେଦିନୀପୁରର ମେନକା'। ପୀୟୁଷ ତ୍ରିପାଠୀ ଓ ପାୟଲଙ୍କ ଯୋଡ଼ିରେ ପ୍ରଥମ ଥର ପାଇଁ ଆସୁଛି ଏହି ମ୍ୟୁଜିକ୍ ଭିଡିଓ। ଗଣେଶ ପୂଜା ଅବସରରେ ମେଦିନୀପୁରର ମେନକା ମୁକ୍ତିଲାଭ କରିବ। ପୀୟୁଷ ତ୍ରିପାଠୀ ଏବଂ ପାୟଲଙ୍କ ବ୍ୟତୀତ ସହ କଳାକାର ଭାବେ ସିନେ ପ୍ରଯୋଜକ ତଥା ଅଭିନେତା ଶ୍ରୀଧର ମାର୍ଥା ଏକ ବିଶେଷ ଭୂମିକାରେ ନଜର ଆସିବେ। ତାଙ୍କ ସହିତ ସିପୁ, ସୋମିଆ ଏବଂ ମାନସ ମଧ୍ୟ ଅଭିନୟ କରିଛନ୍ତି। ପ୍ରଯୋଜନା କରିଛନ୍ତି ପ୍ରଶାନ୍ତ କୁମାର ବେହେରା। ଦେବେଶ ପତି ଏବଂ ଅସୀମା ପଣ୍ଡା କଣ୍ଠଦାନ କରିଥିବା ବେଳେ ବିରଜା ପ୍ରସାଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଡ. ଦୀପକ ଜେନା ଏହି ଗୀତକୁ ରଚନା କରିଛନ୍ତି। ■

ଆଳାପ




# 'ପ୍ରଶଂସକ ମୋର ପରିବାର'

**ନିକିତା ମିଶ୍ର, ଅଭିନେତ୍ରୀ**

୨୦ ଦିନରେ ଲଗାତାର ୪ଟା ମ୍ୟୁଜିକ ଭିଡିଓ କରି ସଫଳତା ସାଉଁଟୁଛନ୍ତି ଲୋକପ୍ରିୟ ଅଭିନେତ୍ରୀ ନିକିତା ମିଶ୍ର। ତାଙ୍କ ଅଭିନୀତ 'ଗେଣ୍ଡୁଫୁଲ', 'ଠୁମ୍‌କା' ମ୍ୟୁଜିକ ଭିଡିଓକୁ ଲୋକଙ୍କ ଅଜସ୍ର ଭଲପାଇବା ମିଳିଥିବା ବେଳେ ନିକଟରେ ରିଲିଜ୍ ହୋଇଛି 'ଅଣ୍ଟାବିଛା'। ସେହିପରି ଆଗକୁ ତାଙ୍କର ନୂଆ ସିନେମା ମୁକ୍ତିଲାଭ ଅପେକ୍ଷାରେ ଅଛି। ଶିଶୁ କଳାକାରରୁ ଏବେ ଆଗଧାଡ଼ିର ଅଭିନେତ୍ରୀ ନିକିତାଙ୍କ ସହ ଏଥରର ଆଳାପ।



**'ଗେଣ୍ଡୁଫୁଲ' ଗୀତଟି ଏବେ ଟ୍ରେଣ୍ଡ କରୁଛି। କ'ଣ କହିବେ?**

- ସ୍ୱୟମ୍ ପାଢ଼ୀ ଚ୍ୟାନେଲ୍‌ରେ ସ୍ୱୟମ ପାଢ଼ୀଙ୍କ ପ୍ରଯୋଜନାରେ ହିଁ 'ଗେଣ୍ଡୁଫୁଲ' ଗୀତଟି ଅଗଷ୍ଟ ୨୧ରେ ରିଲିଜ୍ ହୋଇଥିଲା। ଲୋକଙ୍କ ମନରେ ରାଜ୍ କରୁଛି। ଟ୍ରେଣ୍ଡରେ ଅଛି। ଟ୍ରେଣ୍ଡରୁ ଖସିନି। ଦର୍ଶକେ ବି ନିଜ ଇଚ୍ଛାନୁସାରେ ରିଲ୍ସ କରୁଛନ୍ତି। ଏପରିକି ଓଡ଼ିଶା ବାହାରେ ବି ଲୋକେ ଏହି ଗୀତରେ ରିଲ୍ସ କରି ପଠାଉଛନ୍ତି। ଖୁସି ଲାଗୁଛି। ଏଥିରେ ସ୍ୱୟମ୍ ଭାଇ ଓ ସଂଜୁ ମହାନ୍ତି କଣ୍ଠଦାନ କରିଛନ୍ତି। ମୁଁ, ରାଜରାଜେଶ, ସ୍ୱୟମ୍ ଭାଇ ଏବଂ କ୍ରିଷ୍ଣା ଅଭିନୟ କରିଛୁ। ଏଥିପାଇଁ ମାସେ କାଳ ପରିଶ୍ରମ କରିଛୁ। ସ୍ୱୟମ୍ ଭାଇଙ୍କୁ ବିଶେଷ ଧନ୍ୟବାଦ ଦେବି। ଆଉ ଗୋଟିଏ ବିଶେଷ କଥା ହେଉଛି, ପୂର୍ବରୁ ସ୍ୱୟମ୍ ଭାଇ ଗାଇଥିବା ହିଟ୍ ଗୀତ ଯେମିତି 'ପାଟେଣି ଖାସି', 'ତେଲୁଗୁ ସୁନ୍ଦରୀ', 'ଖଜୁରି ତାଡ଼ି', 'ଭୂଗୋଳରେ ଶହେ ରହୁଥିଲା' ସବୁର ଲାଇନ୍ ଏହି ଗୋଟିଏ ଗୀତରେ ଅଛି। ଏହିପରି ଭାବେ ସେ ଏହି ଗୀତରେ କିଛି ନିଆରା କରିବାକୁ ଚେଷ୍ଟା କରିଛନ୍ତି। ଅନ୍ୟପଟେ ଗଣେଶ ପୂଜାରୁ ପାର୍ବଣ ଋତୁ ଆରମ୍ଭ ହୋଇଯାଏ। ଗୀତଟିକୁ ମେଲୋଡ଼ିବାଲା ଉଠେଇ ସାରି ଥିବାବେଳେ ଡିଜେ ବାଲା ବି ଏହାର ଭର୍ସନ ବାହାର କରିଛନ୍ତି। ସବୁବେଳେ ପୂଜା ତଥା ଭସାଣିରେ ଡ୍ୟାନ୍ସ ଗୀତ ଲୋକେ ଆଶା କରନ୍ତି। ଭାବୁଛି ସେହି ଆଶା ପୂରଣ କରିଛୁ।

**ଏବେ ବି ଝିଲି ନାଁରେ ପରିଚିତ? କେମିତି ଲାଗେ?**

- ଓଡ଼ିଶା ମୋତେ ଗୋଟେ ଦ୍ୱିତୀୟ ନାଁ ଦେଇ ଦେଇଛି 'ଝିଲି'। ଘରେ ଘରେ ନିକିତା ନାଁରେ ନ ଜାଣିଲେ ବି କିଛି ବି ଖରାପ ଲାଗେନି। ଏଇଟା ମୋ ପାଇଁ ଦର୍ଶକଙ୍କ ଆଶୀର୍ବାଦ। ମୁଁ ଯେଉଁ ଚରିତ୍ର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଥିଲି, ସେଇଟା ଲୋକଙ୍କ ମନରେ ଅଛି ଏବଂ ଜୀବନଯାକ ରହିବ।

**ସିରିଏଲ୍, ସିନେମା, ମ୍ୟୁଜିକ ଭିଡିଓ ମଧ୍ୟରୁ ପ୍ରଥମ ପ୍ରାଥମିକତା କାହାକୁ ଦେବେ ?**

- ପ୍ରଥମତଃ ସିନେମାକୁ ଯିବ। ବର୍ତ୍ତମାନ ସମୟରେ ମ୍ୟୁଜିକାଲ ଭିଡିଓ ଭଲ। ଆଜି ଏମିତି ବି ଓଡ଼ିଶାରେ ବହୁତ ନିର୍ମାତା ଅଛନ୍ତି, ଯେଉଁମାନେ କହନ୍ତି, ମ୍ୟୁଜିକ ଭିଡିଓ କଲେ ବଡ଼ ପରଦାରେ କାମ ମିଳିବ ନାହିଁ। ଏହା ସବୁଠୁ ବଡ଼ ଭୁଲ ଧାରଣା। ଲୋକେ ଯେଉଁ ମାଧ୍ୟମରେ ଗ୍ରହଣ କରୁଛନ୍ତି, ଜଣେ ଯେଉଁଥିରେ ଭଲ ପ୍ରଦର୍ଶନ କରୁଛି ଭଲ କାମ କରି, ସେଥିରେ ତାହାକୁ ପ୍ରାଥମିକତା ଦେବା ଜରୁରି।

**ସାମାଜିକ ଗଣମାଧ୍ୟମରେ କେତେ ସକ୍ରିୟ?**

- ମୁଁ ବହୁତ ଆକ୍ଟିଭ୍। ହ୍ୱାଟ୍ସଆପ୍ ପରେ ମୁଁ ସବୁଠୁ ଅଧିକ ଇନ୍‌ଷ୍ଟାଗ୍ରାମ ହିଁ ବ୍ୟବହାର କରେ। ୟୁଟ୍ୟୁବ୍‌ରେ ବି ନିକିତା ମିଶ୍ର ଲାଇଫ୍ ଷ୍ଟାଇଲ୍ ନାଁରେ ମୋର ପେଜ୍ ଅଛି। ୩୦ ହଜାର ସବସ୍କ୍ରାଇବର ଅଛନ୍ତି। ବର୍ଷକୁ ଗୋଟିଏ ଭିଡିଓ ପୋଷ୍ଟ କରେ। କିଛି ନିର୍ମାତା କହିଥିଲେ ଯଦି ସବୁଦିନ କ'ଣ ଖାଉଛୁ, କୁଆଡ଼େ ଯାଉଛୁ, କୋଉଠି ବୁଲୁଚୁ, କାହା ସାଙ୍ଗରେ ବୁଲୁଚୁ, ବସୁଚୁ ଉଠୁଚୁ ଛାଡ଼ିବୁ କେବେ ବି ଲୋକଙ୍କ ନଜରରେ ସ୍ୱତନ୍ତ୍ର ହୋଇପାରିବୁ ନାହିଁ। ୟୁଟ୍ୟୁବ୍‌ରେ ବ୍ୟକ୍ତିଗତ ଓ ବୃତ୍ତିଗତ ସବୁ ଜାଣିଲେ, କିଏ କାହିଁ କାମକୁ ଗୁରୁତ୍ୱ ଦେବ। ଏକଥା ଶୁଣି ଅବଶ୍ୟ ବ୍ଲଗ୍ ବନ୍ଦ କରିଥିଲି, କିନ୍ତୁ ମଝିରେ ମଝିରେ ସର୍ଟସ କରେ। ମୁଁ ଭାବେ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ନିଜ ପ୍ରୋଜେକ୍ଟ ଓ ନିଜର ଭାବନାକୁ ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରୁଛି।

**ଆଗାମୀ ଯୋଜନା କ'ଣ?**

- 'ଗେଣ୍ଡୁଫୁଲ' ପରେ ବହୁତ ଟ୍ରେଣ୍ଡରେ ଚାଲିଛି ମୋର 'ଠୁମ୍‌କା।' ସେହିପରି ନିକଟରେ 'ପ୍ରକାଶ ମ୍ୟୁଜିକ୍'ର 'ଅଣ୍ଟାବିଛା' ଆସିଛି। ଏହା ମଧ୍ୟ ଏକ ପେପି ନମ୍ବର ଗୀତଟି। ଏହାରି ଭିତରେ ରୋମାଣ୍ଟିକ୍ ଗୀତ 'ବର୍ଷାଭିଜା 'ଓଢ଼ଣି'କୁ ଲୋକଙ୍କ ଭଲ ପାଇବା ମିଳିଛି। ଏଥିରେ ମଧ୍ୟ ନବାଗତ ହିରୋଙ୍କ ସହିତ କାମ କରିଛି। ଗଣେଶ ପୂଜା ପରଠୁ ମାଇକ୍ରୋଡ୍ରାମା ସୁଟିଂ ଆରମ୍ଭ ହେବ। ଆଗକୁ ରାଜ୍ ରାଜେଶଙ୍କ ସହ ସିନେମା ଆସୁଛି। ରିଲିଜ ତାରିଖ ଖୁବ୍‌ଶୀଘ୍ର ସାମ୍ନାକୁ ଆସିବ।

**ପ୍ରଶଂସକଙ୍କୁ କ'ଣ କହିବେ?**

- ପ୍ରଶଂସକମାନେ ମୋର ପରିବାର। ସେମାନଙ୍କ ପାଇଁ ଆଜି ମୁଁ। ଯଦି ସେମାନେ ଦେଖିବେନି, ଭଲପାଇବା ଦେବେନି, ପ୍ରଶଂସା କରିବେନି, ତେବେ ପ୍ରୋତ୍ସାହନ ମିଳିବ ନାହିଁ। ସିରିଏଲ୍ ସରିବାର ତିନି ବର୍ଷ ପରେ ବି ଏବେ ବି ପ୍ରଶଂସକଙ୍କ ସେହି ଭଲପାଇବା ମୋ ପ୍ରତି ରହିଛି। ତେଣୁ ମୁଁ ଭାଗ୍ୟବାନ। କାରଣ ସମସ୍ତେ କହନ୍ତି, ଯେତିକି ଦିନ ସିରିଏଲ୍ ଚାଲେ, ଲୋକେ ମନେ ରଖନ୍ତି, ତା'ପରେ ଭୁଲିଯାନ୍ତି। ହେଲେ ଲୋକେ ମନେ ରଖିଥିବାରୁ ପଛକୁ ପଛ ୪ଟା ମ୍ୟୁଜିକ ଭିଡିଓ କରିସାରିଲିଣି। ଛୁଆବେଳୁ ଯେମିତି ଭଲପାଇବା ଓଡ଼ିଶାବାସୀ ଦେଇ ଆସୁଛନ୍ତି, ଆଗକୁ ମଧ୍ୟ ସେମିତି ଭଲପାଇବା ରହିବ, ଏତିକି ଆଶା ରଖିବି। ■

# ମୁମ୍ବାଇରେ 'ଦାହାନ'ର ପ୍ରିମିୟର

ନିକଟରେ ପ୍ରେକ୍ଷାଳୟକୁ ଆସିଛି 'ଦାହାନ'। ତେବେ ପ୍ରଥମଥର ପାଇଁ ମୁମ୍ବାଇରେ ଏକ ଓଡ଼ିଆ ଚଳଚ୍ଚିତ୍ର 'ଦାହାନ: 'ଦି ଇଭିଲ୍ ୱିଦିନ୍'ର ପ୍ରିମିୟର ହୋଇଛି। ଓଡ଼ିଶାରୁ ମୁମ୍ବାଇ, ଓଲିଉଡ଼ ଏବେ ପହଞ୍ଚୁଛି ଭାରତୀୟ ସିନେମାର ହୃଦୟରେ। ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଅମୀୟ ପଟ୍ଟନାୟକ ପ୍ରଡକ୍‌ସନ ଏହି ପ୍ରୟାସ ଓଡ଼ିଆ ସିନେମାକୁ ଦେଉଛି ନୂଆ ପରିଚୟ। ଏହା କେବଳ ପ୍ରିମିୟର ନୁହେଁ, ଓଲିଉଡ୍‌ର ନୂଆ ଯାତ୍ରାର ଏକ ନୂଆ ଅଧ୍ୟାୟ। ଭିନ୍ନ ଭିନ୍ନ ପରିକଳ୍ପନାରେ ଗୋଟିଏ ପରେ ଗୋଟିଏ ଫିଲ୍ମ ସମ୍ପୂର୍ଣ୍ଣ ଭେଟି ଦେଉଛନ୍ତି ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ଟିଜର୍ ଏବଂ ଟ୍ରେଲରକୁ ଦର୍ଶକଙ୍କଠୁ ମିଳିଛି ଅହେତୁକ ଭଲପାଇବା। ■



● ଦୃଷ୍ଟିବାଧିତ ଏସିଆ କପ୍ କ୍ରିକେଟ୍

# ସମ୍ଭାବ୍ୟ ଭାରତୀୟ ଦଳରେ ୩ ଓଡ଼ିଆ





ଭୁବନେଶ୍ୱର, ୧୨।୯ (ସମିସ): ଦୃଷ୍ଟିବାଧିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ନଭେମ୍ବର ୧୩ ତାରିଖରୁ ଢାକାରେ ଆରମ୍ଭ ହେବ। ଏଥିଲାଗି ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ୍ ସଂଘ (କାଭି) ପକ୍ଷରୁ ୨୪ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଓଡ଼ିଶାର ୩ଜଣ ଖେଳାଳିଙ୍କୁ ସମ୍ଭାବ୍ୟ ଦଳରେ ନିଆଯାଇଛି। ସେମାନେ ହେଲେ ସୁଖରାମ ମାଝୀ, ନକୁଳ ବଡ଼ନାୟକ ଓ ଦେବରାଜ ବେହେରା। ଏହି ୨୪ ଜଣିଆ ଖେଳାଳିଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହାପରେ ୧୭ ଜଣିଆ ଚୂଡ଼ାନ୍ତ ଭାରତୀୟ ଦୃଷ୍ଟିହୀନ ଦଳ ଘୋଷଣା କରାଯିବ ବୋଲି କାଭି ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଦୃଷ୍ଟିବାଧିତ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିପୂର୍ବରୁ ୨୦୧୬ରେ କେରଳର କୋଚିରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା।

# ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିବା ପରେ ଆତ୍ମହତ୍ୟା କରିବାକୁ କହିଲେ ଦିବ୍ୟାଂଶୀ

ଜୟପୁର, ୧୨।୯ (ଏଜେନ୍ସି): ଏସୀୟ କ୍ରୀଡ଼ାରେ ଭାରତକୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ଭାଙ୍ଗିଯିବା ପରେ, ଭାରତୀୟ ଉଶୁ ଖେଳାଳି ଦିବ୍ୟାଂଶୀ ଚୌଧୁରୀ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି। ଏକ ଅତ୍ୟନ୍ତ ଭାବପ୍ରବଣ ଭିଡିଓ ସେୟାର କରି ଦିବ୍ୟାଂଶୀ ତାଙ୍କର ଯନ୍ତ୍ରଣା ପ୍ରକାଶ କରିଛନ୍ତି। ରାଜସ୍ଥାନର କୋଟାର ବାସିନ୍ଦା ଦିବ୍ୟାଂଶୀ କହିଛନ୍ତି ଯେ ଏସୀୟ କ୍ରୀଡ଼ା ପାଇଁ ବହୁତ ଦିନ ଧରି କଠିନ ପରିଶ୍ରମ କରିଥିଲି। ଏତେ ବଡ଼ ମଞ୍ଚରେ ଦେଶ ପାଇଁ ଖେଳିବାର ସ୍ୱପ୍ନ ଦେଖିଥିଲି। କିନ୍ତୁ ଏସୀୟ କ୍ରୀଡ଼ା ଦଳରୁ ବାଦ ଦିଆଯିବା ଖବର ମୋତେ ଗଭୀର ଭାବରେ ଆଘାତ ଦେଇଛି। ମାଆ ଓ ବାପା, ଦୟାକରି ମୋତେ କ୍ଷମା କରନ୍ତୁ... ମୁଁ ମରିବା ବିଷୟରେ କହୁଛି' ବୋଲି ଦିବ୍ୟାଂଶୀ କୋହଭରା କଣ୍ଠରେ କହୁଛନ୍ତି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୯ ତାରିଖରୁ ଏସୀୟ କ୍ରୀଡ଼ା ଜାପାନରେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ପାଇଁ ଭାରତୀୟ ଉଶୁ ଦଳ ଜୁନ ୨୩ରେ ଘୋଷଣା କରାଯାଇଥିଲା। ଗତକାଲି ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଦିବ୍ୟାଂଶୀଙ୍କୁ ବାଦ ଦିଆଯାଇଥିଲା। ତାଙ୍କ ସ୍ଥାନରେ ରୋଶିବିନା ଦେବୀଙ୍କୁ ଦଳରେ ସାମିଲ କରାଯାଇଥିଲା। ଦିବ୍ୟାଂଶୀ ଅଯୋଗ୍ୟ ଥିଲେ ବୋଲି ଭାରତୀୟ ଉଶୁ ସଂଘ ପକ୍ଷରୁ କୁହାଯାଇଛି।



## ଏସିଆନ୍ ଗେମ୍ସ ପୂର୍ବରୁ ଚୂଡାନ୍ତ ପ୍ରସ୍ତୁତି ଲକ୍ଷ୍ୟରେ ଭାରତ

# ଭାରତ-ଆଫଗାନିସ୍ତାନ ଟି-୨୦ ସିରିଜ ଆଜିଠୁ




ନୂଆଦିଲ୍ଲୀ,୧୨।୯ (ଏଜେନ୍ସି)

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ରବିବାରଠାରୁ ଆରମ୍ଭ ହେବ। ସିରିଜର ସମସ୍ତ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ଏହି ସିରିଜ ଆଫଗାନିସ୍ତାନ ପାଇଁ ବେଶ୍ ଐତିହାସିକ ହେବ। କାରଣ, ପ୍ରଥମଥର ପାଇଁ ଆଫଗାନିସ୍ତାନ ଭାରତୀୟ ମାଟିରେ ଭାରତ ବିପକ୍ଷରେ ନିଜର ଘରୋଇ ସିରିଜ ଖେଳିବାକୁ ଯାଉଛି। ଆଫଗାନିସ୍ତାନ ଗତ କିଛି ବର୍ଷ ଧରି ଭାରତର ଲକ୍ଷ୍ନୌ, ଡେରାଡୁନ୍ ଓ ଗ୍ରେଟର ନୋଏଡା ଭଳି ସହରକୁ ନିଜର ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଘରୋଇ ଭେନ୍ୟୁ ଭାବରେ ବ୍ୟବହାର କରିଆସିଛି। କିନ୍ତୁ ଭାରତ ବିପକ୍ଷରେ ଭାରତୀୟ ମାଟିରେ ଏଭଳି ଶୃଙ୍ଖଳା ପ୍ରଥମ। ସେପ୍ଟେମ୍ବର ୨୪ରୁ ଜାପାନରେ ଏସିଆନ୍ ଗେମ୍ସ କ୍ରିକେଟ ଆରମ୍ଭ ହେବ। ତା'ପୂର୍ବରୁ ଭାରତୀୟ ଦଳ ପାଇଁ ଏହି ଟି-୨୦ ଶୃଙ୍ଖଳା ଦଳୀୟ ସମନ୍ୱୟ ଓ ଖେଳାଳି ଚୟନ ପରୀକ୍ଷାର ଶେଷ ସୁଯୋଗ ହୋଇପାରେ। ବର୍ତ୍ତମାନ ଭାରତ ଟି-୨୦ ବିଶ୍ୱକପର ଚାମ୍ପିଅନ୍ ହୋଇଥିଲେ ମଧ୍ୟ ଗତ କିଛି ଦିନ ମଧ୍ୟରେ ଦଳର ପ୍ରଦର୍ଶନ ଆଶାନୁରୂପ ରହିନାହିଁ। ଜୁନ୍ ଶେଷରେ ବେଲ୍‌ଫାଷ୍ଟରେ ଆୟର୍ଲାଣ୍ଡ ବିପକ୍ଷରେ ଲଗାତାର ଦୁଇଟି ଟି-୨୦ ପରାଜୟରୁ ଦଳର ଖରାପ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏହାପରେ ଇଂଲଣ୍ଡ ନିକଟରୁ ଭାରତ ଟି-୨୦ ସିରିଜରେ ୪-୦ରେ ପରାସ୍ତ କରିଥିଲା। ଅବଶ୍ୟ ପରେ ଜିମ୍ବାୱେ ଗସ୍ତରେ ଭାରତୀୟ ଦଳ କିଛିଟା ଆତ୍ମବିଶ୍ୱାସ ଫେରାଇଥିଲା। ଚଳିତ ବର୍ଷର ଆରମ୍ଭରେ ଆଫଗାନିସ୍ତାନ ଭାରତ ଗସ୍ତରେ ଆସିଥିଲା। ଏକମାତ୍ର ଟେଷ୍ଟରେ ଭାରତ ଇନିଂସ୍ ଓ ୩୦୦ ରନ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ଏହାପରେ ଦିନିକିଆ ଶୃଙ୍ଖଳାରେ ମଧ୍ୟ ଭାରତ ୩-୦ରେ ସିରିଜ୍ ଜିତିଥିଲା। ଏବେ ଟି-୨୦ରେ ମଧ୍ୟ ଭାରତ ଏହି ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି।

ତିନି ମ୍ୟାଚ୍‌ର ଏହି ଶୃଙ୍ଖଳାରେ ଉଭୟ ଦଳର ଅନେକ ତାରକା ଖେଳାଳିଙ୍କ ଉପରେ ନଜର ରହିବ। ଭାରତ ପକ୍ଷରୁ ବୁମରା, ଅର୍ଶଦୀପ, ଅକ୍ଷର ଓ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂ ସହ ଶ୍ରେୟସ ଆୟର, ଅଭିଷେକ ଶର୍ମା ଓ ତିଳକ ବର୍ମାଙ୍କ ବ୍ୟାଟିଂ ଉପରେ ଦୃଷ୍ଟି ରହିବ। ଆଫଗାନିସ୍ତାନ ପାଇଁ ରାଶିଦ ଖାନ୍ ଓ ନବୀଙ୍କ ସ୍ପିନ୍ ସହ ଗୁରବାଜ୍ ଓ ଇବ୍ରାହିମ ଜାଦରାନଙ୍କ ବ୍ୟାଟିଂ ଗୁରୁତ୍ୱପୂର୍ଣ୍ଣ ହେବ।

**ଭାରତୀୟ ଦଳ** : ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ୍, ଈଶାନ କିଶନ (ଉଭୟ ୱିକେଟ୍‌କିପର୍), ତିଳକ ବର୍ମା (ଉପଅଧିନାୟକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ ଓ ଯଶ ଠାକୁର।

**ଆଫଗାନିସ୍ତାନ ଦଳ** : ଇବ୍ରାହିମ ଜର୍ଦାନ୍ (ଅଧିନାୟକ), ରହମାନୁଲ୍ଲା ଗୁରବାଜ୍, ନୁର ରହମାନ୍ (ୱିକେଟ୍‌କିପର୍), ସେଦିକୁଲ୍ଲା ଅଟଲ, ଡାରୱିଶ ରସୁଲି, ଅଜମତୁଲ୍ଲା ଓମରଜାଇ, ଗୁଲାବଦିନ୍ ନାଇବ୍, ମହମ୍ମଦ ନବୀ, ରଶିଦ ଖାନ୍, ନଙ୍ଗ୍ୟାଲ୍ ଖାରୋଟି, ନୁର ଅହମଦ, ମୁଜିବ ଉର୍ ରହମାନ୍, ଫଜଲହକ୍ ଫାରୁକି, ଅବଦୁଲ୍ଲା ଅହମଦଜାଇ ଓ ନବୀନ୍-ଉଲ୍-ହକ୍।

**ସିଧାପ୍ରସାରଣ: ସୋନି ସ୍ପୋର୍ଟ୍ସ, ଜିଓ ଟିଭି
ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦**

## ୨୦୨୬ରେ ଭାରତୀୟ କ୍ରିକେଟ ଦଳର ଖେଳସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| **ବନାମ ଆଫଗାନିସ୍ତାନ (ଦେଶରେ)** | | |
| ସେପ୍ଟେମ୍ବର୧୩ | ପ୍ରଥମ ଟି-୨୦ | ନୂଆଦିଲ୍ଲୀ |
| ସେପ୍ଟେମ୍ବର୧୫ | ଦ୍ୱିତୀୟ ଟି-୨୦ | ନୂଆଦିଲ୍ଲୀ |
| ସେପ୍ଟେମ୍ବର୧୭ | ତୃତୀୟ ଟି-୨୦ | ନୂଆଦିଲ୍ଲୀ |
| **ବନାମ ଜାପାନ (ବିଦେଶରେ)** | | |
| ସେପ୍ଟେମ୍ବର ୨୨ | ଏକମାତ୍ର ଟି-୨୦ | ନାନୋ |
| **ଏସିଆନ୍ ଗେମ୍ସ (ବିଦେଶରେ)** | | |
| ସେପ୍ଟେମ୍ବର ୨୮ | କ୍ୱାର୍ଟରଫାଇନାଲ | ନିଶିନ |
| ଅକ୍ଟୋବର ୦୧ | ସେମିଫାଇନାଲ | ନିଶିନ |
| ଅକ୍ଟୋବର ୦୩ | ଫାଇନାଲ | ନିଶିନ |
| **ବନାମ ୱେଷ୍ଟଇଣ୍ଡିଜ୍ (ଦେଶରେ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ସେପ୍ଟେମ୍ବର ୨୭ | ପ୍ରଥମ ଦିନିକିଆ | ତ୍ରିଭାନ୍ଦ୍ରମ୍ |
| ସେପ୍ଟେମ୍ବର ୩୦ | ଦ୍ୱିତୀୟ ଦିନିକିଆ | ଗୁଆହାଟୀ |
| ଅକ୍ଟୋବର ୩ | ତୃତୀୟ ଦିନିକିଆ | ମୁଲାନପୁର |
| **ଟି-୨୦** | | |
| ଅକ୍ଟୋବର ୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |
| **ବନାମ ନ୍ୟୁଜିଲାଣ୍ଡ (ବିଦେଶରେ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ଅକ୍ଟୋବର ୨୨ | ପ୍ରଥମ ଟି-୨୦ | ଖ୍ରୀଷ୍ଟଚର୍ଚ୍ଚ |
| ଅକ୍ଟୋବର ୨୪ | ଦ୍ୱିତୀୟ ଟି-୨୦ | ଖ୍ରୀଷ୍ଟଚର୍ଚ୍ଚ |
| ଅକ୍ଟୋବର ୨୭ | ତୃତୀୟ ଟି-୨୦ | ୱେଲିଂଟନ |
| ଅକ୍ଟୋବର ୩୦ | ଚତୁର୍ଥ ଟି-୨୦ | ଅକ୍‌ଲାଣ୍ଡ |
| ନଭେମ୍ବର ୦୧ | ପଞ୍ଚମ ଟି-୨୦ | ହାମିଲଟନ |
| **ଦିନିକିଆ** | | |
| ନଭେମ୍ବର ୦୪ | ପ୍ରଥମ ଦିନିକିଆ | ଅକ୍‌ଲାଣ୍ଡ |
| ନଭେମ୍ବର ୦୭ | ଦ୍ୱିତୀୟ ଦିନିକିଆ | ୱେଲିଂଟନ |
| ନଭେମ୍ବର ୧୦ | ତୃତୀୟ ଦିନିକିଆ | ହାମିଲଟନ |
| ନଭେମ୍ବର ୧୩ | ଚତୁର୍ଥ ଦିନିକିଆ | ବେ' ଓଭାଲ |
| ନଭେମ୍ବର ୧୫ | ପଞ୍ଚମ ଦିନିକିଆ | ବେ' ଓଭାଲ |
| **ଟେଷ୍ଟ** | | |
| ୧୯ରୁ୨୩।୧୧ | ପ୍ରଥମ ଟେଷ୍ଟ | ୱେଲିଂଟନ |
| ୨୭ରୁ୦୧।୧୨ | ଦ୍ୱିତୀୟ ଟେଷ୍ଟ | ଖ୍ରୀଷ୍ଟଚର୍ଚ୍ଚ |
| **ବନାମ ଶ୍ରୀଲଙ୍କା (ଦେଶରେ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ଡିସେମ୍ବର ୧୩ | ପ୍ରଥମ ଦିନିକିଆ | ନୂଆଦିଲ୍ଲୀ |
| ଡିସେମ୍ବର ୧୬ | ଦ୍ୱିତୀୟ ଦିନିକିଆ | ବେଙ୍ଗାଲୁରୁ |
| ଡିସେମ୍ବର ୧୯ | ତୃତୀୟ ଦିନିକିଆ | ଅହମ୍ମଦାବାଦ |
| **ଟି-୨୦** | | |
| ଡିସେମ୍ବର ୨୨ | ପ୍ରଥମ ଟି-୨୦ | ରାଜକୋଟ |
| ଡିସେମ୍ବର ୨୪ | ଦ୍ୱିତୀୟ ଦିନିକିଆ | କଟକ |
| ଡିସେମ୍ବର ୨୭ | ତୃତୀୟ ଦିନିକିଆ | ପୁଣେ |
| **୨୦୨୭: ଜିମ୍ବାୱେ ଓ ଅଷ୍ଟ୍ରେଲିଆ (ଦେଶରେ)** | | |

(ଜାନୁଆରୀ ୩, ୬ ଓ ୯ରେ ଜିମ୍ବାୱେ ସହ ୩ ଦିନିକିଆ ଓ ଅଷ୍ଟ୍ରେଲିଆ ସହ ଜାନୁଆରୀ ମାର୍ଚ୍ଚ ୩ ମଧ୍ୟରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ।)

**ୟୁଏସ୍ ଓପନ୍**

# ପ୍ରଥମଥର ଫାଇନାଲରେ ସେଲଟନ୍

ନ୍ୟୁୟର୍କ, ୧୨।୯ (ଏଜେନ୍ସି): ଘରୋଇ ଆମେରିକା ତାରକା ବେନ୍ ସେଲଟନ୍ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଆର୍ଥର ଆସ୍ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଅଲ୍-ଆମେରିକାନ ସେମିଫାଇନାଲ ମ୍ୟାଚରେ ଅଷ୍ଟମ ସିଡ୍ ସେଲଟନ୍ ଓ ୧୧ତମ ସିଡ୍ ଫ୍ରାନ୍ସିସ ଟିଆଫୋଏ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ୩ ଘଣ୍ଟା ୧୭ ମିନିଟ୍ ଲଢ଼େଇ କରି ଶେଷରେ ସେଲଟନ୍ ୪-୬, ୬-୩, ୬-୩, ୭-୫ ସେଟରେ ବିଜୟୀ ହୋଇଥିଲେ। ଫଳରେ ୨୩ ବର୍ଷୀୟ ସେଲଟନ୍ ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି କୌଣସି ଏକ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଛନ୍ତି। ରବିବାର ଫାଇନାଲରେ ସେଲଟନଙ୍କ ମୁକାବିଲା ଟପ୍ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଜର୍ମାନୀ ତାରକା ଜ୍ୱେରେଭ ୬-୩, ୭-୬ (୯/୭), ୭-୬ (୮/୬) ସେଟ୍‌ରେ ରୁଷିଆର କାରେନ ଖାଚାନୋଭଙ୍କୁ ହରାଇଥିଲେ। ୨୯ ବର୍ଷୀୟ ଜ୍ୱେରେଭଙ୍କ କ୍ୟାରିୟରର ଚତୁର୍ଥ ଓ ଚଳିତ ସିଜନରେ ତୃତୀୟଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିପୂର୍ବରୁ ସେ ଚଳିତ ବର୍ଷ ଫ୍ରେଞ୍ଚ ଓପନରେ ଚାମ୍ପିଅନ ଓ ୱିମ୍ବଲଡନରେ ରନର୍ସଅପ୍ ହୋଇଥିଲେ।



### ସିନିଆକୋଭା-ଟାଉନସେଣ୍ଡ ଯୋଡ଼ିଙ୍କ କ୍ୟାରିୟର ଗ୍ରାଣ୍ଡସ୍ଲାମ

ୟୁଏସ୍ ଓପନ୍ ମହିଳା ଡବଲ୍ସରେ ଟପ୍ ସିଡ୍ କାଟେରିନା ସିନିଆକୋଭା ଓ ଟେଲର ଟାଉନସେଣ୍ଡ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସିନିଆକୋଭା-ଟାଉନସେଣ୍ଡ ଯୋଡ଼ି ୫-୭, ୬-୦, ୬-୨ ସେଟରେ ଆମେରିକୀୟ ଯୋଡ଼ି ଆଶଲିନ କର୍ଗର ଓ ରବିନ ମୋଣ୍ଟଗୋମି ଯୋଡ଼ିଙ୍କୁ ହରାଇଥିଲେ। ଏଥିସହ କାଟେରିନା-ଟେଲର ଯୋଡ଼ି କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଛନ୍ତି। ଏହି ଯୋଡ଼ି ପୂର୍ବରୁ ୨୦୨୪ରେ ୱିମ୍ବଲଡନ, ୨୦୨୫ରେ ଅଷ୍ଟ୍ରେଲିଆନ ଓ ଫ୍ରେଞ୍ଚ ଓପନ୍‌ର ମହିଳା ଡବଲ୍ସରେ ଚାମ୍ପିଅନ ହୋଇଥିଲେ।

● ପାକିସ୍ତାନର ହ୍ୟାଟ୍ରିକ ପରାଜୟ

# ଟେଷ୍ଟ ସିରିଜକୁ କ୍ଲିନ୍‌ସୁଇପ୍ କଲା ଇଂଲଣ୍ଡ

ବର୍ମିହାମ, ୧୨।୯ (ଏଜେନ୍ସି): ଅଧିନାୟକ ଜୋ ରୁଟ୍ ଓ ଜୋର୍ଡାନ କକ୍ସଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ପାକିସ୍ତାନ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟରେ ଇଂଲଣ୍ଡ ୮ ୱିକେଟରେ ବିଜୟୀ ହୋଇଛି। ୧୩୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଇଂଲଣ୍ଡ ଶନିବାର ଚତୁର୍ଥ ଦିବସରେ ୨୪.୨ ଓଭର ଖେଳି ଦୁଇଟି ୱିକେଟ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଥମ ଓଭରରେ ଇଂଲଣ୍ଡର ଦୁଇ ଓପନର୍ ଇମିଲିଓ ଗେ ଓ ବେନ୍ ଡକେଟଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ୍ କରି ମହମ୍ମଦ ଆବାସ ପାକିସ୍ତାନକୁ ଭଲ ଆରମ୍ଭ ଦେଇଥିଲେ। ତେବେ ଅଭିଜ୍ଞ ରୁଟ୍ ଓ ଜୋର୍ଡାନ ଯୋଡ଼ି ଆଉ କୌଣସି କ୍ଷତି ହେବାକୁ ନ ଦେଇ ଇଂଲଣ୍ଡକୁ ୮ ୱିକେଟରେ ଜିତାଇଥିଲେ। ରୁଟ୍ ୬୨ ଓ ଜୋର୍ଡାନ ୫୯ ରନରେ ଅପରାଜିତ ରହିଥିଲେ। ପୂର୍ବରୁ ଏହି ମ୍ୟାଚର ପ୍ରଥମ ପାଳିରେ ପାକିସ୍ତାନର ୧୩୩ ରନ ଜବାବରେ ଇଂଲଣ୍ଡ ୪୫୩ ରନ କରିଥିଲା। ୩୨୦ ରନ ପଛରେ ଥାଇ ପାକିସ୍ତାନ ଦ୍ୱିତୀୟ ପାଳିରେ ୪୪୯ ରନରେ ସୀମିତ ରହିଥିଲା। ପୂର୍ବରୁ ପ୍ରଥମ ଦୁଇଟି ଟେଷ୍ଟକୁ ଇଂଲଣ୍ଡ ଯଥାକ୍ରମେ ଇନିଂସ ଓ ୧୦୩ ରନ ଏବଂ ୧୯୪ ରନରେ ଜିତିଥିଲା। ଏବେ ତୃତୀୟ ଟେଷ୍ଟକୁ ଜିତି ଇଂଲଣ୍ଡ ୩-୦ରେ ଟେଷ୍ଟ ସିରିଜକୁ କ୍ଲିନ୍‌ସୁଇପ୍ କରିନେଇଛି। ୩-୦ରେ ବିଜୟ ସତ୍ତ୍ୱେ ଇଂଲଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ ଟେବୁଲରେ ମାତ୍ର ଗୋଟିଏ ସ୍ଥାନ ଉପରକୁ ଉଠି ୬ଷ୍ଠରେ ରହିଛି।

■ ଏସିଆ କପ୍ ଜୁନିଅର ମହିଳା ହକି

# ଫାଇନାଲରେ ଭାରତ; ଆଜି ଚାଇନା ସହ ଟାଇଟଲ୍ ଲଢ଼େଇ

ମୋକି, ୧୨।୯ (ଏଜେନ୍ସି): ପୁରୁଷଙ୍କ ଭଳି ଭାରତୀୟ ମହିଳା ହକି ଦଳ ମଧ୍ୟ ଚାଇନାରେ ଚାଲିଥିବା ଏସିଆ କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଶନିବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ୫-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଭାରତୀୟ ଦଳ ପକ୍ଷରୁ ସୁପ୍ରିୟା ହ୍ୟାଟ୍ରିକ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ସୁଖବୀର ଓ ସିଦାରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ରବିବାର ଭାରତ ଓ ଚାଇନା ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ଅନ୍ୟ ଏକ ସେମିଫାଇନାଲରେ ଆୟୋଜକ ଚାଇନା ୬-୦ ଗୋଲରେ ଜାପାନକୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଭାରତୀୟ ମହିଳା ହକି ଦଳ ରେକର୍ଡ ଚତୁର୍ଥଥର ଲାଗି ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛି। ଏଥିପୂର୍ବରୁ ଭାରତ ୨୦୨୩ ଓ ୨୦୨୪ରେ କ୍ରମାଗତ ଦୁଇଟି ସଂସ୍କରଣରେ ଚାମ୍ପିଅନ ହୋଇଥିଲା। ସେହିଭଳି ୨୦୧୨ରେ ଦଳ ରନର୍ସଅପ୍ ରହିଥିଲା।




### ପୁରୁଷ ଦଳ ମଧ୍ୟ ଆଜି ଫାଇନାଲ ଖେଳିବ

ଭାରତୀୟ ଜୁନିଅର ପୁରୁଷ ହକି ଦଳ ମଧ୍ୟ ଏସିଆ କପ୍ ହକିର ଫାଇନାଲରେ ପ୍ରବେଶ କରିଛି। ଅନମୋଲ୍ ଏକ୍କାଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗତକାଲି ସେମିଫାଇନାଲରେ ୩-୧ ଗୋଲରେ ମାଲେସିଆକୁ ହରାଇଥିଲା। ରବିବାର ସ୍ୱର୍ଣ୍ଣ ପଦକ ମୁକାବିଲାରେ ଭାରତ ଓ ଦକ୍ଷିଣ କୋରିଆ ସାମ୍ନାସାମ୍ନି ହେବେ। ଦକ୍ଷିଣ କୋରିଆକୁ ହରାଇ ଭାରତ ରେକର୍ଡ ଷଷ୍ଠଥର ଲାଗି ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି।

# ନିଖିଳ ଓଡ଼ିଶା ସିକ୍ସରେଡ୍ ସ୍ନୁକର ଆଜିଠୁ




ଭୁବନେଶ୍ୱର, ୧୨।୯ (ସମିସ)

ଗୋଲ୍ଡେନ କିଙ୍ଗ ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବ। କଟକ ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଟି-୨୦ ଫର୍ମାଟରେ ଏହି ସ୍ନୁକର ପ୍ରତିଯୋଗିତା ଖେଳାଯିବ। ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଦ୍ୱିତୀୟ ସଂସ୍କରଣରେ ମୋଟ୍ ୪୪ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏଥର ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଖେଳାଳିଙ୍କୁ ୧୨ ହଜାର ଏବଂ ସେମିଫାଇନାଲରେ ପରାଜିତ ଦୁଇ ଖେଳାଳିଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ସେହିଭଳି କ୍ୱାର୍ଟର ଫାଇନାଲରେ ହାରିଥିବା ଖେଳାଳିଙ୍କୁ ୨୫୦୦ ଟଙ୍କା, ସର୍ବାଧିକ ବ୍ରେକ୍ କରିଥିବା ଖେଳାଳିଙ୍କୁ ୫ ହଜାର ଟଙ୍କା ଦିଆଯିବ ବୋଲି ଶନିବାର ସମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ସଂଘର ସମ୍ପାଦକ ସମୀର ଅଲି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗୋଲ୍ଡେନ କିଙ୍ଗ ସ୍ନୁକର ସେଣ୍ଟର ମାଲିକ ଜ୍ଞାନରଞ୍ଜନ ବେହେରା, ଜାତୀୟ ଜୁନିଅର ଚାମ୍ପିଅନ ଆଶୁତୋଷ ପାଢ଼ୀ, ଫତେ ସିଂହ, ପୂର୍ବତନ ରାଜ୍ୟ ଚାମ୍ପିଅନ ଆକାଶ ମହାପାତ୍ର, ଆୟୋଜକ କମିଟିର ସଦସ୍ୟ ଅଞ୍ଜୁ କୁମାର ପଣ୍ଡା, ବରୁଣ ପୂର୍ବା ପ୍ରମୁଖ ଉପସ୍ଥିତ ରହିଥିଲେ। ଗତବର୍ଷ ଅନୁଷ୍ଠିତ ପ୍ରଥମ ସିଜନରେ ଆଶୁତୋଷ ପାଢ଼ୀ ଚାମ୍ପିଅନ ହୋଇଥିଲେ।

# ସନ୍ତରଣ ଚାମ୍ପିଅନ ଆଦ୍ୱିକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୨।୯ (ସମିସ): ନିକଟରେ ବ୍ୟାଙ୍କକରେ ଶେଷ ହୋଇଥିବା ଏସିଆନ ସ୍କୁଲ ଆମନ୍ତ୍ରଣୀୟ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରି ଓଡ଼ିଶାର କୁନି ସନ୍ତରଣକାରୀ ଆଦ୍ୱିକା ଉତ୍କଳ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ୮ ବର୍ଷୀୟା ଆଦ୍ୱିକା ଏହି ଚାମ୍ପିଅନସିପ୍‌ରେ ୭ଟି ପଦକ ଜିତିଥିଲେ। ଯେଉଁଥିରେ ୫ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଥିଲା। ଏଥିସହ କଟକର ଏହି କୁନି ପ୍ରତିଭା ୩ଟି ନୂତନ ରେକର୍ଡ ମଧ୍ୟ ସୃଷ୍ଟି କରିଥିଲେ। ସେ ୫୦ ମିଟର୍ ଫ୍ରିଷ୍ଟାଇଲ ଇଭେଣ୍ଟକୁ ୩୩.୧୦ ସେକେଣ୍ଡରେ ଫିନିଶ କରି ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ରେକର୍ଡ ୧୫.୫୭ ସେକେଣ୍ଡରେ ୨୫ ମିଟର୍ ଫ୍ରିଷ୍ଟାଇଲକୁ ଶେଷ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତୃତୀୟ ରେକର୍ଡଟି ଆଦ୍ୱିକା ୫୦ ମିଟର୍ ବଟରଫ୍ଲାଇ ଇଭେଣ୍ଟରେ କରିଥିଲେ। ଏହି ଅବସରରେ ଦି ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ ପକ୍ଷରୁ ଆଦ୍ୱିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ କ୍ୟାମ୍ପସରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଏନ ଗ୍ରୁପର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାଏକ ଉତ୍ତରୀୟ ଓ ଏକଲକ୍ଷ ଟଙ୍କାର ଚେକ୍ ଆଦ୍ୱିକାଙ୍କୁ ପ୍ରଦାନ କରି କରିଥିଲେ। ଉଲ୍ଲେଖଯୋଗ୍ୟ ଆଦ୍ୱିକା ବର୍ତ୍ତମାନ ଦି ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢ଼ୁଛନ୍ତି।



# ବାରବାଟୀରେ ୧୦୬ ଅମ୍ପାୟାରଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର,୧୨।୯ (ସମିସ): ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ସ୍ଥିତ ସମ୍ମିଳନୀ କକ୍ଷରେ ଶନିବାରଠାରୁ ଦୁଇଦିନିଆ ଅମ୍ପାୟାର ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ୧୦୬ ଜଣ ଅମ୍ପାୟାର ଏଥିରେ ଯୋଗଦେଇଛନ୍ତି। ଆଇସିସି ଓ ବିସିସିଆଇର ନୂଆ ନିୟମ, ଖେଳ ପରିସ୍ଥିତି ଓ ବିଧିବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ଦିଆଯାଉଛି। ବରିଷ୍ଠ ଅମ୍ପାୟାର ସୁବ୍ରତ ଦାସ, ଅରୁଣ କୁମାର ବାସା ଓ ଧୀରଜ ସିଂହ ଅଧିବେଶନ ପରିଚାଳନା କରୁଛନ୍ତି। ଓସିଏ ସିଇଓ ସୁବ୍ରତ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଉକ୍ତମାନର ଅମ୍ପାୟାରିଂ ଉପରେ ଗୁରୁତ୍ୱ ଦେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS